R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୨
ତିଥି: ପଞ୍ଚମୀ
୧୭ ଅଗଷ୍ଟ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 312
17 August 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଅଗଷ୍ଟ ଶେଷ ଯାଏଁ କମିବନି ବନ୍ୟା ଯନ୍ତ୍ରଣା

ଭୁବନେଶ୍ୱର,୧୬।୭,(ସବ୍ୟୁ): ଧାଡ଼ିକୁ ଧାଡ଼ି ଲାଗି ଆସୁଛି ଲଘୁଚାପ । ଗୋଟିଏ ନଯାଉଣୁ ଆଉ ଏକ ଲଘୁଚାପ ସୃଷ୍ଟି ହେଉଛି । ଚାଷ ଗଲା, ବାସ ଗଲା, ପେଟରେ ପଡ଼ିଲା ଓଦା କନା । ପ୍ରଥମ ବନ୍ୟା ପରେ ଦ୍ୱିତୀୟ ବନ୍ୟା ବଢାଇ ଦେଲା ବିପନ୍ନଙ୍କ ଦୁର୍ଦ୍ଦଶା । ବୈତରଣୀର ପ୍ରଥମ ବନ୍ୟାରେ ବିପନ୍ନ ଅଣ୍ଟା ସଳଖି ନଥିଲା ବେଳେ ପୁଣି ବନ୍ୟା ଦାଉ ସାଧୁଛି । ବର୍ତ୍ତମାନ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗି ରହିଛି । ବିଶେଷ କରି ଉତ୍ତର ଓଡ଼ିଶାରେ ଅତି ପ୍ରବଳ ବର୍ଷା ହେଉଛି । ଲଘୁଚାପ ଦୁର୍ବଳ ହୋଇନଥିବା ବେଳେ ଆସନ୍ତା ୨୫ ତାରିଖରେ ପୁଣି ଆସୁଛି ଲଘୁଚାପ ।

ଆହୁରି ଘନୀଭୂତ ହୋଇ ଲଘୁଚାପ କ୍ଷେତ୍ର ରବିବାର ଅପରାହ୍ନ ୨ଟା ୩୦ରେ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର ଭାବେ ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତର ଓଡିଶା ଉପକୂଳରେ ସକ୍ରିୟ ରହିଛି । ଉତ୍ତର-ପଶ୍ଚିମ ଦିଗରେ ଗତି କରି ଏହା ୧୨ ଘଣ୍ଟାରେ ଅବପାତ ରୂପ ନେବାର ସମ୍ଭାବନା ଅଛି । ଏହା ପ୍ରଭାବରେ ଆସନ୍ତାକାଲି(ସୋମବାର) ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । (୯ ପୃଷ୍ଠାରେ)

- ଆଜି ଅବପାତର ରୂପ ନେବ
- ବିପଦ ସଙ୍କେତ ଉପରେ ବୈତରଣୀ
- ବ୍ରାହ୍ମଣୀରେ ସ୍ଥିତି ସଙ୍ଗୀନ
- ୨୫ରେ ଆସୁଛି ଆଉ ଏକ ଲଘୁଚାପ
- ୩ ଜିଲ୍ଲାକୁ ରେଡ ଆଲର୍ଟ
- ସାରା ଦେଶରେ ବର୍ଷା କମିଲା
- ଓଡ଼ିଶାରେ ସ୍ୱାଭାବିକଠୁ ଅଧିକ ବର୍ଷିଲା



## ଆଗାମୀ ୩ ଦିନ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟ ସଚିବ

### ୩ ଅଧିକାରୀଙ୍କୁ ୩ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର,୧୬।୭,(ସବ୍ୟୁ): ରାଜ୍ୟରେ ବନ୍ୟା ସ୍ଥିତି, ପ୍ରସ୍ତୁତି ଓ ପରିଚାଳନା ନେଇ ମୁଖ୍ୟ ସଚିବ ଅନୁଗର୍ଗ ଏକ ସମୀକ୍ଷା କରିଛନ୍ତି । ସ୍ଥିତିର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭିନ୍ନ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଶକ୍ତି ଓ ଇଲେକ୍ଟ୍ରୋନିକସ ଏବଂ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, (୯ ପୃଷ୍ଠାରେ)

## ଭଦ୍ରକରେ ପୁଣି ବନ୍ୟା: ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଭଦ୍ରକ,୧୬।୮,(ସବ୍ୟୁ): ଭଦ୍ରକ ଜିଲାକୁ ବନ୍ୟାରେ ପ୍ରଭାବିତ କରୁଥିବା ଦୁଇ ପ୍ରମୁଖ ନଦୀ ବୈତରଣୀ ଓ ସାଳନ୍ଦୀରେ ରବିବାର ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଶନିବାର ରାତିରୁ ଉଭୟ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି । ରବିବାର ସକାଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦା ଠାରେ ବିପଦ ସଙ୍କେତ ଅତିକ୍ରମ କରିଥିବା ବେଳେ ରାଜଘାଟ ଠାରେ ସାଳନ୍ଦୀ ନଦୀର ଜଳସ୍ତର ବିପଦ ସଙ୍କେତ ନିକଟତର ହୋଇଛି ।ଆଖୁଆପଦା ଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ରବିବାର ସକାଳ ୮ଟା ସମୟରେ ନଦୀର ଜଳସ୍ତର ୧୮.୩୯ ମିଟରରେ ପହଞ୍ଚିଛି । (୯ ପୃଷ୍ଠାରେ)

## କେନ୍ଦୁଝର ,ମୟୁରଭଞ୍ଜ ଜିଲ୍ଲାରେ ସ୍କୁଲ ,ଅଙ୍ଗନୱାଡି କେନ୍ଦ୍ର ଛୁଟି

କେନ୍ଦୁଝର,/ବାରିପଦା୧୬।୮:(ଜିପ୍ର/ସବ୍ୟୁ): ଲଘୁଚାପ ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପାଗ ମେଘୁଆ ରହିବା ସହ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା ରହିଛି । କେନ୍ଦୁଝର ଜିଲାପାଳ ଲଘୁଚାପ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସୋମବାର ଦିନ ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲ ସହିତ ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ଛୁଟି ଘୋଷଣା କରିଛନ୍ତି । ଏପରିକି ଯୋଡ଼ା ବ୍ଲକରେ ହେବାକୁ ଥିବା ଅଭିଯୋଗ ଶୁଣାଣି ମଧ୍ୟ ସ୍ଥଗିତ କରାଯାଇଛି ।

ସେହିପରି ଗତ ରାତିରୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଜାରି ରହିଥିବା ଭାରି ବର୍ଷାକୁ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶକ୍ରମେ (୯ ପୃଷ୍ଠାରେ)

## ଆଜି ବନ୍ୟାଞ୍ଚଳ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୭,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ବନ୍ୟାଞ୍ଚଳ ପରିଦର୍ଶନରେ ଯିବେ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଭଦ୍ରକ ଓ ଯାଜପୁର ଜିଲ୍ଲା ଅଞ୍ଚଳ ପରିଦର୍ଶନ କରିବେ ବୋଲି ସୂଚନା ଦିଆଯାଇଛି । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଏହି ଦୁଇ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।

## ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ନେଲେ ବିନୟତୋଷ



କଟକ,୧୬।୮,(ସବ୍ୟୁ): ଓଡ଼ିଶା ପୋଲିସର ନୂତନ ଡିଜି ଭାବେ ଆଇପିଏସ ଅଫିସର ବିନୟତୋଷ ମିଶ୍ର ଆଜି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମିଶ୍ର ପୂର୍ବତନ ଡିଜିପି ୱାଇ ବି ଖୁରାନିଆଙ୍କ ଠାରୁ ଏହି ଦାୟିତ୍ୱ ନେଇଛନ୍ତି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ବିନୟତୋଷ ମିଶ୍ର ପହଞ୍ଚିବା ପରେ ଉପସ୍ଥିତ ବରିଷ୍ଠ ଅଧିକାରୀଗଣ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ତାଙ୍କୁ "ଗାର୍ଡ ଅଫ୍ ଅନରଢ଼ ପ୍ରଦାନ କରାଯାଇଥିଲା । ପରେ ଡିଜିପି ମିଶ୍ର ଶହିଦ ସ୍ମୃତିସ୍ତମ୍ଭ ଠାରେ ମାଲ୍ୟାର୍ପଣ କରି ଶହିଦଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଶ୍ରୀ ମିଶ୍ର କ୍ରାଇମବ୍ରାଞ୍ଚ ଡିଜି ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟୀତ୍ୱ ସମ୍ଭାଳିବେ। ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ଡିଜିପି ଶ୍ରୀ ମିଶ୍ର ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ରାଜ୍ୟ ସରକାରଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ। ଏହା ଏକ ଗୁରୁ ଦାୟିତ୍ୱ ବୋଲି ପ୍ରକାଶ କରି ଏହାକୁ ନିଷ୍ଠାର ସହ ସମ୍ପାଦନ କରିବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଥିଲେ। ପ୍ରାୟ ଦୁଇ ବର୍ଷ ଧରି ଡିଜିପି, କ୍ରାଇମ୍ ବ୍ରାଞ୍ଚ ଭାବେ କାର୍ଯ୍ୟ କରି ଅପରାଧ ନିୟନ୍ତ୍ରଣ ଓ ନିରାକରଣ ଦିଗରେ ନିରନ୍ତର ପ୍ରୟାସ କରାଯାଇଥିବା ସେ କହିଥିଲେ। ନାରୀ ସୁରକ୍ଷା, ସଂଗଠିତ ଅପରାଧ ଦମନ, ନିଶାମୁକ୍ତ ଓଡ଼ିଶା ଗଠନ ଏବଂ ସାଇବର ଅପରାଧ ନିୟନ୍ତ୍ରଣ ଉପରେ ଆଗାମୀ ଦିନରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସର ପ୍ରାୟ ୬୦ ହଜାର ପୋଲିସ କର୍ମଚାରୀ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସମସ୍ତ ଜିଲ୍ଲାରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ସୁନିଶ୍ଚିତ କରିବେ ବୋଲି ଡିଜିପି ଶ୍ରୀ ମିଶ୍ର କହିଥିଲେ। ଲୋକମାନେ ଯେପରି ନିର୍ଭୟ ଓ ଆନନ୍ଦର (୯ ପୃଷ୍ଠାରେ)

## ସ୍ୱାଧୀନତା ସଂଗ୍ରାମର ଇତିହାସ ହେଉଛି ରାଷ୍ଟ୍ର ଗଠନର ପ୍ରଥମ ପାହାଚ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୮,(ସବ୍ୟୁ): ୮୦ତମ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ତଥା ଦେଶ ଓ ବିଦେଶରେ ବସବାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା । ସ୍ୱାଧୀନ ଭାରତର ଗୌରବମୟ ଯାତ୍ରାରେ, ଆଜି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଯାଇଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ, କେବଳ ଏକ ସଂଗ୍ରାମର କାହାଣୀ ନୁହେଁ, ଏହା ଥିଲା ରାଷ୍ଟ୍ର ଗଠନର ପ୍ରଥମ ପାହାଚ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ବିଭିନ୍ନ ବିଚାରଧାରାର ସ୍ୱାଧୀନତା ସଂଗ୍ରାମୀମାନେ,



ଗୋଟିଏ ମଞ୍ଚରେ ଆସି, ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏକଜୁଟ୍ ହୋଇଥିଲେ। 'ସତ୍ୟାଗ୍ରହ ଓ 'ଅହିଂସା ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ, ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏକ ଲମ୍ବା ଲଢେଇ ଚାଲିଥିଲା । ଏଥି ସହିତ ସମାନ୍ତରାଳ ଭାବେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଶହିଦ ଭଗତ ସିଂଦଙ୍କ ପରି ମହାନ କ୍ରାନ୍ତିକାରୀମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। କିନ୍ତୁ, ମୋଟାମୋଟି ଭାବେ ଏହି ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ଆଧାର ଥିଲା ଅହିଂସା। ଫଳସ୍ୱରୂପ, ୮୦ ବର୍ଷ ତଳେ, ଆଜିର ଦିନରେ ଆମ ଦେଶ ସ୍ୱାଧୀନ ହୋଇଥିଲା।

ଏହି ମହାସଂଗ୍ରାମରେ ତ୍ୟାଗ ଓ ବଳିଦାନ ଦେଇଥିବା ମହାନ୍ ସ୍ୱାତନ୍ତ୍ରତା ସଂଗ୍ରାମୀ ପଣ୍ଡିତ ଜବାହାରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବାଲ ଗଙ୍ଗାଧର ତିଲକ, ବୀର୍ ସବରକର୍, ସହୀଦ ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ, ଡକ୍ଟର ବାବା ସାହେବ ଆମ୍ବେଦକର, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଲାଲ ବାହାଦୂର ଶାସ୍ତ୍ରୀ, ମୌଲାନା ଆଜାଦଙ୍କ ପରି ମହାନ ସ୍ୱାଧନତା ସଂଗ୍ରାମୀ ମାନଙ୍କ ସହିତ ଲକ୍ଷ ଲକ୍ଷ ସଂଗ୍ରାମୀ ମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଦେଶର ଅନ୍ୟାନ୍ୟ ରାଜ୍ୟ ପରି ଆମ ରାଜ୍ୟ ଓଡିଶା ମାଟିର ବୀର ସନ୍ତାନମାନେ (୯ ପୃଷ୍ଠାରେ)

- ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି
- ରେଡ ଟେରର ଏବେ ଇତିହାସ ପାଲଟିଛି
- ସରକାର ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା ଗଠନ ଲାଗି ପ୍ରତିବଦ୍ଧ

## 'ଦିମାଗୀ ନକ୍ସଲ' ମନ୍ତବ୍ୟକୁ ନେଇ ବିବାଦ

- 'ଦିମାଗୀ' ନକ୍ସଲ କିଏ କହିଲେ ରିଜିଜୁ
- 'ଦିମାଗୀ ନକ୍ସଲ' ଲାଗି ସେ ଗର୍ବିତ: ଚିଦାମ୍ବରମ୍

ନୂଆଦିଲ୍ଲୀ,୧୬।୮: ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଦିମାଗୀ ନକ୍ସଲ' ଦେଇଥିବା ମନ୍ତବ୍ୟକୁ ନେଇ ରାଜନୈତିକ ବାକ ଯୁଦ୍ଧ ବଢୁଛି । ସାଂସଦୀୟ ବ୍ୟାପାରମନ୍ତ୍ରୀ କିରଣ ରିଜୁ ଏନେଇ ସ୍ୱଷ୍ଟୀକରଣ ରଖିବା ସହ କେଉଁମାନେ ଦିମାକି ନକ୍ସଲ ସେ ସମ୍ପର୍କରେ ମନ୍ତବ୍ୟ ରଖିଛନ୍ତି । ଅପରପକ୍ଷରେ କଂଗ୍ରେସ ନେତା ପି ଚିଦାମ୍ବରମ୍ 'ଦିମାଗୀ ନକ୍ସଲ' ହୋଇଥିବାରୁ ସେ ଗର୍ବିତ ବୋଲି ସେ କହିଛନ୍ତି ।

ସୋସିଆଲ ମିଡ଼ିଆରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜୁ କହିଛନ୍ତି ଯେ, ପ୍ରଧାମମନ୍ତ୍ରୀ ବିରୋଧୀ ନେତାମାନଙ୍କୁ 'ଦିମାଗୀ ନକ୍ସଲ' ବୋଲି କହିନାହାନ୍ତି । ଯେଉଁମାନେ ସମ୍ବିଧାନ ବିରୋଧୀ ଯଥା ମାଓବାଦୀକୁ ସମର୍ଥନ କରନ୍ତି, ବିଚ୍ଛିନ୍ନତାବାଦୀ ସହଯୋଗୀ ଦେଶ ବିଭାଜନ ଲାଗି ଚେଷ୍ଟା କରନ୍ତି, ସେମାନଙ୍କୁ ଦିମାକୀ ନକ୍ସଲ ବୋଲି କୁହାଯାଇଛି । ତେବେ ଗତକାଲି ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ସ୍ୱାଧୀନତା ଦିବସ ଅବସରେ ସମ୍ବୋଧିତ କଲା ବେଳେ କହିଥିଲେ ଯେ, ଦେଶରେ ସଶସ୍ତ୍ର ନକ୍ସଲକୁ ଦମନ କରାଯାଇଛି । କିନ୍ତୁ 'ଦିମାଗୀ ନକ୍ସଲ' ଏବେ ବି ସୁଯୋଗ ଖୋଜୁଛନ୍ତି। ଦେଶକୁ ଭୁଲ ଦେଶକୁ ନେବାକୁ ଚେଷ୍ଟା କରୁଛନ୍ତି। ଦେଶର ପ୍ରଗତୀ ପାଇଁ ଏହି ପରି ଚିନ୍ତାଧାରା ରଖୁଥିବା ଲୋକଙ୍କୁ ଚିହ୍ନଟ କରି ଅଲଗା କରିବା ଆବଶ୍ୟକ। ଏହାପରେ କଂଗ୍ରେସର ବରିଷ୍ଠ ନେତା ପି ଜିଦାମ୍ବରମ ପ୍ରଧାନମନ୍ତ୍ରୀଙ୍କ ଏହି ଭାଷଣ ବିରୋଧୀଙ୍କ ପ୍ରତି କଟାକ୍ଷ ଭାବେ ଗ୍ରହଣ କରି ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ଯେ ସେ ଜଣେ 'ଦାମଗୀ ନକ୍ସଲ୍ସ' ହୋଇଥିବା ଗର୍ବିତ।

## ହାଇୱାକୁ ଧକ୍କା ଦେଲା ବସ୍: ୨ ମୃତ, ୧୩ ଆହତ

ସମ୍ବଲପୁର,୧୬।୮,(ସବ୍ୟୁ): ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଗଡ଼ଗଡ଼ବାହାଲ ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଫଳରେ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୩ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ମାନେ ବରଗଡ଼ ଜିଲ୍ଲା ପଦମ୍ପୁର ଥାନା

ସିଦ୍ଧି ଗ୍ରାମର ଦୀପକ କୁମାର ଦାଶ( ୩୫) ଓ ବୁର୍ଲା ଜାଗୃତି ବିହାର ଅଞ୍ଚଳ ପ୍ରୀତି ସୁମନ୍ ପ୍ରଧାନ(୩୦) ବୋଲି ଜଣାପଡିଛି । ଖବର ପାଇ ଯୁଯୋମୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଏହି ଘଟଣାରେ ଉଭୟ ହାଇଓ୍ୱା ଓ ଯାତ୍ରୀବାହୀ ବସ୍‌କୁ ପୋଲିସ ଜବତ କରିଛି । ଏଥିସହ ଯାତ୍ରୀବାହୀ ବସ୍‌ର ଡ୍ରାଇଭର ଧମା ଥାନା ଅନ୍ତର୍ଗତ ଅର୍ଡା ଗ୍ରାମର ସୁଦୀପ ପାଣିଗ୍ରାହୀ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଅନ୍ୟପଟେ ଦୁର୍ଘଟଣା ପରେ ହାଇୱା



ଗାଡିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ, ଭୁବନେଶ୍ୱରରୁ ପଦ୍ମପୁରକୁ ଯାଉଥିବା ଓଏସଆରଟିସି ଯାତ୍ରୀବାହୀ ବସ୍ ଗାଡ଼ି ନମ୍ବର ( ଓଡ଼ି୦୨ସିଏକ୍ସ- ୨୫୫୭) ଗତ ୧୫ତାରିଖ ଭୋର ସାଢେ ୪ଟାରେ ସମ୍ବଲପୁର ଜିଲ୍ଲା ଗଡ଼ଗଡ଼ବାହାଲ ଗ୍ରାମ ନିକଟରେ ଏକ ହାଇଓ୍ୱା ଗାଡି ନମ୍ବର(ଓଡି୨୧ୟୁ-୪୩୪୦)କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଗାଡିରେ ବସିଥିବା ୩୭ଜଣ ଯାତ୍ରୀଙ୍କ ମଧ୍ୟରୁ ୧୩ଜଣ ଗୁରୁତର ଆହତ ହୋଇଥିଲେ । ଆହତ ମାନଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ଭିମସାର ମେଡିକାଲରେ ଭର୍ତ୍ତି କରାଯାଇଛି । ମୃତକ ଦୀପକ ବରଗଡ଼ ଜିଲ୍ଲା ପଦମପୁର ଏସବିଆଇ ଶାଖାର ଜଣେ କର୍ମଚାରୀ ଥିଲେ । ଏଥିସହ ସେ ଅନେକ ନାଟକରେ ମଧ୍ୟ ଅଭିନୟ କରିଥିଲେ । ସେହିପରି ପ୍ରୀତି ସୁମନ ଓଡ଼ିଶା ଟେକ୍ନିକାଲ ଓ ଆଡମିନିଷ୍ଟ୍ରେଟିଭ ସେବା ଅଧିକାରୀ ଥିବାବେଳେ ତାଙ୍କ ବିୟୋଗ ରାଜ୍ୟ ପ୍ରଶାସନ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୃତକଙ୍କ ଅମରଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଆହତ ଯାତ୍ରୀଙ୍କ ଆଶୁଆରୋଗ୍ୟ କାମନା କରିବା ସହ ସେମାନଙ୍କୁ ତୁରନ୍ତ ସମୁଚିତ ଚିକିତ୍ସା ସେବା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ଓ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଅପହୃତ ବ୍ୟବସାୟୀ ନରେନ୍ଦ୍ର ସାହୁ ଭୁବନେଶ୍ୱରରୁ ଉଦ୍ଧାର

## ମୁଖ୍ୟ ଅଭିଯୁକ୍ତ ସହ ୨ ଗିରଫ, ୪ ଫେରାର

ଭୁବନେଶ୍ୱର/ବଲାଙ୍ଗିର,୧୬।୮,(ସବ୍ୟୁ): ବହୁଚର୍ଚ୍ଚିତ ବ୍ୟବସାୟୀ ନରେନ୍ଦ୍ର ସାହୁ ଓରଫ ଗୁଣ୍ଡା ଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ବଲାଙ୍ଗିରରୁ କରାଯାଇଥିବା ଅପହରଣ ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିଛି । ଏସପି ଅଭିଳାଷ ଜି ନିଜ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ଘଟଣାର ସୂଚନା ପ୍ରଦାନ କରିଛନ୍ତି । ଶୁକ୍ରବାର ବଲାଙ୍ଗିର-ସୋନପୁର ରାଜପଥ ରଣ୍ଡା ଛକ ନିକଟରୁ ନରେନ୍ଦ୍ର ସାହୁଙ୍କୁ କ୍ଷିତିଶ ସାହୁ ନାମକ ବ୍ୟକ୍ତି ଯିଏକି ମୁଖ୍ୟ ଅଭିଯୁକ୍ତ ଏବଂ ଆଉ ପାଞ୍ଚଜଣ ମିଶି ଏକ ଧଳା ରଙ୍ଗର ଏମ ଜି ହେକଟର ଗାଡ଼ିରେ ଅପହରଣ କରି ନେଇଥିଲେ । ଗୁଣ୍ଡା ସାହୁ ନିଜ ମାରୁତି ଜିମ୍ନି ଗାଡ଼ିକୁ ମଧ୍ୟ ତାଙ୍କ ଭିତରୁ ଆଉଜଣେ ଚଳାଇ ଭୁବନେଶ୍ୱରକୁ ନେଇଯାଇଥିଲେ । ପୋଲିସ ସୂଚନା ଅନୁସାରେ ସେମାନେ ଗୁଣ୍ଡା ସାହୁଙ୍କୁ ଭୁବନେଶର ମୁଖ୍ୟ ରାସ୍ତାରେ ଥିବା ଏକ ହୋଟେଲରେ ବାନ୍ଧି ରଖି ନାନା ପ୍ରକାର ନିର୍ଯାତନା ମଧ୍ୟ ଦେଇଥିଲେ । ତାର ମୁଖ୍ୟ ଉଦ୍ଦେଶ୍ୟ ଟଙ୍କା ପାଇଁ ବୋଲି କୁହାଯାଉଥିଲେ ମଧ୍ୟ ଅଧିକ ତଦନ୍ତ ପରେ ଅପହରଣର ଉଦ୍ଦେଶ୍ୟ ଜଣାପଡ଼ିବ ବୋଲି କହିଛନ୍ତି । ଘର ଲୋକ ପୋଲିସ ଠାରେ ଅଭିଯୋଗ ପରେ ପୋଲିସ ତତ୍ପରତା ପ୍ରକାଶ କରି ପୋଲିସ ପକ୍ଷରୁ ମୋବାଇଲ ଟ୍ରାକ ସିସି ଟିଭି ଯାଞ୍ଚ କରି ଗୋଟିଏ ଟିମ ଭୁବନେଶ୍ୱର ଯାଇ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ପୋଲିସର ସ୍ୱତନ୍ତ୍ର ଟିମ ସହିତ ଖଣ୍ଡଗିରି ଅଞ୍ଚଳରୁ ସୁରକ୍ଷିତ ଭାବରେ ନରେନ୍ଦ୍ରଙ୍କୁ ଉଦ୍ଧାର କରିବା ସହ କ୍ଷିତିଶ ସାହୁ ନାମକ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଥିଲେ । ଗିରଫ ସମୟରେ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ ଏବଂ ୭ ରାଉଣ୍ଡ ଅଫୁଟା ଗୁଳି ଜବତ କରିଛନ୍ତି । ଏସପିଙ୍କ କହିବା ଅନୁସାରେ ଗୁଣ୍ଡା ସାହୁଙ୍କ ଠାରୁ ଅଭିଯୁକ୍ତମାନେ ୫୦ ଲକ୍ଷ ଟଙ୍କା ଦାବି କରିଥିଲେ । ଅନ୍ୟପକ୍ଷରେ ଅଭିଯୁକ୍ତ କ୍ଷିତିଶ ସାହୁଙ୍କ କହିବା ଅନୁସାରେ ଗୁଣ୍ଡା ସାହୁଙ୍କୁ ୨କୋଟି ୭୦ ଲକ୍ଷ ଟଙ୍କା ଗତ ୨୦୧୯ ମସିହାରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଠାରେ ହନୁମାନ ଟଙ୍କା ପାଇଁ ଦେଇଥିଲେ । ଗୁଣ୍ଡା ହନୁମାନ ଟଙ୍କା ବି ଦେଉନଥିଲେ କି ଟଙ୍କା ମଧ୍ୟ ଫେରାଉ ନଥିଲେ । ଦ୍ୱିତୀୟ ଅଭିଯୁକ୍ତ ସ୍ଥାନୀୟ ତୁଳସିନଗର ସ୍ଥିତ ସଞ୍ଜିତ ବେହେରାକୁ ମଧ୍ୟ ବଲାଙ୍ଗିର ପୋଲିସ ଗିରଫ କରିଥିବା ଜଣାପଡିଛି । ଅପହରଣର ଦୁଇଦିନ ପୂର୍ବରୁ କ୍ଷିତିଶ ସାହୁ ବଲାଙ୍ଗିରର ଏକ ହୋଟେଲରେ ରହୁଥିଲା । ଏହି ସମୟରେ ସଞ୍ଜିତ ବେହେରା ହୋଟେଲକୁ ଯାଇ ଅପହରଣ ଯୋଜନାରେ ସାମିଲ ଥିବା ଜଣା ପଡ଼ିଛି ।

## ସୋସିଆଲ କୋଟ୍ସ



୧୮ ବର୍ଷରେ ନିଜର ଚେହେରା ଠିକ କରାଇଲି । ସେତେବେଳେ ମୋର ଦରମା ୩ ଲକ୍ଷ ଥିଲା। ସେଇ ପଇସାରେ ମୁଁ ମୋର ସର୍ଜରୀ କରାଇଥିଲି ।

**ରିଆ ଚକ୍ରବର୍ତ୍ତୀ, ଅଭିନେତ୍ରୀ**



ସେ ଦେଶର ଖାଇ ପଡୋଶୀ ଦେଶ ପାଇଁ ସବୁବେଳେ ଓକିଲାତି କରନ୍ତି । ତାଙ୍କ କଥାକୁ ମୁଁ କେବେ ଧ୍ୟାନ ଦେଇ ନଥାଏ ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ସବୁବେଳେ ଛାତ୍ରଙ୍କ ଉପରେ ସମସ୍ତେ ଆକ୍ରମଣ କରୁଛନ୍ତି । ବର୍ତ୍ତମାନ ଏଭଳି କ୍ରୁରତା ଚଳିବ ନାହିଁ । ଏଭଳି କ୍ରୁରତା କାରଣରୁ ଅହଂକାରୀ ସତ୍ତା ଆହୁରି ଦୁର୍ବଳ ହେବ ।

**ପ୍ରକାଶ ରାଜ, ଅଭିନେତା**

## ବୁଢ଼ିଆଣୀ ଲଢ଼େଇ

ଜାପାନର କାଗୋଶିମା ଜିଲ୍ଲାର ଆଇରା ସହରରେ ପ୍ରାୟ ୪୦୦ ବର୍ଷରୁ ଅଧିକ ପୁରୁଣା ଏକ ଅନୋଖା ପରମ୍ପରା 'କୁମୋ ଗାସେନ୍' ବା ସ୍ପାଇଡର୍ ବ୍ୟାଟଲ୍ ଆଜି ବି ପାଳିତ ହୋଇଆସୁଛି । ଯେଉଁଥିରେ ମାଇ ବୁଢ଼ୀଆଣୀମାନଙ୍କ ମଧ୍ୟରେ ଲଢ଼େଇ କରାଯାଇଥାଏ। ବିଶ୍ୱାସ କରାଯାଏ ଯେ ସୈନ୍ୟମାନଙ୍କର ମନୋବଳ ବଢ଼ାଇବା ପାଇଁ ସାମୁରାଇ ଶିମାଜୁ ୟୋଶିହିରୋ ଏହି ପରମ୍ପରାର ଆରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ଦୁଇଟି ମାଇ



'ଗୋଲ୍ଡେନ୍ ଅର୍ବ-ୱିଭର୍' ବୁଢ଼ୀଆଣୀଙ୍କୁ ୬୦ ସେଣ୍ଟିମିଟର ଲମ୍ବର ଏକ କାଠି ଉପରେ ସାମନା ସାମନି ରଖାଯାଏ। ଯେଉଁଠାରେ ସେମାନେ ଜଣେ ଅନ୍ୟ ଜଣଙ୍କୁ କାମୁଡ଼ି କିମ୍ବା ଠେଲି କାଠିରୁ ତଳକୁ ଖସାଇବାକୁ ଚେଷ୍ଟା କରନ୍ତି। କ୍ରମାଗତ ୩ଟି ମ୍ୟାଚ୍ ଜିତିଥିବା ବୁଢ଼ୀଆଣୀ ପରବର୍ତ୍ତୀ ରାଉଣ୍ଡକୁ ଯାଏ। ପ୍ରତିବର୍ଷ ଜୁନ୍ ମାସର ତୃତୀୟ ରବିବାରରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଭାଗ ନିଅନ୍ତି। ଏହାସହ ଏଥିରେ ଲଢ଼େଇ ବ୍ୟତୀତ ବୁଢ଼ୀଆଣୀମାନଙ୍କ ରଙ୍ଗ, ଶରୀର ଓ ଚମକ ଆଧାରରେ ମଧ୍ୟ ପ୍ରତିଯୋଗିତା କରାଯାଇଥାଏ ।

## ଟ୍ରେନ ପାଲଟିଲା ମନ୍ଦିର

ମୁମ୍ବାଇର ଏକ ଲୋକାଲ୍ ଟ୍ରେନ୍‌ରେ 'ଓମ୍‌କାର ଭଜନ ମଣ୍ଡଳ'ର ୨୧ ବର୍ଷ ପୂରଣ ହେବା ଅବସରରେ ଏକ ନିଆରା ଉତ୍ସବ ପାଳିତ ହୋଇଛି । ଯେଉଁଥିରେ ଲୋକାଲ୍ ଟ୍ରେନ୍‌ର ବଗିଟି ସମ୍ପୂର୍ଣ୍ଣ ଭାବେ ଏକ ମନ୍ଦିରର ରୂପ ନେଇଥିଲା । ୬ ଅଗଷ୍ଟ ୨୦୦୬ରୁ ଆରମ୍ଭ ହୋଇଥିବା ଏହି ମଣ୍ଡଳୀର ସଦସ୍ୟମାନେ ପ୍ରତିଦିନ ଏହି ଟ୍ରେନ୍‌ରେ ଏକାଠି ଯାତ୍ରା କରି ଭଜନ ଓ ଆରତି କରିଥାନ୍ତି। ଏହି ବାର୍ଷିକୋତ୍ସବ ଅବସରରେ ସଦସ୍ୟମାନେ ନିଜ ନିଜ ଘରୁ ପ୍ରସାଦ ପ୍ରସ୍ତୁତ କରି ଆଣି ଦେବୀଙ୍କୁ ୫୬ ଭୋଗ ଅର୍ପଣ କରିବା ସହ ଅନ୍ୟ ଯାତ୍ରୀମାନଙ୍କୁ ଗୋଲାପ ଫୁଲ ବାଣ୍ଟିଥିଲେ । ଏହାସହ ପୂଜା ପରେ ଟ୍ରେନ୍ ଭିତରେ କେକ୍ କଟାଯାଇଥିଲା, ଯେଉଁଥିରେ ଅନ୍ୟ ସାଧାରଣ ଯାତ୍ରୀମାନେ ମଧ୍ୟ ଉତ୍ସାହର ସହ ସାମିଲ ହୋଇଥିଲେ । ବିଶେଷ କଥା ହେଉଛି, ଭଜନ ସମୟରେ ମିଳୁଥିବା ଦାନ ଅର୍ଥକୁ ଏହି ମଣ୍ଡଳୀ ସାମାଜିକ କାର୍ଯ୍ୟ ଏବଂ ଅସହାୟ ଲୋକଙ୍କ ସାହାଯ୍ୟ ପାଇଁ ବ୍ୟବହାର କରିଥାଏ ।



## ଆବର୍ଜନା ଆଣ ଖାଦ୍ୟ ପାଅ

ଛତିଶଗଡ଼ର ଅମ୍ବିକାପୁରଠାରେ ପ୍ଲାଷ୍ଟିକ୍ ଆବର୍ଜନା କେବଳ ଦୁର୍ଗନ୍ଧର କାରଣ ନୁହେଁ, ବରଂ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଆହାରର ମୁଖ୍ୟ ମାଧ୍ୟମ ପାଲଟିଛି । ଅମ୍ବିକାପୁର ନଗର ନିଗମ ପକ୍ଷରୁ ୨୦୧୯ ମସିହାରେ ଆରମ୍ଭ କରାଯାଇଥିବା 'ଗାର୍ବେଜ୍ କାଫେ'ର 'ଆବର୍ଜନା ଆଣ, ଖାଦ୍ୟ ପାଅ' ଯୋଜନା ଅଧୀନରେ ୧ କିଲୋଗ୍ରାମ୍ ପ୍ଲାଷ୍ଟିକ୍ ବଦଳରେ ପୂରା ମିଲ ଏବଂ ୫୦୦ ଗ୍ରାମ୍ ପ୍ଲାଷ୍ଟିକ୍ ବଦଳରେ ସକାଳ ଜଳଖିଆ ପ୍ରଦାନ କରାଯାଉଛି । ରାସ୍ତାଘାଟ ଓ ସାର୍ବଜନୀନ ସ୍ଥାନରୁ ସଂଗୃହିତ ଏହି ପ୍ଲାଷ୍ଟିକ୍‌କୁ ପରବର୍ତ୍ତୀ ସମୟରେ ରିସାଇକ୍ଲିଂ ପାଇଁ ପଠାଯାଇଥାଏ । ନଗର ନିଗମର ଜୁନ୍ ୨୦୨୬ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ଏହି କାଫେରୁ ଏପର୍ଯ୍ୟନ୍ତ ୨୪,୨୯୬ରୁ ଅଧିକ ଲୋକ ଲାଭବାନ୍ ହୋଇସାରିଥିବା ବେଳେ ୨୦,୦୭୭ କିଲୋଗ୍ରାମ୍ (୨୦ ଟନ୍)ରୁ ଅଧିକ ପ୍ଲାଷ୍ଟିକ୍ ଜମା ହୋଇସାରିଛି । ବିଶେଷ କରି ଗରିବ, ବାସହୀନ ଓ ଆବର୍ଜନା ଗୋଟାଉଥିବା ଲୋକମାନେ ଏଥିରୁ ବେଶ୍ ଉପକୃତ ହେଉଛନ୍ତି । ଏହାସହ ଏହି କାଫେରେ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଖାଇବାର ବ୍ୟବସ୍ଥା ରହିଛି । ଯାହାଦ୍ୱାରା କାଫେ ପରିଚାଳକଙ୍କ ରୋଜଗାର ସହ ନଗର ନିଗମକୁ ଭଡ଼ା ଆକାରରେ ରାଜସ୍ୱ ମିଳୁଛି । ଫଳରେ ସହରରୁ ପ୍ଲାଷ୍ଟିକ୍ ହଟିବା ସହ ନିଷ୍କିଞ୍ଚନ ଲୋକଙ୍କୁ ଆହାର ମଧ୍ୟ ପ୍ରାପ୍ତ ହେଉଛି ।




## ଚାକିରି ପାଇଁ କସମେଟିକ ସର୍ଜରୀ



ଦକ୍ଷିଣ କୋରିଆରେ ସୁନ୍ଦର ଚେହେରା ପାଇଁ ମାତା-ପିତା ନିଜ ପିଲାମାନଙ୍କର ପ୍ଲାଷ୍ଟିକ୍ ସର୍ଜରୀ କରାଉଥିବା ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି । ସୁନ୍ଦର ଦେଖାଯିବାର ସାମାଜିକ ଚାପ ଯୋଗୁଁ ପାଠପଢ଼ା ଶେଷ ହେବା ପରେ ବାପା-ମା' ନିଜ ପିଲାଙ୍କ ପ୍ଲାଷ୍ଟିକ୍ ସର୍ଜରୀ କରାଉଛନ୍ତି । ଏଥିପାଇଁ ସିଓଲ୍‌ର ଗ୍ୟାଙ୍ଗନମ୍ ଅଞ୍ଚଳରେ ଶହ ଶହ କ୍ଲିନିକ୍ ଖୋଲିବାରେ ଲାଗିଛି । ଏଠାରେ ଆଖିକୁ ବଡ଼ ଦେଖାଇବା ପାଇଁ 'ଡବଲ୍ ଆଇଲିଡ୍ ସର୍ଜରୀ' ସହ ନାକ ଓ ମୁହଁର ଆକାର ବଦଳାଇବା ଭଳି ପ୍ରୋସିଜର ବେଶ୍ ଲୋକପ୍ରିୟ ହୋଇଛି । କେବଳ ମହିଳା ନୁହେଁ ପୁରୁଷମାନେ ମଧ୍ୟ ଫେସିଆଲ୍ ସର୍ଜରୀ ଓ ହେୟାର ଟ୍ରାନ୍ସପ୍ଲାଣ୍ଟ କରାଉଛନ୍ତି । ଦକ୍ଷିଣ କୋରିଆରେ ଚାକିରି ଆବେଦନରେ ନିଜ ଫଟୋ ଲଗାଇବା ପାଇଁ ଯୁବପିଢ଼ିଙ୍କ ଉପରେ ନିଜ ଲୁକ୍‌କୁ ନେଇ ଅଧିକ ଚାପ ପଡୁଛି । ଏହାସହ ସୋସିଆଲ୍ ମିଡିଆ ଓ କେ ପପ୍ ସେଲିବ୍ରିଟିମାନଙ୍କ ପ୍ରଭାବ ଯୋଗୁଁ ବଡ଼ ଆଖି, ପତଳା ମୁହଁ ଓ ତୀକ୍ଷ୍ଣ ନାକର କ୍ରେଜ୍ ବଢ଼ିବାରେ ଲାଗିଛି। ଯାହାଫଳରେ ଅଧିକରୁ ଅଧିକ ଯୁବକ-ଯୁବତୀ କସ୍ମେଟିକ୍ ପ୍ରୋସିଜରର ସାହାରା ନେଉଛନ୍ତି ।

## ଇତିହାସ

୧୮୮୫ - ହାୱାଇ ଦୀପରେ ପ୍ରଥମ ବ୍ୟାଙ୍କ ଖୋଲିଲା ।
୧୯୪୯ - ସ୍ୱାଧୀନତା ସେନାନୀ ତଥା କ୍ରାନ୍ତିକାରୀ ପୁଲିନ୍ ବିହାରୀ ଦାସଙ୍କର ପରଲୋକ ।
୧୯୦୯ - ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମ ଅପ୍ରତିମ କ୍ରାନ୍ତିକାରୀ ମଦନଲାଲ୍ ଡିଙ୍ଗରାଙ୍କୁ ହତ୍ୟା ଅଭିଯୋଗରେ ଫାଶୀ ।
୧୯୧୭ - ତୁର୍କୀ ବିରୋଧରେ ଇଟାଲୀର ଯୁଦ୍ଧ ଘୋଷଣା ।
୧୯୪୧ - ଭାରତୀୟ ଅର୍ଥଶାସ୍ତ୍ରୀ ଡ. ବିମଲ ଜାଲାନଙ୍କ ଜନ୍ମ ।
୧୯୪୭ - ସ୍ୱାଧୀନତା ପରେ ଭାରତ ଛାଡିଲେ ପ୍ରଥମ ବ୍ରିଟିଶ୍ ସୈନ୍ୟଦଳ ।
୧୯୬୭ - ଭାରତୀୟ ଅଭିନେତ୍ରୀ ସୁପ୍ରିୟା ପିଲଗାଓଁକରଙ୍କ ଜନ୍ମ ।
୧୯୭୮ - ହଟ୍ ଏୟାର ବେଲୁନ୍ ସାହାଯ୍ୟରେ ଆଟ୍‌ଲାଣ୍ଟିକ୍ ମହାସାଗର ପାର କରିଥିଲେ ୩ ଆମେରିକୀୟ ।
୧୯୮୨ - ଜର୍ମାନୀ ଲୋକଙ୍କ ପାଇଁ ଉପଲବ୍ଧ ହେଲା ପ୍ରଥମ ସିଡି ( କମ୍ପାକ୍ଟ ଡିସ୍କ) ।
୧୯୮୮ - ପାକିସ୍ତାନର ରାଷ୍ଟ୍ରପତି ଜିୟା-ଉଲ୍-ହକ୍ ଓ ଆମେରିକା ରାଷ୍ଟ୍ରଦୂତ ଆର୍ନଲ୍ଡ ରାପେଲ୍‌ଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ।

## ୪ ମାସରେ ପ୍ରସ୍ତୁତ କେକ୍

ପ୍ୟାରିସ୍‌ର ଓପେରା ଗାର୍ନିଏଠାରେ ଆୟୋଜିତ ଜଣେ ସାଉଦି ଦମ୍ପତିଙ୍କ ବିବାହ ପାଇଁ ଏକ ସ୍ମାରକୀ ସଦୃଶ ବିବାହ କେକ୍ ପ୍ରସ୍ତୁତ କରାଯାଇଛି, ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ତେବେ ଏହି କେକକୁ ତିଆରି କରିବା ପାଇଁ ସମ୍ପୂର୍ଣ୍ଣ ୪ ମାସ ସମୟ ଲାଗିଥିଲା । ସ୍ପେନ୍‌ର ପେଷ୍ଟ୍ରି ଶେଫ୍ ମାର୍କ ସୁଆରେଜ୍ ଏହି ୩.୫ ମିଟର ଉଚ୍ଚତା ବିଶିଷ୍ଟ ଏବଂ ପ୍ରାୟ ୫୦୦ କିଲୋଗ୍ରାମ ଓଜନର କେକ୍‌କୁ ପ୍ରସ୍ତୁତ କରିଛନ୍ତି । ଯାହାର କେବଳ ଡିଜାଇନ୍ ତିଆରି କରିବାରେ ପ୍ରାୟ ଦେଢ଼ ମାସ ସମୟ ବିତିଥିଲା । କେକ୍‌କୁ ଏକ ଐତିହାସିକ ସ୍ମାରକର ରୂପ ଦେବା ପାଇଁ ହାତରେ ୩୩ ହଜାର ଫୁଲ ପାଖୁଡ଼ି ତିଆରି କରି, ରଙ୍ଗ ଦେଇ ଗୋଟିଏ ଗୋଟିଏ କରି ଖଞ୍ଜା ଯାଇଥିଲା । ଏହି ବିଶାଳ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଶେଫ୍ ନିଜ ବନ୍ଧୁ ଓ ସେମାନଙ୍କ ପରିବାରର ସାହାଯ୍ୟ ନେଇଥିଲେ, ଯେଉଁଥିରେ ସମୁଦାୟ ପ୍ରାୟ ୧,୮୦୦ ଘଣ୍ଟା ସମୟ ଲାଗିଥିଲା । ଏହି କେକ୍‌ର ଅଧିକାଂଶ ଭାଗ ସୁଗାର୍ ପେଷ୍ଟ ଏବଂ ହ୍ୱାଇଟ୍ ଚାକୋଲେଟ୍‌ରେ ତିଆରି ହୋଇଥିବାରୁ ଏଥିରେ ଖାଇବା ଉପଯୋଗୀ ଅଂଶ ଖୁବ୍ କମ୍ ଥିଲା ।





## ଚର୍ଚ୍ଚାରେ କଟାକ୍ଷଭରା ପୋଷ୍ଟ

ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକରଙ୍କ ପୂର୍ବତନ ସ୍ୱାମୀ ମୋହସିନ୍ ଅଖତର ନିକଟରେ ତାଙ୍କର ଦ୍ୱିତୀୟ ପତ୍ନୀ ନିଧା ଭଟ୍ଟଙ୍କ ସହ ରିସେପ୍ସନ୍‌ର କିଛି ରୋମାଣ୍ଟିକ୍ ଫଟୋ ସୋସିଆଲ୍ ମିଡିଆରେ ସେୟାର୍ କରିଛନ୍ତି । ତେବେ ଏହାପରେ ଉର୍ମିଳା କରିଥିବା ସୋସିଆଲ ମିଡିଆ ପୋଷ୍ଟକୁ ନେଇ ବର୍ତ୍ତମାନ ଆଲୋଚନା ଜାରି ରହିଛି । ଉର୍ମିଳାଙ୍କ ଏକ ଗୁପ୍ତ ବା 'କ୍ରିପ୍ଟିକ୍' ପୋଷ୍ଟ୍ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଉର୍ମିଳା ନିଜ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରୀରେ "ମୋତେ ପ୍ରେମ, ବିଶ୍ୱସ୍ତତା ଏବଂ ସମୟ ଭଳି ମୂଲ୍ୟବାନ ଜିନିଷ ପସନ୍ଦ" ବୋଲି ଲେଖିଥିଲେ। ଯଦିଓ ଉର୍ମିଳା ମୋହସିନ୍‌ଙ୍କ ନାମ ନେଇ କୌଣସି ପ୍ରତ୍ୟକ୍ଷ ବକ୍ତବ୍ୟ ଦେଇନାହାନ୍ତି, ତଥାପି ଏହାକୁ ତାଙ୍କ ପୂର୍ବତନ ସ୍ୱାମୀଙ୍କୁ ଉଦ୍ଦିଷ୍ଟ ବୋଲି ଆକଳନ କରାଯାଉଛି । ସୂଚନାଅନୁସାରେ ୨୦୧୪ରେ ଫ୍ୟାଶନ୍ ଡିଜାଇନର ମନୀଷ ମାଲହୋତ୍ରାଙ୍କ ସମ୍ପର୍କୀୟଙ୍କ ବାହାଘରରେ କାଶ୍ମୀରୀ ବ୍ୟବସାୟୀ ମଡେଲ୍ ମୋହସିନ୍‌ଙ୍କ ସହ ଉର୍ମିଳାଙ୍କ ସାକ୍ଷାତ ହୋଇଥିଲା ଏବଂ ୪ ଫେବୃଆରୀ ୨୦୧୬ରେ ଉଭୟ ବିବାହ କରିଥିଲେ । ହେଲେ ୨୦୨୪ ସେପ୍ଟେମ୍ବରରେ ଉର୍ମିଳା ମୁମ୍ବାଇ ଆଦାଲତରେ ଛାଡ଼ପତ୍ର ଆବେଦନ କରିବା ପରେ ଦୁହେଁ ଅଲଗା ହୋଇଥିଲେ । ମୋହସିନ୍ 'ଲକ୍ ବାଏ ଚାନ୍ସ' ଓ 'ବି.ଏ. ପାସ୍' ଭଳି ଫିଲ୍ମରେ କାମ କରିଥିବା ବେଳେ, ଉର୍ମିଳା ନବେଦଶକର ସୁପରହିଟ ହିରୋଇନ ଥିଲେ ।





**ମେଷ-** କର୍ମକ୍ଷେତ୍ରେ ସଫଳତା, ନୂତନ ଚୁକ୍ତି ସଂପାଦନ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଶାରୀରିକ ସୁସ୍ଥ, ଅର୍ଥସମସ୍ୟା ସମାଧାନ, ସମ୍ମାନପ୍ରାପ୍ତି, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ଧଳା, ସଂଖ୍ୟା ୮ ଆରାଧନା ମାଆ ଭଗବତୀ ।

**ବୃଷ-** ସମ୍ମାନ ପ୍ରାପ୍ତି, ଅର୍ଥଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ବନ୍ଧୁଲାଭ, ଯାତ୍ରା ସଫଳ, ଦାମ୍ପତ୍ୟ ଖୁସି, ସନ୍ତାନ ଲାଭ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ହଳଦୀ, ସଂଖ୍ୟା - ୭, ଆରାଧନା - ମା ଭଗବତୀ ।

**ମିଥୁନ-** ପେଟ ସମସ୍ୟା, କିଛି କାର୍ଯ୍ୟେ ବିଳମ୍ବ, ବନ୍ଧୁ ସହଯୋଗ, କଚେରୀ ମାମଲାରେ ସମାଧାନ, ଗୃହେ ସୁଖଶାନ୍ତି, ଦେବଦର୍ଶନ, ବିଦ୍ୟାରେ ସଫଳତା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ନାଲି, ସଂଖ୍ୟା ୫ ଆରାଧନା - ମାଆ ଭୁବନେଶ୍ୱରୀ ।

**କର୍କଟ-** ମାନସିକ ଶାନ୍ତି, ନୂତନ ବନ୍ଧୁଲାଭ, ଅନୁଷ୍ଠାନରୁଲାଭ, ଶାରୀରିକ କଷ୍ଟ, ଶୁଭଖବର, ନୂତନ ଚୁକ୍ତି ସମ୍ପାଦନ, ଅର୍ଥଲାଭ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ଆକାଶୀ, ସଂଖ୍ୟା ୭ ଆରାଧନା - ଶଙ୍କର ଭଗବାନ ।

**ସିଂହ-** କର୍ମକ୍ଷେତ୍ର ପ୍ରଶଂସା, ଲୋକସମ୍ପର୍କ ବୃଦ୍ଧି, ହେବାକାର୍ଯ୍ୟ ସଫଳ, ପାରିବାରିକ ସହଯୋଗ, ଯାତ୍ରା ସଫଳ, ଅର୍ଥଲାଭ, ମାନସିକ ଶାନ୍ତି, ସ୍ୱାଦିଷ୍ଟ ଭୋଜନ, ଶୁଭରଙ୍ଗ ଧଳା, ସଂଖ୍ୟା - ୯, ଆରାଧନା - ପ୍ରଭୁ ରାଧାବଲ୍ଲଭ।

**କନ୍ୟା-** ସହଯୋଗ ବୃଦ୍ଧି, ଶୁଭ ଆଲୋଚନା, ବିଦ୍ୟାରେ ସଫଳତା, ଅର୍ଥ ସମସ୍ୟା, କର୍ମକ୍ଷେତ୍ରେ ପରିଶ୍ରମ, ଜମିଜମା କଳହ, ଅଯଥା ଖର୍ଚ୍ଚାନ୍ତ, ବନ୍ଧୁଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ପିଙ୍କ, ସଂଖ୍ୟା - ୮, ଆରାଧନା - ଶ୍ରୀରାଧା।

**ତୁଳା-** ଅର୍ଥଚିନ୍ତା, ମାନସିକ କ୍ଲେଶ, ବ୍ୟବସାୟରେ ଉନ୍ନତି, ଦାମ୍ପତ୍ୟ କଳହ, ଚିଡିଚିଡା ସ୍ୱଭାବ, ସନ୍ତାନ ଲାଗି ସମସ୍ୟା, ଶତ୍ରୁ ପରାଜିତ, ସ୍ୱଜନ ବିରୋଧ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ଧଳା, ସଂଖ୍ୟା ୭, ଆରାଧନା - ଶଙ୍କର ଭଗବାନ ।

**ବିଛା-** କିଛି କାର୍ଯ୍ୟକୁ ନେଇ ଚିନ୍ତା, ସମ୍ପତ୍ତି ଲାଭ, ପରିବାରରେ ଆନନ୍ଦ, ଦାମ୍ପତ୍ୟ ସୁଖ, ଅର୍ଥଲାଭ, ଦୂରଯାତ୍ରା ସଫଳ, ଶତ୍ରୁ ସମସ୍ୟା, ଶାରୀରିକ ସୁସ୍ଥ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ହଳଦୀ, ସଂଖ୍ୟା - ୬, ଆରାଧନା - ବାବା ଲୋକନାଥ ।

**ଧନୁ-** ଲାଭ ପ୍ରାପ୍ତି, ବିବାଦ ସମାଧାନ, କର୍ମକ୍ଷେତ୍ରେ ପ୍ରଶଂସା, ଶୁଭଖବର, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସମସ୍ୟା, ଦାମ୍ପତ୍ୟ କଳହ, ସମାଲୋଚନା, ପୂର୍ବାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ଧଳା, ସଂଖ୍ୟା - ୭, ଆରାଧନା - ପିତାମାତାଙ୍କ ସେବା ।

**ମକର-** ଶୁଭକାର୍ଯ୍ୟେ ଧନ ବ୍ୟୟ, ଧର୍ମକାର୍ଯ୍ୟ ସଫଳ, ଲୋକସମ୍ପର୍କ ବୃଦ୍ଧି, କୁଟୁମ୍ବ ସହାୟତା, ଶତ୍ରୁ ପରାଜିତ, ନୂତନ କର୍ମ ଆରମ୍ଭ, ଦ୍ରବ୍ୟ କ୍ରୟ ବିକ୍ରୟ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ କଳା, ସଂଖ୍ୟା - ୯, ଆରାଧନା - ପ୍ରଭୁ ଜଗନ୍ନାଥ ।

**କୁମ୍ଭ-** ନୂତନ ଚୁକ୍ତି, ଅର୍ଥସମସ୍ୟା, କାର୍ଯ୍ୟ ପ୍ରଶଂସା, ଦୂରଯାତ୍ରା ପାଇଁ ଶୁଭ ଆଲୋଚନା, ଦାମ୍ପତ୍ୟ ଖୁସି, ଅଯଥା ଅଶାନ୍ତି, ଶତ୍ରୁ ସମସ୍ୟା, ଭାତୃ କଳହ, ବିଦ୍ୟାଲାଭ, ଦେବଦର୍ଶନ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ହଳଦୀ, ସଂଖ୍ୟା ୯, ଆରାଧନା - ମାଆ ବୃନ୍ଦାବତୀ ।

**ମୀନ-** ଯାତ୍ରାରେ ସତର୍କ, ଦ୍ରବ୍ୟ ନଷ୍ଟ, ସମ୍ମାନହାନି, କର୍ମକ୍ଷେତ୍ରେ ସ୍ୱଳ୍ପଲାଭ, ଅଯଥା ବିବାଦ, ଶୁଭଆଲୋଚନ, ଶତ୍ରୁ ସମସ୍ୟା, ଚୋରି ଭୟ, ବନ୍ଧୁ ସାହାଯ୍ୟ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ ଧଳା, ସଂଖ୍ୟା ୫, ଆରାଧନା - ମାଆ ଗୌରୀ ।

**ଶ୍ରାବଣ ଶୁକ୍ଳପକ୍ଷ ପଞ୍ଚମୀ**
**୧୭.୮.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ସ୍ୱାଧୀନତା ଦିବସ ୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସରକାରୀ ବାସଭବନରେ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପଦକ ପ୍ରଦାନ ଉତ୍ସବ-୨୦୨୬

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୃତୀ ଅଧିକାରୀ ଓ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ-୨୦୨୬ ଅବସରରେ ରାଜ୍ୟ ଆରକ୍ଷୀ, ଅଗ୍ନିଶମ, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ଏବଂ କାରାଗାର ସଂସ୍ଥାରେ ଉଲ୍ଲେଖନୀୟ ଓ ନିଷ୍ଠାପର ସେବା ପ୍ରଦାନ କରିଥିବା କୃତୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ସ୍ୱତନ୍ତ୍ର ପଦକ ପ୍ରଦାନ ଉତ୍ସବ ଆନୁଷ୍ଠାନିକ ଭାବେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଗୌରବମୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପୋଲିସ, ଅଗ୍ନିଶମ ଓ ଜେଲ୍ କର୍ମଚାରୀମାନଙ୍କୁ ସେମାନଙ୍କର ଅପ୍ରତିମ ସାହସିକତା ଓ ପ୍ରଶଂସନୀୟ ସେବା ନିମନ୍ତେ ପଦକ ଏବଂ ଅର୍ଥ ପୁରସ୍କାର ପ୍ରଦାନ କରିଛନ୍ତି। ସାହସିକତା ପଦକ (ପୋଲିସ ସେବା): ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣ ଚନ୍ଦ୍ର ପଧାନ, କନଷ୍ଟେବଲ ଘନଶ୍ୟାମ ସାହୁ ଏବଂ କନଷ୍ଟେବଲ ଥବିର ମାଝୀ ଙ୍କୁ ପୋଲିସ ସେବା ପାଇଁ ସାହସିକତା ପଦକ ପ୍ରଦାନ କରାଯାଇଛି।

ବିଶିଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ (ପୋଲିସ): ପ୍ରତୀକ ମହାନ୍ତି(ଆଇପିଏସ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ) ଏବଂ ପ୍ରଫୁଲ୍ଲ କୁମାର ସିଂ (ଡିସିପି, ଆର୍ମଡ ଓଏସଏପି ୭ମ ବାଟାଲିୟନ) ବିଶିଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ପ୍ରଶଂସନୀୟ ସେବା ପଦକ : ଡକ୍ଟର ସାର୍ଥକ ଷଡ଼ଙ୍ଗୀ(ଆଇପିଏସ), ଆରକ୍ଷୀ ମହାନିରୀକ୍ଷକ,ଉଓଡ ଉଇ, କଟକ, ଶ୍ରୀପ୍ରସାଦ ତମାଙ୍ଗ, ଦୁର୍ଗପତି, ଓ.ଏସ.ଏ.ପି. ୨ୟ ବାଟାଲିୟନ୍, ଝାରସୁଗୁଡ଼ା, ଅଶୋକ କୁମାର ମହାନ୍ତି, ଦୁର୍ଗପତି, ଓ.ଏସ.ଏ.ପି. ୩ୟ ବାଟାଲିୟନ୍, ଗଜପତି, ଶୁଭନାରାୟଣ ମୁଦୁଲି,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ,କଟକ,ପ୍ରଣୀତା କୁମାରୀ ରାୟ,ଡିଏସପି,ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ,କଟକ, ପ୍ରଦୀପ କୁମାର ଆଇନ୍ଦ,ଡିଏସପି,ଦୁର୍ନୀତି ନିବାରଣ, କୋରାପୁଟ ଡିଭିଜନ,ଲକ୍ଷ୍ମୀ ନାରାୟଣ ମୁଦୁଲି,ଆରକ୍ଷୀ ନିରୀକ୍ଷକ,ଏସ.ଆଇ.ଡବ୍ଲୁ, ଭୁବନେଶ୍ୱର,ଅରୁଣ କୁମାର ନାୟକ,ଆରକ୍ଷୀ ନିରୀକ୍ଷକ, ଏସଟିଏଫ , ଭୁବନେଶ୍ୱର,ମହମ୍ମଦ ହାଫିଜ, ଆରକ୍ଷୀ ନିରୀକ୍ଷକ, ଭଦ୍ରକ, ନିଗମାନନ୍ଦ ମହାପାତ୍ର , ଏଏସଆଇ, କଟକଏବଂ ଲତା ନାଏକ,ଏପିଆର ହାବିଲଦାର, ବଲାଙ୍ଗୀର ଙ୍କୁ ପ୍ରଶଂସନୀୟ ସେବା ପଦକ ମିଳିଛି।



ଅଗ୍ନିଶମ ସେବା: ବିଶିଷ୍ଟ ସେବା ପାଇଁ ଅର୍ଜୁନ ବେହେରା (ପୁରୀ ଜଗନ୍ନାଥ ମନ୍ଦିର ଫାୟାର ଷ୍ଟେସନ) ରାଷ୍ଟ୍ରପତି ପଦକ ପାଇଥିବା ବେଳେ ନରେନ୍ଦ୍ର କୁମାର ପିଙ୍ଗ,ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର, କନ୍ଧମାଳ ଅଗ୍ନିଶମ କେନ୍ଦ୍ର,ଲକ୍ଷ୍ମଣ ମାଝୀ, ଲିଡିଂ ଫାୟାର ଫାଇଟର, ହିନ୍ଦୋଳ ଫାୟାର ଷ୍ଟେସନ, ଅଲେଖ ଚନ୍ଦ୍ର ରାଉତ, ଫାୟାର ଫାଇଟର, ଭୁବନ ଫାୟାର ଷ୍ଟେସନଙ୍କୁ ଅଗ୍ନିଶମ ସେବା ପାଇଁ ପ୍ରଶଂସନୀୟ ସେବା ପଦକ ମିଳିଛି। ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା: ରମେଶ ଚନ୍ଦ୍ର ମହାନ୍ତି,ଗୃହରକ୍ଷୀ ପ୍ଲାଟୁନ କମାଣ୍ଡର ,ଭଦ୍ରକଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଏବଂ ପ୍ରଭାତ କୁମାର ସାହୁ,ଗୃହରକ୍ଷୀ ଓ ରୋନିତା ବଡ଼ଜେନା,ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି।

କାରାଗାର ସେବା: ସଦାଶିବ ପ୍ରଧାନ,କାରାରକ୍ଷୀ ,ସବ ଜେଲ, ସାଲେପୁର ଙ୍କୁ ବିଶିଷ୍ଟ ସେବା ପଦକ ପ୍ରଦାନ କରାଯାଇଥିବାବେଳେ, ମନ୍ଦରଧର ପ୍ରଧାନ ,ମୁଖ୍ୟ କାରାରକ୍ଷୀ,ସର୍କଲ ଜେଲ, ସମ୍ବଲପୁର ଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ଏହି ଗୌରବମୟ ଉତ୍ସବରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଏବଂ କାରାଗାର ଓ ସୁଧାର ସେବା ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିରକୁ ଉଦଘାଟନ କଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।ଏହାକୁ ସ୍ୱାଧୀନତା ଦିବସ ର ମୁଖ୍ୟ ଅତିଥି ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ସ୍ୱାଧୀନତା ଦିବସ ପରି ଏକ ମହାନ ଦିନରେ ରକ୍ତଦାନ ପରି ଏକ ମହତ ଦାନ କରିଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ।ପରେ ମନ୍ତ୍ରୀ ସମସ୍ତ ରକ୍ତ ଦାତା ଙ୍କ ନିକଟକୁ ଯାଇ ସେମାନ ଙ୍କୁ ଉତ୍ସାହିତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ,ଡିଏଫଓ ଧନଜୀ ମଗର ରାକସୋ,ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ , ଡେପୁଟି କଲେକ୍ଟର ତଥା ଜିଲ୍ଲା ରେଡକ୍ରସ ଶାଖା ର ସଂପାଦକ ଅନୁଶ୍ରବ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।ଏଥିରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।ଜିଲ୍ଲା ରେଡକ୍ରସ ଶାଖା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କ, ଭାରତ ବିକାଶ ପରିଷଦ, ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦ, ସମ୍ପର୍କ ଓ ସମର୍ପଣ ଅନୁଷ୍ଠାନ ଏହି ରକ୍ତ ଦାନ ଶିବିର ରେ ସାମିଲ ଥିଲେ।ପୂର୍ବରୁ ମନ୍ତ୍ରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରର ରୋଗୀ ମାନଙ୍କୁ ଫଳ ବଣ୍ଟନ ସହ ଚାରା ରୋପଣ କରିଥିଲେ।

## ଭାରତ ରତ୍ନ.ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳଜୀଙ୍କ

# ତିରୋଧାନ ଦିବସରେ ହିନ୍ଦୁ ଏକତା ମଞ୍ଚ ତରଫରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ): ହିନ୍ଦୁ ଏକତା ମଞ୍ଚ ଦ୍ୱାରା ଆୟୋଜିତ ଭାରତ ରତ୍ନ ରାଷ୍ଟ୍ର ନାୟକ ଅଟଳ ବିହାରୀ ବାଜପେୟୀଙ୍କ ୮ମ ଶ୍ରାଦ୍ଧବାର୍ଷିକ ଦିବସକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟ ସମ୍ମାନନୀୟ ଅତିଥି ଭାବେ ବାବାଜୀ ବିଶ୍ୱନାଥ ଦାସ, ସନ୍ନ୍ୟାସୀନି ଅରୁନ୍ଧତୀ ଦେବୀ, ମୁଖ୍ୟ ସମ୍ପାଦକ ସମୟ ଗୁରୁ କଲ୍ୟାଣ ମହାପାତ୍ର ଡକ୍ଟର (ପ୍ରଫେସର) ବିଷ୍ଣୁପ୍ରିୟା ଓତା, ଅତିଥି ମାନେ ସାର୍ଟିଫିକେଟ ଓ ଗୀତା ବହି ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ କର କମଳରେ ଅଟଳ ଦର୍ଶନ ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା ଉକ୍ତ ସଭାରେ ହିନ୍ଦୁ



ଅର୍ପଣର ପର୍ବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତା ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ, ମୁଖ୍ୟ ଅତିଥି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ,ସମ୍ମାନନୀୟ ଅତିଥି ଭାବେ ସାଂସଦ ଡକ୍ଟର ରବିନାରାୟଣ ବେହେରା ଓ ସୁଜିତ କୁମାର ଉପସ୍ଥିତ ରହି ଅଟଳଜୀ ଙ୍କ ଶୃତି ଚରଣ କରି ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ଡଃ ନିରଞ୍ଜନ ସାହୁ ଡକ୍ଟର ସୁରେନ୍ଦ୍ର ମୋହନ ମିଶ୍ର ପ୍ରଭୃତି ଉପସ୍ଥିତ ରହି ସ୍ମୃତି ଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଭୁବନେଶ୍ୱର ସହର ର ପ୍ରାୟ ୨୧ ଟି ବିଦ୍ୟାଳରୁ ୪୨ ଛାତ୍ର ଛାତ୍ରୀ, ଯେଉଁମାନେ କି ଦଶମ ପରୀକ୍ଷାରେ ଏ-୧ ରେ ଉତ୍ତୀର୍ଣ୍ଣ ହୋଇଥିଲେ ସେମାନଙ୍କୁ ଏକତା ମଞ୍ଚର ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନା ସଭାପତିତ୍ୱ କରିଥିଲେ ଓ ଡାକ୍ତର ପ୍ରଭାତ କୁମାର ସାହୁ,ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଗଠନର ବିଭିନ୍ନ ଜିଲ୍ଲାର ସଭାପତି ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତି ଚାରଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭାଉଜକୁ ଦୁଷ୍କର୍ମ ଉଦ୍ୟମ : ଦିଅର ଗିରଫ

ବୁଗୁଡ଼ା ,(ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର କ୍ଷୀର ସୋସାଇଟି ସାହିରେ ଭାଉଜକୁ ଦୁଷ୍କର୍ମ ଉଦ୍ୟମ ଓ ଟଣାଓଟରା ସହ ହତ୍ୟା ଧମକ ଅଭିଯୋଗରେ ପୋଲିସ ଦିଅର ଘଟ ନାୟକ(୨୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଗତ ଶୁକ୍ରବାର ରାତିରେ ପୀଡିତା ମାମାଲି ବିଷୋୟୀ(୨୧) ତାଙ୍କ ନାବାଳକ ପୁଅ ସହିତ ତାଙ୍କ କୋଠରୀରେ ଶୋଇଥିଲେ। ତାଙ୍କ ଦିଅର ଘଟ ନାଏକ ମଧ୍ୟ ସେହି କୋଠରୀର କୋଣରେ ଶୋଇଥିଲେ । ତାଙ୍କ ସ୍ୱାମୀ ଡ୍ୟୁଟି ପାଇଁ ଚାଲିଯାଇଥିଲେ ଏବଂ ତାଙ୍କ ଶାଶୁ ଅନ୍ୟ ଏକ କୋଠରୀରେ ଶୋଇଥିଲେ । ସେ ସମ୍ପୂର୍ଣ୍ଣ ନିଦ୍ରାରେ ଶୋଇଥିବା ବେଳେ ଘଟ ତାଙ୍କ ପାଖକୁ ଆସି ସେ ପିନ୍ଧିଥିବା ପୋଷାକକୁ ଟାଣି ଅଶ୍ଳୀଳ ଆଚରଣ କରିବାରେ ମାମାଲିଙ୍କ ନିଦ ଭାଙ୍ଗି ଯାଇଥିଲା ଏବଂ ସେ ପ୍ରତିବାଦ କରିବା ସହ ତାଙ୍କୁ ଏପରି କାର୍ଯ୍ୟରୁ ନିବୃତ ରହିବା ପାଇଁ ତାଗିତ କରିଥିଲେ । କିନ୍ତୁ ଅଭିଯୁକ୍ତ ଧମକ ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବା ସହ ସମ୍ପର୍କ ନରଖିଲେ ହତ୍ୟା କରିବାକୁ ମଧ ଧମକ ଦେଇ ଥିଲେ । ଭାଉଜ କୌଣସି କଥା ଶୁଣିବେନି ବୋଲି କହିବାରୁ ଅଭିଯୁକ୍ତ ଏକ ଧାରୁଆ କାତିରେ ତାଙ୍କ ମୁଣ୍ଡକୁ ଆକ୍ରମଣ ଉଦ୍ୟମ କରି ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିବାରୁ ସେ ଘରୁ ଦୌଡ଼ି ଯାଇ ଦେଢ଼ଶୁରଙ୍କ ଘରେ ନିଜକୁ ଲୁଚାଇ ରଖିଲେ । ପୁଣି,ଶନିବାର ସକାଳ ପ୍ରାୟ ୮ଟାରେ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଧମକ ଚମକ ଦେଇଥିବା ନେଇ ଗତ ରାତିରେ ମାମାଲି ବାଲିପଦର ଫାଣ୍ଡିରେ ଅଭିଯୋଗ କରିବାରେ ପୋଲିସ ଏ ନେଇ ୪୦୬/୨୬ରେ ଏକ ମାମଲା ରୁଜୁ କରି ରବିବାର ଦିନ ଦ କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ଲୋକଭବନରେ ଆଟ୍-ହୋମ୍





ଭୁବନେଶ୍ୱର(ସବ୍ୟୁ): ୮୦ତମ ସ୍ୱାଧୀନତା ଦିବସ ଅବସରରେ ତାରିଖ ସନ୍ଧ୍ୟାରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ସୌଜନ୍ୟରେ ଲୋକଭବନ ଠାରେ ଆଟ୍-ହୋମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳଙ୍କ ଆମନ୍ତ୍ରଣକ୍ରମେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିବିଶେଷ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏତତବ୍ୟତୀତ ଓଡ଼ିଶା ହାଇକୋର୍ଟର ନ୍ୟାୟମୂର୍ତ୍ତି, ସାଂସଦ ଓ ବିଧାୟକ, ପଦ୍ମ ପୁରସ୍କାର ବିଜେତା, ରାଜନୈତିକ ଦଳର କର୍ମକର୍ତ୍ତା/ବିଶିଷ୍ଟ ବ୍ୟକ୍ତି ବିଶେଷ, ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ, ସାରସ୍ୱତ ସ୍ରଷ୍ଟା, କଳାକାର, ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ, ଶିଳ୍ପୀ, କାରିଗର, ସ୍ୱେଚ୍ଛାସେବୀ, ନାରୀ ଶକ୍ତି ସମ୍ମାନ ବିଜେତା, ମହିଳା ଉଦ୍ୟୋଗୀ, ଦିବ୍ୟାଙ୍ଗ, ପରିବେଶ ଯୋଦ୍ଧା, ମହିଳା ସରପଞ୍ଚ, ମନ କି ବାତରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସିତ ବ୍ୟକ୍ତି ବିଶେଷ, ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଆଟ୍-ହୋମ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟପାଳ ଡ. କମ୍ଭମପାଟି ବିଭିନ୍ନ ବର୍ଗର ଅତିଥିମାନଙ୍କ ସହିତ ଭାବବିନିମୟ କରିଥିଲେ ।

## ଅଟଳ ବିହାରୀ ବାଜପେୟୀଙ୍କ ପୂଣ୍ୟତିଥି

# ଅଟଳଜୀଙ୍କ ପ୍ରଦର୍ଶିତ ପଥରେ ଚାଲି ସ୍ୱାବଲମ୍ବୀ ଭାରତ ଗଠନ ପାଇଁ ସଂକଳ୍ପବଦ୍ଧ: ମନମୋହନ

ଭୁବନେଶ୍ୱର, (ସବ୍ୟୁ): ମହାନ୍ ଜନନେତା, ଦୂରଦ୍ରଷ୍ଟା, ଭାରତୀୟ ରାଜନୀତିର ମୁକୁଟବିହୀନ ସମ୍ରାଟ, ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ କେବଳ ଜଣେ ରାଜନୀତିଜ୍ଞ ନ ଥିଲେ, ସେ ଜଣେ ଯୋଗଜନ୍ମା ଓ ରାଷ୍ଟ୍ରନୀତିଜ୍ଞ ଥିଲେ। ଭାରତର ବିକାଶ ଅଗ୍ରଗତିକୁ ପ୍ରୋତ୍ସାହିତ କରି ବ୍ୟାପକ କ୍ଷେତ୍ରରେ ଦେଶକୁ ଏକବିଂଶ ଶତାବ୍ଦୀକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଟଳଜୀ ଭାରତବର୍ଷର ଐତିହାସିକ ପରିବର୍ତନ କରିଥିଲେ। ଦେଶରେ ପରମାଣୁ ପରୀକ୍ଷା କରି ସାରା ବିଶ୍ୱରେ ଭାରତବର୍ଷକୁ ଅଦ୍ୱିତୀୟ ଶକ୍ତିରେ ପରିଣତ କରିଥିଲେ ବୋଲି ତାଙ୍କ ୮ମ ତମ ବାର୍ଷିକ ପୂଣ୍ୟତିଥିରେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲ ପରିସରରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହଛନ୍ତି ଯେ, ଅଟଳଜୀ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ। ତାଙ୍କ ଉଦ୍ୟମ ଯୋଗୁ ଓଡ଼ିଶାରେ ଏମ୍ସ ମେଡିକାଲ



କଲେଜ ପ୍ରତିଷ୍ଠା ହୋଇପାରିଛି। ଦିଲ୍ଲୀ ପରେ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲ କଲେଜ ଆଜି ସମସ୍ତଙ୍କ ବିଶ୍ୱାସଯୋଗ୍ୟ ହୋଇପାରିଛି। ଏଠାରେ ସାଧାରଣ ଲୋକେ ଉନ୍ନତମାନର ଚିକିତ୍ସା ସୁବିଧା ସେବା ପାଇପାରୁଛନ୍ତି। ଅଟଜୀଙ୍କ ଶାସନ କାଳରେ ଦେଶରେ ଗମନାଗମନ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତନ ହୋଇଥିଲା। ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ହେଉ କି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଭାରତକୁ ସେ ନୂଆ ଦିଶା ଦେଇଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମାଂଚଳରେ ଭିତିଭୂମି ସୁଦୃଢ଼ କରିଥିଲେ। ଓଡିଶାକୁ ଜାତୀୟ ରାଜପଥରେ ୧୫୦୦ କିଲୋମିଟରରୁ ୩୪୦୦ କିଲୋମିଟରରେ ପହଁଚାଇଥିଲେ। ଗାଁ ଗାଁରେ ବିଦ୍ୟୁତ୍ ସଂଯୋଗ କରାଇବା, ଅନ୍ତ୍ୟୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଗରୀବଙ୍କ ପାଖରେ ଅନ୍ନ ପହଂଚାଇବା, ମହିଳା ସଶକ୍ତିକରଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସୃଜନ ଓ ପ୍ରୋତ୍ସାହନ ସହ ସ୍ୱଜଳ ଧାରାରେ ପାନୀୟଜଳ ବ୍ୟବସ୍ଥା କରାଇବାରେ ସ୍ୱର୍ଗତଃ ବାଜପେୟୀଙ୍କ ଯୋଗଦାନ ଅତୁଳନୀୟ। ଓଡିଶାରେ ଆଇଆଇଟି ଓ ତୈଳ ରିଫାଇନେରୀ ପ୍ରତିଷ୍ଠା କରିବା ସହ ୧୯୯୯ ମହାବାତ୍ୟା ସମୟରେ ଓଡ଼ିଶାବାସୀଙ୍କ ଦୁର୍ଦ୍ଦିନରେ ବାଜପେୟୀଜୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ ଥିଲା। ସ୍ୱାବଲମ୍ବୀ ଓ ବିକଶିତ ଭାରତ ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ରାଜ୍ୟ ସମ୍ପାଦକ ସରୋଜ କୁମାର କର, ବରିଷ୍ଠ ନେତା ମହେଶ ମହାନ୍ତି, ଜୟନ୍ତୀ ପଡ଼ିହାରୀ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡଜେନା, ରାଜ୍ୟ ପ୍ରବକ୍ତା ସଞ୍ଜୟ ରଥ, ଏମ୍ସ ମଣ୍ଡଳ ସଭାପତି ବବିତା ଜେନା ଏବଂ ପାର୍ଟିର ସ୍ଥାନୀୟ ଜିଲ୍ଲା, ମଣ୍ଡଳ କାର୍ଯ୍ୟକର୍ତା ଉପସ୍ଥିତ ରହି ସ୍ୱର୍ଗତଃ ଅଟଳଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଚାଷ କାମ କରୁଥିବାବେଳେ ଯୁବକଙ୍କ ମୃତ୍ୟୁ

ତିହିଡି,(ସବ୍ୟୁ): ତିହିଡି ବ୍ଲକ ଅନ୍ତର୍ଗତ ଭାତପଡା ପଞ୍ଚାୟତ ବଉଳପାଳ ଗାଁର ଜଣେ ଯୁବକ ଶୁକ୍ରବାର ଦିନ ନିଜ ବିଲରେ ଚାଷକାମ କରୁଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁର ସଠିକ୍ କାରଣ କିଛି ଜଣା ପଡି ନଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି । ମୃତ ଯୁବକ ହେଉଛନ୍ତି ଏହି ଗାଁର ଗୌରାଙ୍ଗ ପାଢ଼ୀଙ୍କ ପୁଅ ଧ୍ରୁବକୁମାର ପାଢ଼ୀ(୫୨) । ମୃତ ଯୁବକ ଜଣଙ୍କ ଶନିବାର ଅପରାହ୍ନରେ ନିଜ ଧାନ ବିଲକୁ କାମ କରିବାକୁ ଯାଇଥିଲେ । ତେବେ ରାତି ୧୦ସୁଦ୍ଧା ଘରକୁ ନ ଫେରିବାରୁ ଗାଁ ଲୋକେ ବିଳମ୍ବିତ ରାତିରେ ଧାନ କିଆରିରେ ପଡ଼ିଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତିହିଡି ମେଡ଼ିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଯୁବକ ଅତ୍ୟନ୍ତ ଗରିବ ଓ ଦିନମଜୁରିଆ । ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

## ଆଇଆଇଏମଟିରେ "ଏଆଇ ଚାଳିତ ଗବେଷଣା ଉପକରଣ

# କୌଶଳ ଏବଂ ସର୍ବୋତ୍ତମ ଅଭ୍ୟାସ" ଉପରେ ଆଲୋଚନାଚକ୍ର

ଭୁବନେଶ୍ୱର, (ସବ୍ୟୁ) : ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱରରେ "ଏଆଇ ଚାଳିତ ଗବେଷଣା ଉପକରଣ, କୌଶଳ ଏବଂ ସର୍ବୋତ୍ତମ ଅଭ୍ୟାସ" ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବିଶେଷଜ୍ଞ ଆଲୋଚନା ଆୟୋଜନ କରିଥିଲା। ଏହି ଅଧିବେଶନ ଡକ୍ଟର ନୀଳାଞ୍ଜନ ଦେ (ବରିଷ୍ଠ ସଦସ୍ୟ, ଆଇଇଇଇ), ପ୍ରଫେସର, କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗ, କୋଲକାତା, ଭାରତ ଏବଂ ଭିଜିଟିଂ ରିସର୍ଚ୍ଚ ଫେଲୋ, ରିଡିଂ ବିଶ୍ୱବିଦ୍ୟାଳୟ, ୟୁକେ ଦ୍ୱାରା ପ୍ରଦାନ କରାଯାଇଥିଲା। ଆଇଆଇଏମଟି ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କରଙ୍କ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯିଏ ବର୍ତ୍ତମାନର ଶିକ୍ଷା, ଗବେଷଣା ଏବଂ ନବସୃଜନରେ କୃତ୍ରିମ ବୁଦ୍ଧିମତ୍ତାର ବୃଦ୍ଧି ପାଉଥିବା ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଏମ୍ଟି ଭୁବନେଶ୍ୱରର ଏମବିଏ ବିଭାଗର ସହାୟକ ପ୍ରଫେସର ଏବଂ ଏଚ୍ଓଡି ପ୍ରଫେସର ସୋମା ମିତ୍ର ଡକ୍ଟର



ନୀଳାଞ୍ଜନ ଦେଙ୍କୁ ସମାବେଶରେ ପରିଚିତ କରାଇଥିଲେ । ତାଙ୍କର ଶିକ୍ଷାଗତ ଏବଂ ଗବେଷଣାଗତ ଅବଦାନ ଉପରେ ଆଲୋକପାତ କରିଥିଲେ। ବିଶେଷଜ୍ଞ ଆଲୋଚନା ପ୍ରଦାନ କରିବା ସମୟରେ, ଡକ୍ଟର ନୀଳାଞ୍ଜନ ଦେ ଏଆଇ-ଚାଳିତ ଗବେଷଣା ଉପକରଣ, ଉଦୀୟମାନ ଗବେଷଣା କୌଶଳ ଏବଂ ପ୍ରଭାବଶାଳୀ ଶିକ୍ଷାଗତ ଏବଂ ବିଦ୍ୱାନ କାର୍ଯ୍ୟ ପାଇଁ ସର୍ବୋତ୍ତମ ଅଭ୍ୟାସ ଉପରେ ଏକ ଗଭୀର ଏବଂ ବ୍ୟବହାରିକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ପଟ୍ଟନାୟକ ଏବଂ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର କର, ଡକ୍ଟର ନୀଳାଞ୍ଜନ ଦେଙ୍କୁ ଶୈକ୍ଷିକ ସମ୍ପ୍ରଦାୟ ପ୍ରତି ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ କରିଥିଲେ।

### ହାଇଟେକରେ ୮୦ତମ ସ୍ୱାଧୀନତା ଦିବସ

## ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତିଟି ଘରେ ଘରେ ପହଞ୍ଚିବ : ଡ଼କ୍ଟର ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ




ସମ୍ମୁଖରେ ସହସ୍ରାଧିକ ବିଦ୍ୟାର୍ଥୀଙ୍କ ଗହଣରେ ୮୦ତମ ସ୍ୱାଧୀନତା ଦିବସ ମହା ଆଡମ୍ବରରେ ପାଳିତ ହୋଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତିଟି ଘରେ ଘରେ ପହଞ୍ଚାଇବା ସହ ସମାଜର ମଧ୍ୟବିତ୍ତ ଓ ନିମ୍ନବର୍ଗର ସାଧାରଣ ମଣିଷକୁ ସାହାଯ୍ୟ ଓ ସହଯୋଗର ହାତ ବଢାଇବାର ଦୃଢ଼ ପ୍ରତିଶ୍ରୃତି ଦେଇଛନ୍ତି। ଟ୍ରଷ୍ଟି ଶ୍ରୀମତୀ ପୁଷ୍ପାଞ୍ଜଳି ପାଣିଗ୍ରାହୀ ମନେଜିଙ୍ଗ ଟ୍ରଷ୍ଟି ତଥା ସିଇଓ ସୁରେଶ ପାଣିଗ୍ରାହୀ, ଟ୍ରଷ୍ଟି ଡ଼କ୍ଟର ରାକେଶ ପାଣିଗ୍ରାହୀ, ଟ୍ରଷ୍ଟି ସାବିତ୍ରୀ ପାଣିଗ୍ରାହୀ, ଟ୍ରଷ୍ଟି ଇଂଜିନିର ମଧୁସ୍ମିତା ପାଣିଗ୍ରାହୀ, ଟ୍ରଷ୍ଟି ଅଙ୍କିତା ପାଣିଗ୍ରାହୀ, ଟ୍ରଷ୍ଟି ରାଜ ପାଣିଗ୍ରାହୀ, ଟ୍ରଷ୍ଟି ଧୃତି ମୋକ୍ଷ୍ୟା ପାଣିଗ୍ରାହୀ ଉପସ୍ଥିତ ଥିବାବେଳେ ପ୍ରଶାସନିକ ଅଧିକାରୀ ଡ଼କ୍ଟର ଗୋପେଶ୍ୱର ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ହାଇଟେକ ପବ୍ଲିକ ସ୍କୁଲ, ହାଇଟେକ ବିଜ୍ଞାନ ମହାବିଦ୍ୟାଳୟ, ନର୍ସିଙ୍ଗ ମହାବିଦ୍ୟାଳୟ, ଦନ୍ତଚିକିତ୍ସା ମହାବିଦ୍ୟାଳୟ ଓ ପାରାମେଡିକାଲ ବିଦ୍ୟାଳୟର ବିଦ୍ୟାର୍ଥୀ ମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିବା ବେଳେ ବିଭିନ୍ନ ବିଭାଗର କୃତିତ୍ୱକୁ ଆଧାର କରି ପୁରସ୍କୃତ କରାଯାଇଥିଲା।

## ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲରେ ୮୦ତମ ସ୍ୱାଧୀନତା ଦିବସ

ଭୁବନେଶ୍ୱର, (ସବ୍ୟୁ) : ଦେଶ ପ୍ରେମ, ଉତ୍ସାହ ଓ ଗର୍ବର ପରିବେଶ ମଧ୍ୟରେ ଭାରତର ୮୦ତମ ସ୍ୱାଧୀନତା ଦିବସ ସ୍ଥାନୀୟ ନିଜିଗଡ ଖୁରୁଖ୍ସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଉତ୍ସବ ଆରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ କୌଶିକ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଉଦ୍‌ବୋଧନରେ ଶ୍ରୀ ଆଚାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କ ମନରେ ଦେଶପ୍ରେମ ଦେଶ ପ୍ରତି ଦାୟିତ୍ୱବୋଧ ଓ ନୈତିକ ମୂଲ୍ୟବୋଧ ବିକାଶିତ କରିବାକୁ ଆହ୍ୱାନ ଦେଇଥିଲେ । ଶ୍ରେଣୀଗୃହ ଓ ପୁସ୍ତକରୁ ମିଳୁଥିବା ଜ୍ଞାନ ସହ ଜୀବନର ବିଭିନ୍ନ ଅଭିଜ୍ଞତାରେ ମିଳୁଥିବା ଶିକ୍ଷା ହିଁ ଜୀବନକୁ ସଫଳ ଓ ସାର୍ଥକ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ରେକଟର ସ୍ନେହାଶିଷ ମୁଖାର୍ଜୀ ନିଜ ବକ୍ତବ୍ୟରେ ସ୍ୱାଧୀନତା ଦିବସର ଐତିହାସିକ ମହତ୍ୱ ଓ ଏହାର ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । ଆଦିତ୍ୟ ବିର୍ଲା ଗ୍ରୁପ୍‌ର



ଶିକ୍ଷା ବିଭାଗ ଉପଦେଷ୍ଟା ଡକଟର ଏସ୍. ଗାଙ୍ଗୁଲି ମଧ୍ୟ ଏହି ପବିତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସ୍ୱାଧୀନତା ଦିବସ ଅବସରରେ ବିଦ୍ୟାଳୟର ଚାରିଟି ସଦନ-ଆଦିତ୍ୟ, ମାର୍ତ୍ତଣ୍ଡ, ଭାସ୍କର ଓ ବିଭାସ୍ୱର୍ଣ୍ଣର ଛାତ୍ରଛାତ୍ରୀମାନେ ଶୃଙ୍ଖଳାବୋଧ ଓ ଚମତ୍କାର ପ୍ୟାରେଡ୍ ପ୍ରଦର୍ଶନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳା, ଏକତା ଓ ଉତ୍ସାହ ପ୍ୟାରେଡ୍‌ରେ ପ୍ରତିଫଳିତ ହୋଇଥିଲା । ଏହି ଅବସରରେ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟର ଟପର ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲ । ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀମାନେ ଭାବପୂର୍ଣ୍ଣ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରି ପରିବେଶକୁ ଦେଶପ୍ରେମରେ ଭରି ଦେଇଥିଲେ ।ଏହା ପରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଦର୍ଶକମାନଙ୍କ ମନ ଜିଣିଥିଲା । ବୀର ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କ ଜୀବନ ଓ ବଳିଦାନ ଉପରେ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ଭାବବିହ୍ୱଳ କରିଥିଲା ।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ସବ୍ୟୁ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୩ତମ ପ୍ରତିଷ୍ଠା ଦିବସ ଗତ ତା୧୬.୮.୨୬ରିଖ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମହାଆଡମ୍ବରରେ ପାଳିତ ହୋଇ ଯାଇଛି। ୨୦୦୪ ମସିହା ଅଗଷ୍ଟ ୧୬ ତାରିଖ ଦିନ ଜନ୍ମ ଲାଭ କରି




ବିଗତ ୨୨ ବର୍ଷ ମଧ୍ୟରେ ସଫଳତାର ଇତିହାସ ରଚି ତାର ଅନିର୍ବଚନୀୟ ସୌରଭରେ ସମଗ୍ର ଶିକ୍ଷା ରାଜ୍ୟକୁ ଗୌରବାନ୍ୱିତ କରିଛି ଏହି ଅନୁଷ୍ଠାନ। କଲେଜର ଅଧ୍ୟକ୍ଷ ପ୍ରଫେସର ଡ଼ଃ. ତ୍ରିବିକ୍ରମ ଷଡଙ୍ଗୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲାବେଳେ ମୁଖ୍ୟବକ୍ତା ବିଶିଷ୍ଟ ରସାୟନ ବିତ୍ ତଥା ବୈଷୟିକ ବିଶେଷଜ୍ଞ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ବିଜ୍ଞାନର ଉପଯୋଗିତା, ସାମାଜିକ କଲ୍ୟାଣସହ ଜଡିତ ହେଲେ ବିଶ୍ୱଶାନ୍ତି ପ୍ରତିଷ୍ଠା ସହ ବିକାଶର ମାର୍ଗ ଉନ୍ମୁକ୍ତ ହେବ ବୋଲି କହି ନିଜର ତ୍ୟାଗ, ନିଷ୍ଠା, ଅଭିଜ୍ଞତା ଓ ଅନୁଭୂତି ଲବ୍ଧ ବିଚାରଧାରା ଉପସ୍ଥାପନା କରିଥିଲେ। ସେହି ପରି ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଡ଼ଃ. ଅରୁଣ କୁମାର ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାମୀ ବିବେକାନନ୍ଦ, ନଚିକେତା ଉପାଖ୍ୟାନ ସହ ନିଜର ଧୀଶକ୍ତି ବା ଜ୍ଞାନକୁ ସଫଳ ପ୍ରୟୋଗ ସହ ନିତୀ ନୈତିକତାକୁ ସଂଲଗ୍ନକରି ମାନବ ସମାଜର କଲ୍ୟାଣାର୍ଥେ ବିନିଯୋଗ କରିବାକୁ ଆହ୍ୱାନ ଦେଇ ଦୃଢ ଇଚ୍ଛା ଶକ୍ତି, ସମୟାନୁବର୍ତ୍ତିତା ତଥା ଅଭିସନ୍ଧିଚ୍ଛୁ ହେଲେ ସବୁ ସମ୍ଭବ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନୀତ ଅତିଥିରୂପେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସାମସନ ମହାରଣା ଛାତ୍ରଛାତ୍ରୀମାନଙ୍କୁ ସଫଳ ହେବାର ସୂତ୍ର ବତାଇବା ଛଳରେ ପ୍ରତ୍ୟେକ ନିଜକୁ ସଠିକ୍ ପରିଚାଳନା କରିପାରିଲେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ବିଦ୍ୟାଳୟର ଅତୀତ ବର୍ତ୍ତମାନ ଓ ଭବିଷ୍ୟତର ସ୍ୱପ୍ନ ବାଖ୍ୟା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ. ତ୍ରିବିକ୍ରମ ଷଡଙ୍ଗୀ ଶୃଙ୍ଖଳିତ ଛାତ୍ରଛାତ୍ରୀ ସୁସ୍ଥ ସମାଜର ବାର୍ତ୍ତାବହ ହେବାକୁ ଆହ୍ୱାନ ଦେବା ସହ ବିଦ୍ୟାଳୟର କାର୍ଯ୍ୟସୂଚୀ ପାଠ୍ୟକ୍ରମ ପରିଚାଳନାକୁ ଗୁରୁତ୍ୱ ଦେଇଥିଲେ। ଶେଷରେ ଅନୁଷ୍ଠାନର ଉପାଧ୍ୟକ୍ଷ ଡ଼ଃ. ରୁଦ୍ର ମୋହନ ନନ୍ଦ ଧ ନ୍ୟବାଦ ଅର୍ପଣ କରିଥିଲେ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଭୁବନେଶ୍ୱରରେ ସ୍ମୃତି ଆଲୋଚନାଚକ୍ର

## ସାତକଡ଼ି ହୋତାଙ୍କ ରଚନା ମାନବ ଜୀବନର ସବୁ ଦିଗକୁ ସ୍ପର୍ଶ କରିଥାଏ

ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ସ୍ୱାଧୀନତା ଦିବସର ଶୁଭ ଅବସରରେ ରାଜଧାନୀସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ସାତକଡ଼ି ହୋତାଙ୍କ ସ୍ମୃତିରେ ଏକ ଭବ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସାତକଡ଼ି ହୋତା ସ୍ମୃତି ସଂସଦ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଶିର୍ଷକ ଥିଲା 'ସାତକଡ଼ି ହୋତାଙ୍କ କୃତି ଓ କୃତିତ୍ୱ'। ଏହି ଅବସରରେ ବିଶିଷ୍ଟ ଅତିଥି ଓ ବକ୍ତାମାନେ ଯୋଗଦେଇ ସାତକଡ଼ି ହୋତାଙ୍କ ବହୁମୁଖୀ ପ୍ରତିଭା ଏବଂ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ଉପରେ ଗଭୀର ଆଲୋଚନା କରିଥିଲେ। ଏହି ସାରସ୍ୱତ ସମାବେଶରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପୀତବାସ ରାଉତରାୟ ଯୋଗଦେଇ ସ୍ୱର୍ଗତ ହୋତାଙ୍କ ସାରସ୍ୱତ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡ. ଅଲେଖ ଚନ୍ଦ୍ର ପଢିହାରୀ ଯୋଗଦେଇ କହିଥିଲେ ଯେ, ସାତକଡ଼ି ହୋତା ଥିଲେ ଜଣେ 'ଅଜାତଶତ୍ରୁ ସାହିତ୍ୟିକ', ଯାହାଙ୍କ ଲେଖନୀରେ ସାଧାରଣ




ମଣିଷର ସୁଖ-ଦୁଃଖ ଓ ମାନବୀୟ ସମ୍ବେଦନଶୀଳତା ଅତି ନିଖୁଣ ଭାବେ ପ୍ରତିଫଳିତ ହୋଇଥାଏ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମର୍ଯ୍ୟାଦା ଦେବା ଦିଗରେ ତାଙ୍କର ନିରନ୍ତର ପ୍ରଚେଷ୍ଟା ଓ ଭାଷା ପ୍ରତି ଥିବା ତାଙ୍କର ଅନୁରାଗ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ।

ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ପ୍ରଭାତ କୁମାର ନନ୍ଦ, ସମାଜସେବୀ ସ୍ୱର୍ଣ୍ଣ ମିଶ୍ର ଏବଂ ସମ୍ମାନିତ ବକ୍ତା ଭାବେ ଇଂ. ହରିହର ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ହୋତାଙ୍କ କୃତିତ୍ୱ ବିଷୟରେ ସ୍ମୃତିଚାରଣ କରିଥିଲେ। ସେମାନେ ମତବ୍ୟକ୍ତ କରିଥିଲେ ଯେ, ଏକ ସୁସ୍ଥ ଓ ସଂସ୍କାର ସମ୍ପନ୍ନ ସମାଜ ଗଠନ ପାଇଁ ତାଙ୍କର ରଚନାଗୁଡ଼ିକ ଆଗାମୀ ପିଢ଼ିକୁ ସଦାସର୍ବଦା ପ୍ରେରଣା ଯୋଗାଇବ। ସଂସଦର ସମ୍ପାଦକ ତଥା ବିଶିଷ୍ଟ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ । ଏହି ଅବସରରେ ସେ ସାତକଡ଼ି ହୋତାଙ୍କସହ ତାଙ୍କର ବ୍ୟକ୍ତିଗତ ସ୍ମୃତିଚାରଣ କରିବା ସହ ତାଙ୍କର ମହନୀୟ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅମୃତାୟନର ପରିଚାଳକ ବିଜୟ କୁମାର ତ୍ରିପାଠୀ ଆୟୋଜନ କରିଥିଲେ ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶୋଭନୀୟ ଶିକ୍ଷାଶ୍ରମର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଭାଗବତ ଗାନ ଏବଂ ସଙ୍ଗୀତା ତ୍ରିପାଠୀ ଓ ରଶ୍ମିତା ରାଉତଙ୍କ ଭକ୍ତି ସଙ୍ଗୀତ ଶ୍ରୋତାମାନଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ସାତକଡ଼ି ହୋତାଙ୍କର ସହକର୍ମୀ ତଥା ଗୁଣମୁଗ୍ଧ ରବୀନ୍ଦ୍ର କୁମାର ପଣ୍ଡା ଓ ସୁବାସ ଚନ୍ଦ୍ର ସାହୁ ସ୍ୱଗତ ହୋତାଙ୍କ ସହ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅବସରରେ ଦେବେନ୍ଦ୍ର କୁମାର ବାଉରୀ, ବିଜୟଲକ୍ଷ୍ମୀ ସାହୁ, ସୀତାକାନ୍ତ ଦାଶ, ଡ. ଅସୀମା ସାହୁ, ମୀରା ସେଠ ଏବଂ ବନ୍ଦନା ପଣ୍ଡାଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବରିଷ୍ଠ ପ୍ରଶାସକ ସୁକାନ୍ତ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟାନୁରାଗୀ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ସ୍ୱର୍ଗତ ସାତକଡ଼ି ହୋତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ରାସ୍ତା ପାର୍ଶ୍ୱ କେନାଲରେ ଖସିପଡ଼ି ଜଣେ ମୃତ

ତିହିଡି,(ସବ୍ୟୁ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧିନ ନୂଆସାହି ଗାଁର ପାଣିରେ ପଡି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ମୃତକ ମୁରଲୀ ମଳିକଙ୍କ ପୁଅ ଉପାସି ମଳିକ(୫୬) ବୋଲି ଜଣାଯାଇଛି । ଶନିବାର ଦିନ ଉପାସି ସାଇକେଲ ଯୋଗେ ତିହିଡି ଆସୁଥିଲେ । ଗାଁରୁ ୨ କିଲୋମିଟର ଆସିବା ପରେ କୌଣସି କାରଣରୁ ବାଟରେ ରାସ୍ତା କଡରେ ଥିବା କେନାଲରେ ସେ ଖସି ପଡ଼ିଥିଲେ । ତେବେ ତାଙ୍କ ସାଇକେଲଟି ରାସ୍ତା କଡରେ ପଡିଥିବା ଦେଖିବା ପରେ ବାଟଗଲା ଲୋକେ ସେଠାରେ ଅଟକି ଉପାସୀଙ୍କୁ ଉଦ୍ଧାର କରି ତିହିଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୀରହାଟ ପୋଲିସ ଶବକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା । ସଂଧ୍ୟାରେ ସିନ୍ଦୋଳସ୍ଥିତ ସରକାରୀ ଶ୍ମଶାନ ଘାଟ(ସ୍ୱର୍ଗଦ୍ୱାର) ରେ ଶବ ସତ୍କାର କରାଯାଇଥିଲା । ମୃତକ ଜଣେ ଦୀନ ମଜୁରିଆଭାବେ ପରିବାର ପୋଷଣ କରୁଥିଲେ । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

## ବୈତରଣୀ ଏବଂ କାଣୀରେ ଧସିଲା ୫୦ ଫୁଟର ନଦୀ ବନ୍ଧ

ମଙ୍ଗଳପୁର, (ସବ୍ୟୁ) : ଲଗାଣ ବର୍ଷା ଯୋଗୁଁ ବୈତରଣୀ ଏବଂ କାଣୀ ନଦୀର ନଦୀ ବନ୍ଧ ଧସିଯାଇଛି । ଦଶରଥପୁର ବ୍ଲକ ଦୁଦୁରାଅଣ୍ଟା ପଞ୍ଚାୟତର କୁଅଁରସାହି ନିକଟରେ ବୈତରଣୀ ନଦୀ ବନ୍ଧ ୫୦ ଫୁଟରୁ ଅଧିକ ଧସିଯାଇଥିବା ବେଳେ ତରପଦା ପଞ୍ଚାୟତର ପାଟଣା ଗ୍ରାମ ନିକଟରେ ନିର୍ମାଣଧୀନ ଘାଇ ଠାରୁ କିଛି ଦୂରରେ ୨ଟି ସ୍ଥାନରେ କାଣୀ ନଦୀ ବନ୍ଧ ୨୦ ଫୁଟରୁ ଅଧିକ ଧସିଯାଇଛି । ପ୍ରଶାସନ ପକ୍ଷରୁ ବୈତରଣୀ ଏବଂ କାଣୀ ନଦୀରେ ଧସିଥିବା ବନ୍ଧରେ ବଲ୍‌ହା ଏବଂ ବାଲିବସ୍ତା ପକାଇ ନିର୍ମାଣକାର୍ଯ୍ୟ ଜାରିରହିଛି ।ଘଟଣା ସ୍ଥଳରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ,ବିଡ଼ିଓ ଆକାଶ ପଟନାୟକ, ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁ, ଜଳସମ୍ପଦ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ଏସଡ଼ିଓ ଆନ୍ତର୍ଯ୍ୟାମୀ ମହାନ୍ତି ଓ ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ମହାନ୍ତି ପହଁଚି ଧସିଥିବା ନଦୀ ବନ୍ଧର ମରାମତି କିଭଳି ଭାବେ ଶୀଘ୍ର କରାଯାଇପାରିବ ଆଲୋଚନା କରିବା ସହ କାର୍ଯ୍ୟ କରିଥିଲେ ଲଗାଣ ବର୍ଷା ଯୋଗୁଁ ଦଶରଥପୁର ବ୍ଲକରେ ଗୋଟିଏ ପରେ ଗୋଟିଏ ପଞ୍ଚାୟତ ବନ୍ୟା ଜଳରେ ବନ୍ଦୀ ହୋଇ ବାହ୍ୟ ଜଗତରୁ ବିଛିନ୍ନ ହେଉଛି ।ପ୍ରଶାସନ ପକ୍ଷ ରୁ ୯୦ ହଜାରରୁ ଉର୍ଦ୍ଧ ବନ୍ୟା ବିପନ୍ନଙ୍କୁ ଉଦ୍ଧାର କରିବା ସହ ୫୭ ଟି ସେଣ୍ଟର ରେ ରନ୍ଧା ଖାଦ୍ୟ ଏବଂ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଇଛି ।ଦୁଇଟି ଓଡ୍ରାଫ, ଦୁଇଟି ଏନଡିଆରଫ ଏବଂ ଦଶରଥପୁର ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

### ସିଗ୍‌ମା ପବ୍ଲିକ ସ୍କୁଲ ରେ ପତାକା ଉତ୍ତୋଳନ

ଖୋର୍ଦ୍ଧା, (ସବ୍ୟୁ): ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗମା ପବ୍ଲିକ ସ୍କୁଲ ରେ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ସ୍କୁଲ ପରିସର ରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଚେୟାରମେନ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଶ୍ରୀ ସାମନ୍ତରାୟ ଉପସ୍ଥିତ ଛାତ୍ର ଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଅଂଚଳ ବାସୀ ଙ୍କୁ ଉଦବୋଧନ ଦେଇ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସମର୍ପି ଦେଇ ଥିବା ମହାପୁରୁଷ ଙ୍କ ଅବଦାନ ସମ୍ପର୍କରେ ସ୍ମରଣ କରିଥିଲେ। ଅଖଣ୍ଡ ଭାରତବର୍ଷ କୁ ଭବିଷ୍ୟତ ରେ ସୁରକ୍ଷିତ ରଖିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳୀ ପଟ୍ଟନାୟକ ମଧ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ସୁନାଗରିକ ହୋଇ ଦେଶ ମାତୃକାର ସେବା କରିବାକୁ ଆହ୍ୱାନ ଦେଇଥିଲେ। ସ୍କୁଲ ତରଫରୁ ଏକ ସପ୍ତାହ ଧରି ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟ ରେ ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଗଷ୍ଟ ମାସ ୧୩ତାରିଖ ଦିନ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ ଅବସର ରେ ବହୁ ଛାତ୍ର ଛାତ୍ରୀ ତୁଷାର ରଂଜନ ମହାନ୍ତି, ବିରଂଚି ନାରାୟଣ ପଣ୍ଡା, ସୁମିତା ତ୍ରିପାଠୀ, ବର୍ଣ୍ଣାଲି ମାଝି, ରଚିତା ସ୍ୱାଇଁ, ବସନ୍ତ କୁମାର ଝୁଂଟିଆଙ୍କ ନେତୃତ୍ୱରେ ସହର ପରିକ୍ରମା କରିଥିଲେ।

## କିଟ୍ ଓ କିସ୍‌ରେ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): କିଟ୍, କିସ୍, କିମ୍ସ, କିଟ୍ ପବ୍ଲିକ୍ ସ୍କୁଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ୮୦ତମ ସ୍ୱାଧୀନତା ଦିବସ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି । କିସ୍ ପରିସରରେ ଆୟୋଜିତ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ବିଶିଷ୍ଟ କନ୍ନଡ ସାମ୍ବାଦିକ ତଥା କନ୍ନଡ ଦୈନିକ ବିଶ୍ୱବାଣୀର ମୁଖ୍ୟ ସଂପାଦକ ବିଶ୍ୱେଶ୍ୱର ଭଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ସେ କହିଲେ, ଏବେ ଆମକୁ ଦାରିଦ୍ର୍ୟ, ନିରକ୍ଷରତାରୁ ମୁକ୍ତି ଏବଂ ଶିକ୍ଷା ମାଧ୍ୟମରେ ସ୍ୱାଧୀନତା ହାସଲ କରିବାକୁ ହେବ । ପ୍ରତିଷ୍ଠାତା ଅଚ୍ୟୁତ ସମନ୍ତଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ସେ କହିଲେ, ମୁଁ ସବୁବେଳେ ଅଚ୍ୟୁତ ସାମନ୍ତଙ୍କୁ ତାଙ୍କର ମହାନ ନିଷ୍ଠା ଓ ପ୍ରେରଣା ପାଇଁ ସ୍ମରଣ କରେ । ସେ ଆଗାମୀ ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇ ଆସୁଛନ୍ତି । ତୁମମାନଙ୍କ ଭବିଷ୍ୟତ ଏବେ ସବୁଠାରୁ ସୁରକ୍ଷିତ ହାତରେ ଏବଂ ସର୍ବୋତ୍ତମ ଯତ୍ନରେ ରହିଛି ବୋଲି ସେ କହିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଲେ, ତୁମମାନଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ହେବ । ଯେପର୍ଯ୍ୟନ୍ତ ତୁମର ଉନ୍ନତି ନ ହୋଇଛି ସେପର୍ଯ୍ୟନ୍ତ ଆମକୁ ଖୁସି କି ଆନନ୍ଦ ମିଳିବ ନାହିଁ । ବିକଶିତ ଭାରତରେ ତୁମମାନଙ୍କ ଯୋଗଦାନ ରହିବ । ଦୀର୍ଘ



୩୫ ବର୍ଷ ହେଲା କିସ୍ ଅତି ସୁନ୍ଦର ଭାବେ ଚାଲୁଛି । ଏହାକୁ ଆହୁରି ସୁନ୍ଦର କରାଯିବ । ଅନ୍ୟମାନଙ୍କ ମଧ୍ୟରେ କିସ ସଂପାଦକ ଆର ଏନ ଦାଶ, କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ ଡି, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି, ବରିଷ୍ଠ ମହାନିର୍ଦ୍ଦେଶକ ଡ ଦେବାଶିଷ ବନ୍ଦୋପାଧ୍ୟାୟ, କିସ ବିଶ୍ୱବିଦ୍ୟାଳୟ କୁଳସଚିବ ଡ ପ୍ରଶାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । କିଟ୍ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ଶରଣଜିତ ସିଂହ ପତାକା ଉତ୍ତୋଳନ କରିଥିବା ବେଳେ କିମସରେ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିଟ ଇଣ୍ଟରନାସନାଲ ସ୍କୁଲରେ ଅଧ୍ୟକ୍ଷ ଡ ସଞ୍ଜୟ ସୁଆର, କିଟ୍ ପବ୍ଲିକ ସ୍କୁଲରେ ସ୍କୁଲର ଅଧ୍ୟକ୍ଷ ଦିଲୀପ କୁମାର ତ୍ରିପାଠୀ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ । କିସରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପାରେଡ ଓ ପରେ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

## ଏମ୍‌ଏମ୍‌ଡିଆର୍ ପ୍ରତ୍ୟାହାର ନ ହେଲେ ସବୁ ଖଣି ବନ୍ଦ କରିବ କଂଗ୍ରେସ : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ଖଣି ଓ ଖଣିଜଜାତ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ-୨୦୨୬ ଲାଗୁ ହେବା ଦ୍ୱାରା କିପରି ରାଜ୍ୟର ବୃହତ୍ତର ସ୍ୱାର୍ଥହାନୀ ହେଉଛି ତାକୁ ନେଇ ପିସିସି ଗଣମାଧ୍ୟମ ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନିଜ ମତ ଉପସ୍ଥାପନ କରିଥିଲେ ପିସିସି ସଭାପତି ଭକ୍ତ ଚରଣ ଦାସ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏବଂ ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

ଏମଏମଆରଡି ବିଲ ଉପରେ ପ୍ରାରମ୍ଭିକ ସୂଚନା ଦେଇ ଅଧ୍ୟକ୍ଷ ଶ୍ରୀ ଦାସ କହିଥିଲେ ଯେ ଏହି ବିଲ ଦ୍ୱାରା ରାଜ୍ୟର ବ୍ୟାପକ ହାନୀ ହେଉଛି । ପ୍ରକୃତରେ ଏହି ବିଧେୟକ କେନ୍ଦ୍ରର ଆଧିପତ୍ୟ ବିସ୍ତାର କରିବା ଉଦ୍ଦେଶ୍ୟରେ ଅଣାଯାଇଛି । କମ୍ପାନୀ ଗୁଡିକୁ ଖଣି ପରେ ଖଣି ଲିଜ ଦିଆଚାଲିଛି । ଏହି ବିଲ ଲାଗୁକରି




ପୂରା ଖଣି ସାମ୍ରାଜ୍ୟ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି । ଏହି ବିଲ ବିରୋଧରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ନିଜ ପ୍ରତିକ୍ରିୟା ପ୍ରକାଶ କରି ସାରିଥିବାବେଳେ ଓଡିଶା ମୁଖ୍ୟମନ୍ତ୍ରୀ ନୀରବ ରହିଛନ୍ତି । ସମ୍ମିଳନୀରେ ସାମ୍ବାଦିକଙ୍କୁ ସମ୍ବୋଧିତ କରି ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ, ସଂସଦରେ ଏମଏମଡିଆର ବିଧେୟକ (ଖଣି ଓ ଖଣିଜଜାତ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ -୨୦୨୬) ପାରିତ ହୋଇଛି । ନିଜ ରାଜ୍ୟର ଖଣିଖାଦାନ ଉପରେ ରାଜ୍ୟ ସରକାର ଆଉ ଟିକସ/ ଶୁଳ୍କ/ସେସ ଆଦାୟ କରିପାରିବ ନାହିଁ । ରାଜ୍ୟର ଆର୍ଥିକ ସ୍ୱାୟତ୍ତତା ଗଲା । ଓଡ଼ିଶା ପରି ପ୍ରଚୁର ଖଣି ଓ ଖଣିଜଜାତ ଦ୍ରବ୍ୟ ଥିବା ରାଜ୍ୟ ଗୁଡ଼ିକ ଅକଥନୀୟ ରାଜସ୍ୱ କ୍ଷତିକୁ ସାମନା କରିବେ । ରାଜ୍ୟଗୁଡ଼ିକର ବିକାଶ ଘୋର ବାଧାପ୍ରାପ୍ତ ହେବ । ସ୍ୱାସ୍ଥ୍ୟସେବା, ମୌଳିକ ଶିକ୍ଷା, ଭିତ୍ତିଭୂମି ଆଦିର ଉନ୍ନତି ପାଇଁ ରାଜ୍ୟ ନିଜ ସମ୍ବଳର ଉପଯୋଗ କରିବାର ଅଧିକାର ମଧ୍ୟ ଏଣିକି ହରାଇଲେ । ବେରୋଜଗାରୀ ରାଜ୍ୟର ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଖଣି ଖାଦାନରୁ ଉପଲବ୍ଧ ଅର୍ଥ ଦ୍ୱାରା ରାଜ୍ୟର ଗଣଦାରିଦ୍ର୍ୟ କିଛିଟା ଉପଶମ କରିବାର ସୁଯୋଗ ରହୁଥିଲା । ସେତକ ମଧ୍ୟ ହାତରୁ ଗଲା ।

ଓଡ଼ିଶାର ଭୂସମ୍ପଦ ମୂଳତଃ ଓଡ଼ିଶାର ଅଟେ । ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ରାଜ୍ୟର ଲୋକେ ବ୍ୟାପକ ପ୍ରଦୂଷଣ ଓ ବିସ୍ଥାପନ ଆଦି ସମସ୍ୟା ସହ ଯୁଝିବେ ଅଥଚ ଓଡ଼ିଶାର ରାଜକୋଷ ସାମାନ୍ୟତମ ସମୃଦ୍ଧ ହେବନାହିଁ -ଏହା ରାଜ୍ୟ ପ୍ରତି ଏକ ବଡ଼ ଅନ୍ୟାୟ । ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ଏହା ଏକ ବଡ଼ କୁଠାରାଘାତ । ପୂର୍ବତନ ପିସିସି ସଭାପତି ଶ୍ରୀ ଜେନା ଖଣି ବିଧେୟକ ଉପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟ ଏତେ ଲକ୍ଷ ଟଙ୍କାର କ୍ଷତି ହେବ ବୋଲି ଜାଣିଶୁଣି ଡବଲ ଇଞ୍ଜିନ ସରକାର ରାଜ୍ୟକୁ ତଳି ତଳାନ୍ତ କରୁଛି । ଏଭଳି ବିଧେୟକ ପାଇଁ ରାଜ୍ୟ ତଥା ରାଜ୍ୟବାସୀଙ୍କ ସହମତି ନେବା ଆବଶ୍ୟକ କିନ୍ତୁ ଏଭଳି କିଛି ହୋଇନାହିଁ । ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ ।

## ରୁଚି ଶିଳ୍ପୋଦ୍ୟୋଗ ପକ୍ଷରୁ ସ୍ୱାଧୀନତା ଦିବସ

କଟକ, (ସ୍ୱ.ପ୍ର): ଓଡ଼ିଶାର ପ୍ରମୁଖ ଶିଳ୍ପୋଦ୍ୟୋଗ ରୁଚି ଫୁଡଲାଇନ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ମସଲା ଡିଭିଜନ ମୁଖ୍ୟାଳୟ ଠାରେ ଅଧ୍ୟକ୍ଷା ଶ୍ରୀମତୀ ସଙ୍ଗୀତା ସାହୁ, ପାସ୍ତା ଭିଲେଜ ଏବଂ ରାମଦାସପୁର ନୂତନ ଶିଳ୍ପାଞ୍ଚଳଠାରେ ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ ଜାତୀୟ ପତାକା ଉତ୍ତୋଳନ କରି ରାଜ୍ୟର ବରପୁତ୍ର ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦେଶପ୍ରେମ ତ୍ୟାଗର ସ୍ମୃତି



ଚାରଣ କରିଥିଲେ । ରୁଚିର ସୁରକ୍ଷା କର୍ମଚାରୀଙ୍କ ପକ୍ଷରୁ ମଧୁପାଟଣା ଶିଳ୍ପାଞ୍ଚଳଠାରେ ଚିତ୍ତାକର୍ଷକ ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଦେଶିକା ସଲିନା ସାହୁ, ସାନଭି ସାହୁ,ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡଙ୍ଗୀ ପ୍ରମୁଖ ମଧ୍ୟ ଉଦବୋଧନ ଦେଇଥିଲେ । ରୁଚିର ଲୋକ ସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେବା ସହିତ ସମଗ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଣଜିତ ସାହୁ,ବିଶ୍ୱଜିତ ଜେନା, ଅରୁଣ ବାରିକ, ମନୋରଞ୍ଜନ ନାୟକ, ଅଜିତ ବେବର୍ତ୍ତା , ଅରକ୍ଷିତ ରଣା, ସୂର୍ଯ୍ୟକାନ୍ତ ସାହୁ, ଯୋଗୀନ୍ଦ୍ର ସାହୁ,ସାଲଖାନ ମୁର୍ମୁ ପ୍ରମୁଖ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାଲିସାହି ଫାର୍ମ ହାଉସଠାରେ ଆମ୍ବ ଓ ବଉଳଗଛ ଲଗାଯାଇଥିଲା ।

# ଧର୍ମଶାଳା ନିର୍ବାଚନ ମଣ୍ଡଳୀସ୍ତରିୟ ସ୍ୱାଧୀନତା ଦିବସ ପାଳିତ

ବାଲେଶ୍ୱର ,(ସବ୍ୟୁ): ବାଲେଶ୍ୱରର ବିଶିଷ୍ଟ ଆଇନଜୀବୀ, ଶିକ୍ଷାବିତ୍ ତଥା ସମାଜସେବୀ ସ୍ୱର୍ଗତ ପ୍ରଶାନ୍ତ କୁମାର ଚାନ୍ଦଙ୍କର ୧୫ ଅଗଷ୍ଟ ଶନିବାର ଦିନ ପରଲୋକ ଘଟିଛି। ଆଇନ କ୍ଷେତ୍ର ସହ ଶିକ୍ଷା, ସାମାଜିକ ସେବା ଓ ସାର୍ବଜନୀନ ଜୀବନରେ ଛଅ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କର ଅବଦାନ ତାଙ୍କୁ ବାଲେଶ୍ୱର ତଥା ଓଡ଼ିଶାର ଏକ ପରିଚିତ ଓ ସମ୍ମାନିତ ବ୍ୟକ୍ତିତ୍ୱରେ ପରିଣତ କରିଥିଲା।୨୦ ଜୁଲାଇ ୧୯୩୧ରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ଥାନା ଅଧୀନ ମାଳରୁଆଁ ଗ୍ରାମରେ ତାଙ୍କର ଜନ୍ମ। ତାଙ୍କ ପିତା ସ୍ୱର୍ଗତ ଗୋଲକେନ୍ଦ୍ର ନାରାୟଣ ଚାନ୍ଦ ବାଲେଶ୍ୱରରେ ଜଣେ ପ୍ରତିଷ୍ଠିତ ପ୍ଲିଡର ଥିଲେ।୧୯୬୨ରେ ଆଡଭୋକେଟ୍ ଭାବେ ନାମ ପଞ୍ଜୀକୃତ ହେବା ପରେ ସେ ଦେଓ୍ୱାନୀ, ଫୌଜଦାରୀ ଓ ଶିଳ୍ପ ଆଇନ କ୍ଷେତ୍ରରେ ଦୀର୍ଘ ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଆଇନ ବ୍ୟବସାୟ କରିଥିଲେ। ଆଇନଜୀବୀଙ୍କ ସଂଗଠନରେ ମଧ୍ୟ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ୧୯୮୫ରେ ସେ ଓଡ଼ିଶା ଷ୍ଟେଟ୍ ବାର କାଉନସିଲର ସଦସ୍ୟ ନିର୍ବାଚିତ ହୋଇଥିଲେ ଏବଂ ଅବିଭକ୍ତ ବାଲେଶ୍ୱର ଜିଲ୍ଲାରୁ ଏହି ପଦବୀକୁ ନିର୍ବାଚିତ ହେବାରେ ସେ ପ୍ରଥମ ଆଇନଜୀବୀ ଥିଲେ। ୧୭ ବର୍ଷ ଧରି ସଦସ୍ୟ ରହିବା ସହ ୧୯୯୧ରୁ ୧୯୯୭ ପର୍ଯ୍ୟନ୍ତ ଉପାଧ୍ୟକ୍ଷ ଏବଂ ୧୯୯୬-୯୭ରେ କାର୍ଯ୍ୟବାହୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନର ସାଧାରଣ ସମ୍ପାଦକ ଓ ଉପାଧ୍ୟକ୍ଷ ଭାବେ ମଧ୍ୟ ସେ କାର୍ଯ୍ୟକରିଥିଲେ। ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ମଧ୍ୟ ସ୍ମରଣୀୟ। ୧୯୮୮ରେ ବାଲେଶ୍ୱର ଲ କଲେଜର ପ୍ରତିଷ୍ଠାତା ସମ୍ପାଦକ ଭାବେ ଦାୟିତ୍ୱ ନେଇ ସେ ୨୦୦୭ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ପ୍ରାୟ ସାଢ଼େ ସାତ ବର୍ଷ ଧରି କଲେଜର ସମ୍ମାନୀୟ ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ ଏବଂ କ୍ରିମିନାଲ ଲରେ ଅଂଶକାଳୀନ ଅଧ୍ୟାପକ ଭାବେ ଶିକ୍ଷାଦାନ କରିଥିଲେ। ପବ୍ଲିକ୍ ଏମ୍.ଇ. ସ୍କୁଲର ସମ୍ପାଦକ ଏବଂ ପବ୍ଲିକ୍ ହାଇସ୍କୁଲ, ବାଲେଶ୍ୱରର ପ୍ରତିଷ୍ଠାରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଓ ସରକାରୀ ପ୍ଲିଡର ଭାବେ କାର୍ଯ୍ୟ କରିଥିଲେ। ବହୁ ଗୁରୁତ୍ୱପୂର୍ଣ୍ଣ ଫୌଜଦାରୀ ମାମଲାରେ ସ୍ପେଶାଲ୍ ପବ୍ଲିକ୍ ପ୍ରସିକ୍ୟୁଟର ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ବାଲେଶ୍ୱର ପୌରପାଳିକାର ଆଇନ ପରାମର୍ଶଦାତା ଭାବେ ୨୦ ବର୍ଷ ଏବଂ ଫୁଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆର ଆଇନ ପରାମର୍ଶଦାତା ଭାବେ ୯ ବର୍ଷ କାର୍ଯ୍ୟ କରିଥିଲେ। ବାଲେଶ୍ୱର ଏମ୍ପ୍ଲୟର୍ସ ଆସୋସିଏସନର ପ୍ରତିଷ୍ଠାତାମାନଙ୍କ ମଧ୍ୟରେ ସେ ଥିଲେ ଏବଂ ପରବର୍ତ୍ତୀ ସମୟରେ ଏହା ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସରେ ପରିଣତ ହେବା ପରେ ବହୁ ବର୍ଷ ଧରି ଏହାର ଅଧ୍ୟକ୍ଷ ରହିଥିଲେ। ୧୯୬୮ରୁ ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱରର ଚାର୍ଟାର୍ଡ ମେମ୍ବର ଭାବେ ସେବା କରିବା ସହ ରୋଟାରୀ ଆଇ ଆଣ୍ଡ ଡେଣ୍ଟାଲ୍ କ୍ଲିନିକ୍ ପ୍ରତିଷ୍ଠାରେ ମଧ୍ୟ ଅବଦାନ ରଖିଥିଲେ। ତାଙ୍କର ଦୀର୍ଘ ଓ ଗୌରବମୟ ଜୀବନ ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲା। ୧୯୮୬ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ଲାକ୍ ଅଫ୍ ଅନର୍, ୧୯୯୬ରେ ରାଷ୍ଟ୍ରଦୂତ ସମ୍ମାନ ଏବଂ ୨୦୦୭ରେ ୫୦ ବର୍ଷରୁ ଅଧିକ ଆଇନ ବ୍ୟବସାୟ ପୂରଣ କରିଥିବାରୁ ଜଳେଶ୍ୱର ବାର୍ ଆସୋସିଏସନ୍ ପକ୍ଷରୁ ସମ୍ମାନିତ ହୋଇଥିଲେ।

# ମାଛ ଧରିବାକୁ ଯାଇ ପାଣିରେ ବୁଡ଼ି ଅଧ୍ୟାପକ ମୃତ



ବେତନଟୀ,(ସବ୍ୟୁ): ମାଛ ଧରିବାକୁ ଯାଇ ସାବଧାନତା ବଶତଃ ଗୋଡ଼ ଖସିଯିବାରୁ ପାଣିରେ ସୁଆରେ ଭାସିଯାଇ ମୃତ୍ୟୁ ବରଣ କରିଛନ୍ତି ଜଣେ ଯୁବ ଅଧ୍ୟାପକ । ପଡ଼ୋଶୀ ବାଲେଶ୍ୱର ଜିଲ୍ଲାର ଗଣ୍ଡର୍ଦ୍ଦା ଗ୍ରାମର ମନୋରଞ୍ଜନ ରାଉତଙ୍କ ପୁଅ ପଙ୍କଜ ରାଉତ (୨୮) ଶନିବାର ପୂର୍ବାହ୍ନ ସମୟରେ ବାଲକା - ଗଣ୍ଡର୍ଦ୍ଦା ରାସ୍ତା ର ଗଣ୍ଡବାଙ୍କ କୁ ମାଛ ଧରିବା ପାଇଁ ଆସିଥିଲେ । ସେହିଠାରେ ନୂତନ ଭାବେ ପୋଲ ତିଆରି ହେଉଥିବା ବେଳେ ପାର୍ଶ୍ୱରୁ ମାଟି ଉଠାଯାଇଥିବା ବେଳେ ସେହି ଯାଗାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଯାଇଥିଲା । ସେହି ପଟ ଦେଇ ବନ୍ୟାଜଳ ପ୍ରବାହିତ ହେଉଥିଲା । ମାଛ ଧରିବା ପାଇଁ ଯାଉଥିବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସି ଯାଇଥିଲା । ଫଳରେ ପାଣି ସୁଅରେ ଭାସି ଯାଇଥିଲେ । ପାଖରେ ଉପସ୍ଥିତ ଥିବା ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପାଇନଥିଲେ । ଦୀର୍ଘ ସମୟରେ ପାଣିରୁ ପଙ୍କଜଙ୍କ ଶରୀରକୁ ଉଦ୍ଧାର କରିବା ମାତ୍ରେ ବାଲେଶ୍ୱର ମେଡିକାଲକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ ।

# ଦିନ ଦ୍ୱିପ୍ରହରେ ମହିଳାଙ୍କୁ ବାନ୍ଧି ଘରୁ ନେଇଗଲେ ଲକ୍ଷଲକ୍ଷ ଟଙ୍କାର ସୁନାଗହଣା

ଭଦ୍ରକ,(ସବ୍ୟୁ): ଚାନ୍ଦବାଲି ସଦର କାଳୀମନ୍ଦିର ନିକଟସ୍ଥ ପ୍ରମୋଦ ତ୍ରିପାଠୀଙ୍କ ଘରେ ଦିନ ଦ୍ୱିପ୍ରହରେ ଲୁଟ୍। ଘରେ ଏକାକୀ ଥିବା ତାଙ୍କ ସ୍ତ୍ରୀ ତିଳୋତ୍ତମାଙ୍କୁ ବାନ୍ଧି ଦୁଇଜଣ ଦୁର୍ବୃତ୍ତ ଲକ୍ଷଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ସକାଳ ୧୧ଟା ସମୟରେ ଦୁଇଜଣ ଯୁବକ ପ୍ରମୋଦ ତ୍ରିପାଠୀଙ୍କ ଘରକୁ ଆସିଥିଲେ। ଦୁଇ ଦିନ ପୂର୍ବରୁ ମଧ୍ୟ ସେମାନେ ଜନ୍ମଦିନ ଅବସରରେ ଚାରା ବଣ୍ଟନ କରିବାକୁ ଆସିଥିବା କୁହାଯାଉଛି। ଆଜି ପୁଣି ସେମାନେ ଘରକୁ ଆସି ପ୍ରମୋଦ ତ୍ରିପାଠୀଙ୍କ ବିଷୟରେ ପଚାରିଥିଲେ। ସେ ସମୟରେ ପ୍ରମୋଦ ଘରେ ନଥିବା ତାଙ୍କ ସ୍ତ୍ରୀ ତିଳୋତ୍ତମା କହିଥିଲେ। ତେବେ ଦୁର୍ବୃତ୍ତଦ୍ୱୟ ସୋଫାରେ ବସି ରହିଥିଲେ। ସେମାନେ ଆଜି ସ୍ୱାଧୀନତା ଦିବସ ଅବସରରେ ପ୍ରମୋଦ ସାରଙ୍କୁ କିଛି ସେଓ ଓ ବୁନ୍ଦିଆ ଦେବା ପାଇଁ ଆସିଥିବା କହିଥିଲେ। କିଛି ସମୟ ବସିବା ପରେ ଦୁଇ ଦୁର୍ବୃତ୍ତ ତିଳୋତ୍ତମାଙ୍କୁ ବାନ୍ଧି ଦେବା ସହ ତାଙ୍କୁ ଅଚେତ କରିଦେଇଥିଲେ। ପରେ ତାଙ୍କ ବେକ ଓ କାନରୁ ସୁନାଗହଣା ଲୁଟିବା ସହ ଘରର ଆଲମିରା ଖୋଲି ନଗଦ ଟଙ୍କା ଓ ସୁନାଗହଣା ନେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ପ୍ରମୋଦ ତ୍ରିପାଠୀ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ଲୁଟେରାଙ୍କ ପରିଚୟ ଓ ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ନାବାଳିକା ଛାତ୍ରୀର ସନ୍ଦେହଜନକ ମୃତ୍ୟୁ

କରଞ୍ଜିଆ, (ସବ୍ୟୁ): କରଞ୍ଜିଆ ଥାନା ଅନ୍ତର୍ଗତ ଘୋଷଦା ପଞ୍ଚାୟତ ର ହାଲପୁର ଗ୍ରାମର ସୁନିଆ ମୁଣ୍ଡାର ଝିଅ ପୂଜାର ମୃତ୍ୟୁ ସନ୍ଦେହଜନକ ମୃତ୍ୟୁ ଘଟିଛି । ପୂଜାର ଶବ ନିଜ ଘରରେ ଝୁଲୁ ଥିବା ଅବସ୍ଥାରେ ମିଳିଥିବା ମିଳିଥିବାରୁ ରଞ୍ଜିଆ ପୁଲିସ ଶବ ଜବତ କରି ପୋଷ୍ଟମାର୍ଟମ କରିଛି ।ପାରମ୍ଭିକ ସ୍ତରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଛି ପୁଲିସ । ହାଲପୁର ଗ୍ରାମସର ସୁନିଆ ମୁଣ୍ଡା ଜଣେ ଶ୍ରମିକ ଶ୍ରେଣୀର ବ୍ୟକ୍ତି ।ତା ଝିଅ ପୂଜା ମୁଣ୍ଡା ଘୋଷଦା ବାଳିକା ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିଲା ।ଶନିବାର ଦିନ ଘରକୁ ଆସିଥିଲା। ସୁନିଆ ମୁଣ୍ଡା ଓ ତା ସ୍ତ୍ରୀ ଦିନ ତିନିଟା ସମୟରେ ନିକଟ ଇନ୍ଦୁପୁର ହାଟକୁ ଯାଇଥିଲେ ।ଅପରାହ୍ନ ୬ଟାରେ ଘରକୁ ଫେରି ପୂଜା ନିଜ ରୁମର ସିଲିଙ୍ଗରେ ଝୁଲୁଥିବାର ଦେଖିବାକୁ ପାଇଥିଲେ। ପୂଜାକୁ ତୁରନ୍ତ କରଞ୍ଜିଆ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ, ଡାକ୍ତର ଏଠାରେ ମୃତ ଘୋଷଣା କରିଥିଲେ ।କରଞ୍ଜିଆ ପୁଲିସ ଖବର ପାଇଁ ଶବ ଜବତ କରି ରବିବାରଦିନ ବ୍ୟବଚ୍ଛେଦ କରିଛି । ରିପୋର୍ଟ ଆସିଲେ ପରବର୍ତୀ ପଦକ୍ଷେପ ନେବେ ବୋଲି କହିଛି ।ତେବେ ପିଜାକୁ କେହି ତାଂକ ଅନୁପସ୍ଥିତିରେ ହତ୍ୟାକାରୀଥାଇପାରନ୍ତି ବୋଲି ପରିବାର ପକ୍ଷରୁ ସନ୍ଦେହ କରିଛନ୍ତି ।

# ଓଲଟି ପଡିଲା ଅଟୋ : ୬ ଛାତ୍ରଛାତ୍ରୀ ସମେତ ଗାଡି ଚାଳକ ଆହତ

ସୋର,(ସବ୍ୟୁ): ସ୍ୱାଧୀନତା ଦିବସ ପାଳନ ପାଇଁ ସ୍କୁଲକୁ ଅଟୋରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡିବାରୁ ୬ ଜଣ ଛାତ୍ରଛାତ୍ରୀଙ୍କ ସମେତ ଗାଡି ଚାଳକ ଆହତ ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଶନିବାର ସକାଳେ ଏକ ବ୍ୟାଟେରୀ ଚାଳିତ ଅଟୋରେ ବାହାନଗା ବ୍ଲକ ଷଠି ଅଂଚଳର ୮ରୁ ଅଧିକ ଛାତ୍ରଛାତ୍ରୀ ନିକଟରେ ଥିବା ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିଲେ। ଏହି ସମୟରେ ଷଠି ଛକ ନିକଟରେ ବର୍ଷା ହେଉଥିବାରୁ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଅଟୋରେ ଥିବା ଛାତ୍ରଛାତ୍ରୀ ଓ ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଅଟୋ ଚାଳକ କ୍ଷୀରୋଦ କୁମାର ପଣ୍ଡାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମାଖନା ହାତୀର ଆଖି ସଂକ୍ରମିତ ପର୍ଯ୍ୟବେକ୍ଷଣରେ ରଖିବାକୁ ପରାମର୍ଶ

ନୀଳଗିରି , (ସବ୍ୟୁ): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ପଞ୍ଚଲିଙ୍ଗେଶ୍ୱର ବିଟ୍ ଅଞ୍ଚଳରେ ଦୀର୍ଘ ୧୫/୨୦ଦିନ ଧରି ଏକ ମାଖନା ହାତୀ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ବନବିଭାଗ ନଜରକୁ ଆସିଥିଲା। ଏନେଇ ବିଭାଗୀୟ କର୍ମଚାରୀମାନେ ହାତୀଟିର ଗତିବିଧି ଓ ଆଚରଣ ଉପରେ ନଜର ରଖିବା ସହିତ ବିଭାଗପକ୍ଷରୁ ପଶୁଚିକିତ୍ସକଙ୍କ ଦ୍ୱାରା ହାତୀର ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିଥିଲେ।ହାତୀଟି ଆଖି ସଂକ୍ରମଣର ଶିକାର ହୋଇଥିବା ପରିଲକ୍ଷିତ କରି ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ତେବେ ମାଖନା ହାତୀଟିର ସ୍ୱାସ୍ଥ୍ୟପ୍ରତି ବନବିଭାଗ ସଜାଗ ଥିବାବେଳେ ଏହାର ଗତିବିଧି ଓ ଆଚରଣ ଉପରେ ବିଭାଗୀୟ କର୍ମଚାରୀ କଡ଼ାନଜର ରଖିଥିବା ଏସିଏଫ୍ ତଟିନୀ ସେଠୀ ପ୍ରେସ ରେ ସୂଚନା ଦେଇଛନ୍ତି। ସୁଚନା ଥାଉକି ଏହି ବିଶାଳକାୟ ହାତୀଟିର ଗୋଟିଏ ଆଖି ସଂକ୍ରମିତ ହୋଇଯାଇଥିବା ବେଳେ ଅନ୍ୟ ଆଖି କୁ ବି ଠିକ୍‌ରେ ଦେଖାଯାଉନାହିଁ । ସ୍ପଷ୍ଟ ଦେଖାଯାଉ ନଥିବାରୁ ସେ ଏବେ ଏଣେତେଣେ ପଶିଯିବା, ଖାଲୁଆ ସ୍ଥାନରେ ହାମୁଡ଼େଇ ପଡ଼ିବା ସହ ଗଛରେ ପିଟି ହୋଇଯାଉଛି। ଫଳରେ, ହାତୀଟି ଠିକ୍‌ରେ ଚଲାବୁଲା କରିପାରୁନି। ଯେତିକି ଚାଲୁଛି, ତା'ଠାରୁ ବେଶୀ ଝୁଣ୍ଟୁଛି। ଏହି କାରଣରୁ ସେ ନିଜ ପାଇଁ ଠିକ୍‌ରେ ଖାଦ୍ୟ ବି ସଂଗ୍ରହ କରିପାରୁନାହିଁ। ତେଣୁ ଆଖି ସଂକ୍ରମିତ ହୋଇଥିବା ହାତୀକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରିବା ପରିବର୍ତ୍ତେ ବନ ବିଭାଗ କେବଳ ଏହାର ଗତିବିଧି ଉପରେ ନଜର ରଖିବା ଦୁର୍ଭାଗ୍ୟର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି।

# ବାଣ କାରଖାନାରେ ବିସ୍ଫୋରଣ, ଜଣେ ମୃତ

ଭଦ୍ରକ, (ସବ୍ୟୁ): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ନିକଟସ୍ଥ ପରମାନନ୍ଦପୁର ଛକ ନିକଟରେ ଏକ ବେଆଇନ ବାଣ ଗଚ୍ଛିତ ଘରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ।ଶୁକ୍ରବାର ବିଳମ୍ବିତ ରାତିରେ ବହୁ ପରିମାଣର ବାଣ ଗଚ୍ଛିତ ଥିବା ଘରେ କୌଣସି କାରଣରୁ ହଠାତ ନିଆଁ ଲାଗି ଯାଇଥିଲା। ବାଣରେ ନିଆଁ ଲାଗିବା ପରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଘରର ଆଜବେଷ୍ଟସ ଛାତ ଖଣ୍ଡବିଖଣ୍ଡିତ ହୋଇ ଚାରିଆଡ଼େ ଛିଟିକି ପଡ଼ିଥିଲା। ଉକ୍ତ ଘରେ ଶୋଇଥିବା ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ଖବର ମିଳିଛି। ତେବେ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ଏଅଗ୍ନିକାଣ୍ଡରେ ଘରେ ଗଚ୍ଛିତ ଥିବା ଲକ୍ଷ ଲକ୍ଷ ଟଙ୍କାର ବାଣ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।ଖବର ପାଇ ଚାନ୍ଦବାଲି ଅଗ୍ନିଶମ ବାହିନୀ ନିଆଁ ନିୟନ୍ତ୍ରଣ କରିବା ସହ ଘଟଣାସ୍ଥଳରେ ଉଦ୍ଧାର ଓ ତଲାସୀ କାର୍ଯ୍ୟ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

ନୀଳଗିରି,(ସବ୍ୟୁ): ଶନିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ବାଇକ ଆରୋହୀ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଆସିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ନୀଳଗିରି ଏନ୍ ଏ ସି ଘାଟଘରସାହି ଅଞ୍ଚଳର ଟୁକୁଲୁ ସିଂ, ସନିଆ ସିଂ ଓ ଟିକିନା ସିଂ ଏକ ସ୍କୁଟିରେ ନୀଳଗିରିରୁ ସମ୍ପର୍କୀୟ ଘର ରେମୁଣାକୁ ଯାଉଥିବା ବେଳେ ଧୋବଶିଳା ପଞ୍ଚାୟତ ନିକଟରେ ଏକ ୧୨ଚକିଆ ଟ୍ରକ ସାଇଡରେ ଛିଡ଼ା ହୋଇଥିବାବେଳେ ହଠାତ୍ ସ୍କୁଟି ଚାଳକ ଟ୍ରକର ପଛ ପଟକୁ ଧକ୍କା ଦେଇ ଗଳି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତିନି ଜଣଙ୍କୁ ନିଳଗିରି ମେଡିକାଲ ୁ ପଠାଇ ଦେଇଥିଲେ। ଖବର ପାଇ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଥାନାକୁ ଆଣିଥିବା ବେଳେ ତଦନ୍ତ ଜାରି ରଖିଛନ୍ତି।

# ଥାନାରେ ସ୍ୱାଧୀନତା ଦିବସ

ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ଥାନାରେ ଆଇଆଇସି ଶରତ ମହାଳିକଙ୍କ ନେତୃତ୍ୱରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବନ୍ଦେ ମାତରମ ଗାନ ପରେ ମହାଳିକ ପତାକା ଉତ୍ତୋଳନ କରିଥିଲେ ଓ ସଙ୍ଗେ ସଙ୍ଗେ ଜନଗଣମନ ଗାନ କରାଯାଇଥିଲା ।ଶ୍ରୀଯୁକ୍ତ ମହାଳିକ ସାଥି ମାନଙ୍କୁ ଉଦବୋଧନ ଦେଇ ଲୋକଙ୍କୁ କିପରି ନ୍ୟାୟ ମିଳିବ, ଆଇନ ପ୍ରତି ଲୋକଙ୍କ ଆସ୍ଥା ବିଶ୍ୱାସ ଅତୁଟ ରହିବ ସେ ଦିଗରେ ସମସ୍ତେ କାମ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଏବଂ ଅନ୍ୟମାନେ ସାମିଲ ହୋଇଥିଲେ ।

# ସ୍ଥିତି ଅନୁଧାନ କଲେ ଜିଲ୍ଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀ



ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ପନ୍ଦର ଦିନ ବିତିଗଲାଣି, ହେଲେ ଆନନ୍ଦପୁର ରିଙ୍ଗ ରୋଡ୍ରେ ସୃଷ୍ଟି ହୋଇଥିବା ଘାଇର ସ୍ଥାୟୀ ମରାମତି ସରିନଥିବା ବେଳେ ପୁଣି ଥରେ ବନ୍ୟାଜଳ ଘାଇ ଦେଇ ସହର ମୁହାଁ ହୋଇଛି। ଫଳରେ ଆନନ୍ଦପୁରବାସୀଙ୍କ ମଧ୍ୟରେ ପୁଣି ବନ୍ୟା ଭୟ ଓ ଆତଙ୍କ ଦେଖାଦେଇଛି। ଏଭଳି ସମୟରେ ଜିଲ୍ଲା ପ୍ରଶାସନର ଏକ ଉଚ୍ଚସ୍ତରୀୟ ଟିମ ଆନନ୍ଦପୁରରେ ପହଞ୍ଚି ଘାଇ ଓ ବନ୍ୟା ପରିସ୍ଥିତିର ସରଜମିନ ଅନୁଧାନ କରିଛନ୍ତି।ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷଣ, ଏସ୍ପି ନିତିନ କୁଲଶକର, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ବିଡିଓ ମନୋଜ ମହାନ୍ତ, ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ , ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀ ବୃନ୍ଦ ଓ ଆନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ବିମଳ ଲୋଚନ ପଣ୍ଡା ଉପସ୍ଥିତ ଥିଲେ।ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ରିଙ୍ଗ ରୋଡ ଘାଇ ଅଞ୍ଚଳ ପରିଦର୍ଶନ କରିଥିଲେ। ଘାଇର ବର୍ତ୍ତମାନ ସ୍ଥିତି, ବନ୍ୟାଜଳର ପ୍ରବାହ, ରାସ୍ତାର କ୍ଷୟକ୍ଷତି ଏବଂ ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କ ସୁରକ୍ଷା ସମ୍ପର୍କରେ ଅଧିକାରୀମାନେ ଅନୁଧାନ କରିଥିଲେ।ଗତ ବନ୍ୟା ସମୟରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବା ପରେ ଆନନ୍ଦପୁର ରିଙ୍ଗ ରୋଡ୍ରେ ବଡ଼ ଧରଣର ଘାଇ ସୃଷ୍ଟି ହୋଇଥିଲା। ଘାଇର ଆକାର ବଢ଼ିବା ସହ ବନ୍ୟାଜଳର ପ୍ରବଳ ସ୍ରୋତ ରାସ୍ତା ଓ ଆଖପାଖ ଅଞ୍ଚଳକୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ପୂର୍ବରୁ ଏହି ଘାଇ ଯୋଗୁଁ ଗାଡ଼ି ଓ ଲୋକଙ୍କ ଯାତାୟାତ ମଧ୍ୟ ବିପଦପୂର୍ଣ୍ଣ ହୋଇଥିଲା। ଏକ ଗାଡ଼ି ବନ୍ୟାଜଳର ପ୍ରବଳ ସ୍ରୋତରେ ଭାସିଯିବା ଘଟଣା ମଧ୍ୟ ଆନନ୍ଦପୁରର ବନ୍ୟା ପରିସ୍ଥିତିର ଭୟାବହତାକୁ ସାମ୍ନାକୁ ଆଣିଥିଲା।ଘାଇ ମରାମତି ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଥିଲେ ମଧ୍ୟ ଦୀର୍ଘ ପନ୍ଦର ଦିନ ପରେ ବି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏବେ ପୁଣି ବନ୍ୟାଜଳ ଘାଇ ଦେଇ ଭିତରକୁ ପଶିବାରୁ ପୂର୍ବରୁ ବନ୍ୟା କ୍ଷତିରୁ ମୁକୁଳିନଥିବା ପରିବାରଗୁଡ଼ିକ ଅଧିକ ଭୟଭୀତ ହୋଇପଡ଼ିଛନ୍ତି।ଗତ ଦୁଇ ଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭାରି ବର୍ଷା ହେବାରୁ କେନ୍ଦୁଝର ସମେତ ଅନେକ ଜିଲ୍ଲାରେ ପୁଣି ବନ୍ୟା ପରିସ୍ଥିତି ଉପୁଜିଛି। କେନ୍ଦୁଝର ଜିଲ୍ଲା ମଧ୍ୟ ତାଜା ବନ୍ୟାର ପ୍ରଭାବିତ ଜିଲ୍ଲା ମଧ୍ୟରେ ରହିଛି। ଏଭଳି ପରିସ୍ଥିତିରେ ଆନନ୍ଦପୁର ରିଙ୍ଗ ରୋଡ ଘାଇ ଦେଇ ପୁଣି ବନ୍ୟାଜଳ ପ୍ରବେଶ କରିବା ଘଟଣା ପ୍ରଶାସନ ପାଇଁ ମଧ୍ୟ ଚିନ୍ତାର କାରଣ ପାଲଟିଛି।

# ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ



ବାରିପଦା,(ସବ୍ୟୁ): ଦୀର୍ଘ ୪୪ ବର୍ଷ ଧରି ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ କାର୍ଯ୍ୟ କରୁଥିବା ପ୍ରତିଶ୍ରୁତି ପ୍ରତିଷ୍ଠାନ ତରଫରୁ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ବହୁଭାଷୀ କବି ସମ୍ମିଳନୀ, ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ(ସଦ୍‌ଭାବନା ସଭା ଗୃହ) ଠାରେ ପ୍ରତିଷ୍ଠାନର ସ୍ଥାୟୀ ସଭାପତି ଡା. ପାର୍ଥ ସାରଥୀ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଉତ୍ସବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡଃ ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି, ଜିଲ୍ଲାଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟବକ୍ତା, ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଶ୍ରୁତି ତରଫରୁ ନଗରପାଳ ଶ୍ରୀଯୁକ୍ତ ମହାନ୍ତିଙ୍କୁ ମୟୂରଭଞ୍ଜର ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ସମର୍ପିତ ପ୍ରତିଷ୍ଠାନର ସର୍ବୋଚ୍ଚ ମର୍ଯ୍ୟାଦା ଜନକ ସମ୍ମାନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା।ପରେ କବୟିତ୍ରୀ ସୁଧାମୟୀ ଦାସ ଓ କବି ଗୋପାଳ ଚନ୍ଦ୍ର ସାଓଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଓଡ଼ିଆ, ସଂସ୍କୃତ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ହୋ, ସାନ୍ତାଳି, ମୁଣ୍ଡାରି ପ୍ରଭୃତି ବିଭିନ୍ନ ଭାଷାର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପରିଶେଷରେ କବି ବନମାଳି ପାତ୍ର ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହ

କେନ୍ଦୁଝର ,(ଜିପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।

ଉତ୍ସବ ସ୍ଥଳରେ ଜିଲ୍ଲାପାଳ ବିଶାଳ ସିଂହ ମୁଖ୍ୟଅତିଥି ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ଫୁଲତୋଡ଼ା ଦେଇ ଭବ୍ୟ ସ୍ୱାଗତ ଜଣାଇଥିଲେ। ପତାକା ଉତ୍ତୋଳନ ପୂର୍ବରୁ ପ୍ରଥମେ ମୁଖ୍ୟ ଅତିଥି ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ।ମନ୍ତ୍ରୀ ଶ୍ରୀ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଭୀଷଣ ବର୍ଷାକୁ ବାସନ୍ଦ କରି ପ୍ରତ୍ୟେକ କେନ୍ଦୁଝରବାସୀଙ୍କ ମନରେ ନୂଆ ଶିହରଣ ସୃଷ୍ଟି କରି ନିଜର ଐତିହାସିକ ଅଭିଭାଷଣ ରଖିଥିଲେ ।ମନ୍ତ୍ରୀ ନିଜ ଭାଷଣରେ ୧୯୯୯ 'ଅପରେସନ ବିଜୟ'ର ଅମର ଶହୀଦ ଚମ୍ପୁଆ ଉପଖଣ୍ଡର ମାତ୍ର ୨୫ ବର୍ଷୀୟ ବୀର ସୈନିକ କାର୍ଗିଲ ଯୁଦ୍ଧର ସବୁଠାରୁ ଦୁର୍ଗମ 'ପଏଣ୍ଟ ୪୮୭୫'ରେ ମାତୃଭୂମି ପାଇଁ ଦେଇଥିବା ଆତ୍ମବଳିଦାନକୁ ସେ ଶ୍ରଦ୍ଧାର ସହ ମନେ ପକାଇଥିଲେ। ପ୍ରଗତିର ଏକ ନୂଆ ପ୍ରଭାତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସେବା ଓ ବଳିଷ୍ଠ ନେତୃତ୍ୱରେ 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନ ଆଜି ସାକାର



ହେବାକୁ ଯାଉଛ ବୋଲି କହିଥିଲେ ।ଏହି ଉପଲକ୍ଷେ ଆୟୋଜିତ ଆନୁଷ୍ଠାନିକ ପ୍ୟାରେଡ ସଶସ୍ତ୍ର ରିଜର୍ଭ ପୋଲିସ ବାହିନୀ, ହୋମଗାର୍ଡସ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ.ସି.ସି., ସ୍କାଉଟ, ଗାଇଡ, ରେଡ଼କ୍ରସ, ସିଭିଲିଆନ ଦଳ ମାର୍ଚ୍ଚପାଷ୍ଟ କରି ଅଭିବାଦନ ଜଣାଇଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ପ୍ରଦୀପ କୁମାର ଜେନା ଆନୁଷ୍ଠାନିକ ପ୍ୟାରେଡ ପରିଚାଳନା କରିଥିଲେ । ସମାରୋହରେ କେନ୍ଦୁଝରଗ ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ,ସଓ୍ୱନ୍ତ୍ର ଉନ୍ନୟନ ପରିଷଦ ର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଳିକ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର ପ୍ରଧାନ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷାବିତ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ ।

## ସମ୍ପାଦକୀୟ

# ସହଜରେ ତୁଟିଲାନି ନୂତନ ପୋଲିସ ମହାନିର୍ଦ୍ଦେଶକ ନିଯୁକ୍ତି ମାମଲା

ଏବର ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡାଇରେକ୍ଟର ଜେନେରାଲ ଅଫ୍ ପୋଲିସ) ଆସନ୍ତା ୧୬ ଅଗଷ୍ଟ (୨୦୨୬)ରେ ଅବସର ନେବେ । ଏଥିପାଇଁ କେନ୍ଦ୍ରୀୟ ପବ୍ଲିକ ସର୍ଭିସ କମିଶନଙ୍କ ଅଧକ୍ଷତାରେ ଗଠିତ ଚୟନ କମିଟି ଏ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥାନ୍ତେ । ମାତ୍ର ସର୍ବୋଚ୍ଚ ଅଦାଲତ ବା ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଏକ ଜନସ୍ୱାର୍ଥ ମାମଲା ଏହି ଡିଜିପି ମନୋନୟନକୁ କେନ୍ଦ୍ରକରି ହେବାରୁ ସର୍ବୋଚ୍ଚ ଅଦାଲତ, ୟୁପିଏସ୍‌ସି ଏହି ମନୋନୟନ କରିପାରିବେ ନାହିଁ ବୋଲି ନିଷେଧାଦେଶ ଜାରି କରିବାରୁ ଏହି ପୋଲିସ ମହାନିର୍ଦ୍ଦେଶକ ନିଯୁକ୍ତି ଓଡ଼ିଶା ପାଇଁ ହୋଇପାରି ନାହିଁ । ସର୍ବୋଚ୍ଚ ଅଦାଲତ ଏହି ଜନସ୍ୱାର୍ଥ ମାମଲାକୁ ବିଚାର ପାଇଁ ଗ୍ରହଣ କରି ଆସନ୍ତା ୨୮ ଅଗଷ୍ଟ (୨୦୨୬)ରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି । ଫଳରେ ରାଜନୀତିକ ଓ ପ୍ରଶାସନିକ ମହଲରେ ଏପରି ଘଟଣା ଆଲୋଡ଼ନ ସୃଷ୍ଟି କରିଛି । ଓଡ଼ିଶାରେ ଡିଜିପି ବା ପୋଲିସ ମହାନିର୍ଦ୍ଦେଶକଙ୍କ ଚୟନ ଘଟଣାରେ ଏପରି କେବେ ହୋଇ ନ ଥିଲା ।

ଇତିମଧ୍ୟରେ ରାଜ୍ୟ ସରକାର ୧୯୯୪ ବ୍ୟାଚର ଦୁଇ ପୋଲିସ ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡା ଓ ଯଶୱନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇ ସେ ସଂକ୍ରାନ୍ତରେ କେନ୍ଦ୍ରୀୟ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି)ଙ୍କୁ ଅବଗତ ମଧ୍ୟ କରାଇଥିଲେ । ପୂର୍ବରୁ ବରିଷ୍ଠତା ଭିତ୍ତିରେ ୧୯୯୦ ବ୍ୟାଚର ଆଇପିଏସ୍ ଅଧିକାରୀ ଓ ଏବର ଅଗ୍ନିଶମ ସେବା ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ, ୧୯୯୩ ବ୍ୟାଚର ଗୋଇନ୍ଦା (ଇଣ୍ଟେଲିଜେନ୍ସ) ବିଭାଗର ଡିଜି ଆର.ପି. କୋଚେ ମଧ୍ୟ ଥିଲେ । ଏହାପରେ ୧୯୯୪ ବ୍ୟାଚର ସଞ୍ଜୀବ ପଣ୍ଡା ଓ ସେହି ବ୍ୟାଚ୍‌ର ଆଉଜଣେ ଯଶୱନ୍ତ ଜେଠୱା, ୧୯୯୫ ବ୍ୟାଚର ରିତୁ ଆରୋରା, ସୌମେନ୍ଦ୍ର ପ୍ରିୟଦର୍ଶୀ, ପି.ଏସ୍. ରଣପିସେ, ସନ୍ତୋଷ ବାଲା ଓ ୧୯୯୬ ବ୍ୟାଚ୍‌ର ଅରୁଣ ବୋଥ୍ରା ଓ ସୁନୀତା କାକରନଙ୍କ ନାମ ମଧ୍ୟ ୟୁପିଏସ୍‌ସି ତାଲିକାରେ ରହିଛି । ଅବଶ୍ୟ ରିତୁ ଆରୋରା, ପି.ଏସ୍. ରଣପିସେ ଓ ସୁନୀତା କାକ୍‌ରନ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି । ତେବେ ଜଣେ ପୋଲିସ ମହାନିର୍ଦ୍ଦେଶକ ବାଛିବା ଲାଗି ସ୍ୱାଧୀନତାର ଅଶୀ ବର୍ଷରେ ପଦାର୍ପଣ କରିବାକୁ ଥିବା ଭାରତ ଅନ୍ତର୍ଗତ ଓଡ଼ିଶା ସରକାର ଏବେ ନାକେଦମ ହୋଇଗଲେଣି । ତେବେ ଏପରି ହେଉଛି କାହିଁକି ?

ଅଭିଯୋଗ ହେଉଛି ଯେ ଚର୍ଚ୍ଚାରେ ଥିବା ପ୍ରକାଶ ସିଂ ମାମଲାରେ ଅଦାଲତଙ୍କ ମିତ୍ର (amicus curiae) ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ ଯେ ସେ ଫାଇଲଟିକୁ ପଢ଼ିଛନ୍ତି ଏବଂ ଓଡ଼ିଶା ଡିଜିପି ଚୟନ ପ୍ରକ୍ରିୟାରେ ସର୍ବୋଚ୍ଚ ଅଦାଲତଙ୍କର ନିର୍ଦ୍ଦେଶାବଳୀର ଉଲଙ୍ଘନ କରାଯାଇଛି ଏବଂ ସେ ଏ ସଂକ୍ରାନ୍ତରେ ହୋଇଥିବା ଜନସ୍ୱାର୍ଥ ମାମଲାକୁ ସମର୍ଥନ କରୁଥିବା କଥା ମଧ୍ୟ ପ୍ରକାଶ କରିଛନ୍ତି । ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଡିଜିପି ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇନାହିଁ ବୋଲି ଯୁକ୍ତି କରିଥିଲେ ମଧ୍ୟ ସର୍ବୋଚ୍ଚ ଆଦାଲତରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ସହ ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ଉପରେ ତାହାର କି ପ୍ରଭାବ ପଡ଼ିବ ତାହା ଜଣାପଡ଼ି ନାହିଁ ।

ଏହି ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ରାଜ୍ୟ ସରକାରଙ୍କ ପକ୍ଷରୁ ୟୁପିଏସ୍‌ସିକୁ ନାମ ପଠାଯିବା ଓ ସେଥିରେ ପରିବର୍ତ୍ତନ କରାଯିବା ବିଷୟରେ ଅଭିଯୋଗ କରିଥିଲେ । ତେଣୁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଏହି ଚୟନ ପ୍ରକ୍ରିୟା ବୈଠକକୁ ସ୍ଥଗିତ ରଖାଯାଇ ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି କରାଯିବ ବୋଲି କୁହାଯାଉଛି ।

ଉଲ୍ଲେଖନୀୟ ଯେ ଗତ ୨୦୧୫ରେ ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ଓଡ଼ିଶା ପୋଲିସ ବିଧେୟକ ୨୦୧୫କୁ ଓଡ଼ିଶା ବିଧାନସଭାରେ ଉପସ୍ଥାପନ କରିଥିଲେ । ଏହି ବିଧେୟକ ବା ବିଲ୍‌ଟି ତା ୨୭।୦୮।୨୦୧୫ରେ ବିଧାନସଭାରେ ପାରିତ ହୋଇ ଆଇନରେ ପରିଣତ ହୋଇଥିଲା । ପ୍ରାୟ ଏଗାର ବର୍ଷ ତଳେ ଏହି ବିଧେୟକଟି ଆଇନରେ ପରିଣତ ହେବା ସମୟରେ ରାଜ୍ୟ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରପ୍ରାପ୍ତ ସଦସ୍ୟ ଭାବେ ଏହି ବିଧେୟକର ଉଦ୍ଦେଶ୍ୟ ଓ କାରଣ ସମ୍ପର୍କରେ ପ୍ରକାଶ କରିଥିଲେ, ''ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ରିଟ୍ ଆବେଦନ ସଂଖ୍ୟା ୩୧୦/୯୬ (ପ୍ରକାଶ ସିଂହ ଏବଂ ଅନ୍ୟମାନେ ବନାମ ଭାରତ ରାଷ୍ଟ୍ରସଂଘ) ମାମଲାରେ ୨୨ ସେପ୍ଟେମ୍ବର ୨୦୦୬ ତାରିଖ ଆଦେଶରେ ପୋଲିସ କର୍ମଚାରୀମାନଙ୍କର ବୃତ୍ତିଗତ ଦକ୍ଷତା ବୃଦ୍ଧି, ଉତ୍କୃଷ୍ଟ ପୋଲିସ ସେବା ପ୍ରଦାନ ତଥା ଉତ୍ତରଦାୟିତ୍ୱ ନିମନ୍ତେ ବିଭିନ୍ନ ମାର୍ଗଦର୍ଶିକା ସହ ରାଜ୍ୟମାନେ ପୋଲିସ ଅଧିନିୟମ ପ୍ରଣୟନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।''

ମାତ୍ର ତତ୍କାଳୀନ ନବୀନ ସରକାର ତତ୍କାଳୀନ ପୋଲିସ ଡିଜି ପ୍ରକାଶ ଚନ୍ଦ୍ର ମିଶ୍ରଙ୍କୁ କେନ୍ଦ୍ରୀୟ ଡେପୁଟେସନରେ ସିବିଆଇକୁ ନ ଯିବା ପାଇଁ ଷଡ଼ଯନ୍ତ୍ର କରି ତାଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ଆଣିଥିଲେ, ଯାହାକୁ ସର୍ବୋଚ୍ଚ ଅଦାଲତ ରଦ୍ଦ କରିଥିଲେ । ତେଣୁ ରାଜ୍ୟ ସରକାର ମଧ୍ୟ ବହୁତ ଭାବିଚିନ୍ତି, ନୂତନ ଡିଜିପିଙ୍କୁ ନିଯୁକ୍ତି ଦେବା ଆବଶ୍ୟକ ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଜଳ ସୁରକ୍ଷାର ଅଭିନବ ଦିଗନ୍ତ



**ମଧୁସୂଦନ ମିଶ୍ର**

ଜଳ ହିଁ ଜୀବନ-ଏହି ଉକ୍ତି କେବଳ ଏକ ସାଧାରଣ ସତ୍ୟ ନୁହେଁ, ବରଂ ସମଗ୍ର ଜୀବଜଗତର ଅସ୍ତିତ୍ୱର ମୂଳମନ୍ତ୍ର । ପୃଥିବୀରେ ମାନବ ସଭ୍ୟତାର ବିକାଶଠାରୁ ଆରମ୍ଭ କରି କୃଷି, ଶିଳ୍ପ, ବାଣିଜ୍ୟ ଏବଂ ସାମାଜିକ ଉନ୍ନତି ପର୍ଯ୍ୟନ୍ତ ସବୁକିଛି ଜଳକୁ କେନ୍ଦ୍ର କରି ଆଗକୁ ବଢ଼ିଛି । ଜଳ ବିନା ଜୀବନର କଳ୍ପନା ମଧ୍ୟ ଅସମ୍ଭବ । ତଥାପି ବିଡ଼ମ୍ବନାର ବିଷୟ ହେଉଛି, ଏହି ଅମୂଲ୍ୟ ପ୍ରାକୃତିକ ସମ୍ପଦ ଆଜି ବିଶ୍ୱବ୍ୟାପୀ ସଙ୍କଟର ସମ୍ମୁଖୀନ । ବିଶେଷକରି ଭାରତ ପରି ଦ୍ରୁତ ବିକାଶଶୀଳ ଦେଶରେ ଜଳ ସୁରକ୍ଷା ଏବେ ଏକ ଜାତୀୟ ପ୍ରାଥମିକତାର ବିଷୟ ହୋଇପଡ଼ିଛି ।

ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ହୋଇଥିବାବେଳେ ଜଳ ସମ୍ପଦ ଦୃଷ୍ଟିରୁ ବହୁମୁଖୀ ଚ୍ୟାଲେଞ୍ଜର ସମ୍ମୁଖୀନ । ଦ୍ରୁତ ସହରୀକରଣ, ଶିଳ୍ପାୟନ, ଅନିୟନ୍ତ୍ରିତ ଭୂତଳ ଜଳ ଉତ୍ତୋଳନ, ନଦୀ ଓ ଜଳାଶୟଗୁଡ଼ିକର ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜଳ ସମ୍ପଦ ଉପରେ ଭାରୀ ଚାପ ସୃଷ୍ଟି କରିଛି । ଦେଶର ଅନେକ ଅଞ୍ଚଳରେ ପାନୀୟ ଜଳର ଅଭାବ, ଭୂତଳ ଜଳସ୍ତରର ହ୍ରାସ ଓ ଜଳ ଗୁଣବତ୍ତାର ଅବନତି ଆଜି ଚିନ୍ତାର କାରଣ ପାଲଟିଛି ।

ଏହି ପରିପ୍ରେକ୍ଷୀରେ ଜଳ ସମ୍ପଦର ସଂରକ୍ଷଣ, ସୁପରିଚାଳନା ଓ ସ୍ଥାୟୀ ବ୍ୟବହାର ପାଇଁ ଜାତୀୟ ସ୍ତରରେ ଆରମ୍ଭ ହୋଇଥିବା ନୂତନ ଜଳ ଗବେଷଣା ଅଭିଯାନ ଏକ ଆଶାବ୍ୟଞ୍ଜକ ପଦକ୍ଷେପ ଭାବେ ଉଭା ହୋଇଛି । ଏହା କେବଳ ଏକ ଗବେଷଣା ପ୍ରକଳ୍ପ ନୁହେଁ ବରଂ ଜଳ ସୁରକ୍ଷାକୁ କେନ୍ଦ୍ର କରି ବିଜ୍ଞାନ, ପ୍ରଯୁକ୍ତି, ଶିକ୍ଷା, ଶିଳ୍ପ, ପ୍ରଶାସନ ଓ ସମାଜକୁ ଏକାଠି କରିବାର ଏକ ଦୂରଦର୍ଶୀ ପ୍ରୟାସ ।

ଆଜି ଦେଶର ଅନେକ ଗ୍ରାମାଞ୍ଚଳରେ ଲୋକମାନେ ପାନୀୟ ଜଳ ପାଇଁ ଦୂରଦୂରାନ୍ତକୁ ଯାଉଛନ୍ତି । ଅନେକ ସ୍ଥାନରେ ମହିଳାମାନେ ପ୍ରତିଦିନ କିଲୋମିଟର କିଲୋମିଟର ଚାଲି ଜଳ ସଂଗ୍ରହ କରୁଛନ୍ତି । ସହରାଞ୍ଚଳରେ ଅତ୍ୟଧିକ ଭୂତଳ ଜଳ ବ୍ୟବହାର ଫଳରେ ଜଳସ୍ତର ଦ୍ରୁତ ହାରରେ ହ୍ରାସ ପାଉଛି ।

ଅନ୍ୟପକ୍ଷରେ ଶିଳ୍ପ ଓ ଘରୋଇ ବର୍ଜ୍ୟଜଳ ନଦୀ, ପୋଖରୀ ଏବଂ ଜଳାଶୟଗୁଡ଼ିକୁ ପ୍ରଦୂଷିତ କରି ଜନସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁଛି । ଅନିୟମିତ ବର୍ଷା, ଦୀର୍ଘ ଖରା ଓ ହଠାତ୍ ବନ୍ୟା ପରିସ୍ଥିତି କୃଷି କ୍ଷେତ୍ରକୁ ଗଭୀର ଭାବରେ ପ୍ରଭାବିତ କରୁଛି ।

ଏହି ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପାରମ୍ପରିକ ଧାରଣା ଯଥେଷ୍ଟ ନୁହେଁ । ଆବଶ୍ୟକ ହେଉଛି ନୂତନ ଚିନ୍ତାଧାରା, ବୈଜ୍ଞାନିକ ଗବେଷଣା, ନବସୃଜନ ଏବଂ ସ୍ଥାନୀୟ ଅନୁଭବର ସମନ୍ୱୟ । ନୂତନ ଜଳ ଗବେଷଣା ଅଭିଯାନର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ବହୁବିଷୟକ ଦୃଷ୍ଟିକୋଣ । ଏଠାରେ କେବଳ ଜଳବିଜ୍ଞାନୀ କିମ୍ବା ଯନ୍ତ୍ରୀ ନୁହେଁ, କୃଷି ବିଶେଷଜ୍ଞ, ପରିବେଶବିତ୍, ସମାଜବିଜ୍ଞାନୀ, ଅର୍ଥନୀତିବିଦ୍, ଶିଳ୍ପ ପ୍ରତିନିଧି ଓ ନୀତି ନିର୍ଦ୍ଧାରକମାନେ ମଧ୍ୟ ସାମିଲ ହେଉଛନ୍ତି । ଫଳସ୍ୱରୂପ ଗବେଷଣାର ଫଳାଫଳ ସିଧାସଳଖ ଭାବେ ସମାଜର ଉପକାରରେ ଆସିପାରିବ ।

ଏହି ଅଭିଯାନ ଅଧୀନରେ ଜଳ ସଂରକ୍ଷଣ, ପାନୀୟ ଜଳର ଗୁଣବତ୍ତା ବୃଦ୍ଧି, ଭୂତଳ ଜଳର ପୁନର୍ଭରଣ, ବର୍ଜ୍ୟ ଜଳର ପୁନଃବ୍ୟବହାର, ସ୍ମାର୍ଟ ଜଳ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନଜନିତ ବିପଦ ମୁକାବିଲା ଉପରେ ଗବେଷଣାକୁ ପ୍ରାଥମିକତା ଦିଆଯାଉଛି । ବିଶେଷ କରି ଜଳର ପ୍ରତ୍ୟେକ ବୁନ୍ଦାକୁ ଅଧିକ କାର୍ଯ୍ୟକ୍ଷମ ଭାବେ ବ୍ୟବହାର କରିବା ପାଇଁ ଆଧୁନିକ ପ୍ରଯୁକ୍ତିର ପ୍ରୟୋଗକୁ ଗୁରୁତ୍ୱ ଦିଆଯାଉଛି ।

କୃଷି କ୍ଷେତ୍ରରେ ଜଳର ବ୍ୟବହାର ସର୍ବାଧିକ । ତେଣୁ ମାଇକ୍ରୋ-ଇରିଗେସନ, ଡ୍ରିପ୍ ଓ ସ୍ପ୍ରିଙ୍କଲର ସେଚନ, ଜଳ ସଞ୍ଚୟକାରୀ ଫସଲ ଏବଂ ଆବହାୱା ଆଧାରିତ କୃଷି ପ୍ରଣାଳୀ ଉପରେ ଗବେଷଣା ଭବିଷ୍ୟତରେ କୃଷକମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇପାରିବ । କମ୍ ଜଳରେ ଅଧିକ ଉତ୍ପାଦନ ସୁନିଶ୍ଚିତ କରିବା ଆଜିର ସମୟର ଏକ ବଡ଼ ଆବଶ୍ୟକତା ।

ଓଡ଼ିଶା ପରିପ୍ରେକ୍ଷୀରେ ଏହି ଅଭିଯାନର ମହତ୍ତ୍ୱ ଆହୁରି ବଢ଼ିଯାଏ । ରାଜ୍ୟରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା ଏବଂ ଋଷିକୁଲ୍ୟା ପରି ବଡ଼ ବଡ଼ ନଦୀ ଥିଲେ ମଧ୍ୟ ଜଳର ସମାନ ବଣ୍ଟନ ହୋଇପାରି ନାହିଁ । ଉପକୂଳ ଅଞ୍ଚଳ ପ୍ରାୟତଃ ବନ୍ୟାର ଶିକାର ହେଉଥିବାବେଳେ ପଶ୍ଚିମ ଓଡ଼ିଶାର ଅନେକ ଅଞ୍ଚଳ ପୁନଃପୁନି ଖରାର ସମ୍ମୁଖୀନ ହୁଅନ୍ତି । ଏହି ବିପରୀତ ପରିସ୍ଥିତି ରାଜ୍ୟର ଜଳ ପରିଚାଳନା ବ୍ୟବସ୍ଥାକୁ ଏକ ନୂତନ ଦୃଷ୍ଟିକୋଣର ଆବଶ୍ୟକତା ଦର୍ଶାଉଛି ।

କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଭଳି ଜିଲ୍ଲାଗୁଡ଼ିକରେ ବର୍ଷାଜଳ ସଂରକ୍ଷଣ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଚାଷୀଙ୍କ ଜୀବନରେ ନୂତନ ଆଶା ସୃଷ୍ଟି କରିଛି । ଗଞ୍ଜାମର ଅନେକ ଗ୍ରାମରେ ସମୁଦାୟ ଆଧାରିତ ଜଳ ପରିଚାଳନା ଏକ ସଫଳ ମଡେଲ୍ ଭାବେ ପ୍ରତିଷ୍ଠିତ ହୋଇଛି । କୋରାପୁଟ, ମୟୂରଭଞ୍ଜ ଏବଂ କନ୍ଧମାଳର ଆଦିବାସୀ ଅଞ୍ଚଳଗୁଡ଼ିକରେ ପାରମ୍ପରିକ ଜଳ ସଂରକ୍ଷଣ ବ୍ୟବସ୍ଥା ଆଜି ମଧ୍ୟ ଅନେକ ଶିକ୍ଷା ଦେଉଥାଏ । ଏହି ସ୍ଥାନୀୟ ଜ୍ଞାନକୁ ବୈଜ୍ଞାନିକ ଗବେଷଣା ସହ ଯୋଡ଼ି ଦିଆଗଲେ ଓଡ଼ିଶା ଜଳ ପରିଚାଳନା କ୍ଷେତ୍ରରେ ଦେଶ ପାଇଁ ଏକ ଆଦର୍ଶ ରାଜ୍ୟ ହୋଇପାରିବ ।

ଏହି କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଓ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କର ଭୂମିକା ଅପରିହାର୍ଯ୍ୟ । ଜଳ ଗୁଣବତ୍ତା ପରୀକ୍ଷା, ଭୂତଳ ଜଳ ମାନଚିତ୍ର ପ୍ରସ୍ତୁତି, ଜଳ ପ୍ରଦୂଷଣ ନିୟନ୍ତ୍ରଣ, ବର୍ଷାଜଳ ସଂରକ୍ଷଣ ଏବଂ ବର୍ଜ୍ୟ ଜଳ ପୁନଃବ୍ୟବହାର ଭଳି କ୍ଷେତ୍ରରେ ଅଧିକ ଗବେଷଣା ହେବା ଆବଶ୍ୟକ । ଯୁବ ଗବେଷକମାନଙ୍କୁ ଏହି କ୍ଷେତ୍ରରେ ଆକୃଷ୍ଟ କରିବା ପାଇଁ ବୃତ୍ତି, ଗବେଷଣା ଅନୁଦାନ ଓ ଉଦ୍ଭାବନମୂଳକ ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ଉଚିତ ।

ବର୍ତ୍ତମାନ ଯୁଗରେ କୃତ୍ରିମ ବୁଦ୍ଧିମତା, ଉପଗ୍ରହ ପ୍ରଯୁକ୍ତି, ଦୂରସଂବେଦନ ବ୍ୟବସ୍ଥା ଏବଂ ଡିଜିଟାଲ ତଥ୍ୟ ବିଶ୍ଳେଷଣ ଜଳ ପରିଚାଳନାରେ ବିପ୍ଳବ ଆଣିପାରେ । ଏହି ପ୍ରଯୁକ୍ତି ମାଧ୍ୟମରେ ବର୍ଷାର ପୂର୍ବାନୁମାନ, ଭୂତଳ ଜଳସ୍ତର ନିରୀକ୍ଷଣ, ବନ୍ୟା ଓ ଖରା ପରିସ୍ଥିତିର ସଠିକ୍ ଆକଳନ ଏବଂ ଜଳ ବ୍ୟବହାରର ଯଥାର୍ଥ ଯୋଜନା କରାଯାଇ ପାରିବ । ଭବିଷ୍ୟତରେ ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ ସିଷ୍ଟମ ଜଳ ସମ୍ପଦର ସୁରକ୍ଷାରେ ଏକ ନୂତନ ଅଧ୍ୟାୟ ରଚନା କରିବ ।

**ଜଳ ସୁରକ୍ଷା କେବଳ ପରିବେଶ ସୁରକ୍ଷାର ବିଷୟ ନୁହେଁ ଏହା ଖାଦ୍ୟ ସୁରକ୍ଷା, ଜନସ୍ୱାସ୍ଥ୍ୟ, ଅର୍ଥନୈତିକ ବିକାଶ, ସାମାଜିକ ନ୍ୟାୟ ଓ ଜାତୀୟ ପ୍ରଗତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆଜିର ଦୁନିଆରେ ଜଳକୁ ସଂରକ୍ଷଣ କରିବା ମାନେ ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ କରିବା । ବିଜ୍ଞାନର ଶକ୍ତି, ଗବେଷଣାର ଦୂରଦୃଷ୍ଟି, ପ୍ରଯୁକ୍ତିର ନବସୃଜନ ଏବଂ ଜନସାଧାରଣଙ୍କ ସକ୍ରିୟ ସହଭାଗିତା ମିଳିତ ଭାବେ ଜଳ ସଙ୍କଟର ସ୍ଥାୟୀ ସମାଧାନ ଦେଇପାରିବ ।**

ତେବେ ଜଳ ସଂରକ୍ଷଣ କେବଳ ସରକାର କିମ୍ବା ଗବେଷକଙ୍କ ଦାୟିତ୍ୱ ନୁହେଁ । ଏହା ପ୍ରତ୍ୟେକ ନାଗରିକଙ୍କର ସାମୂହିକ କର୍ତ୍ତବ୍ୟ । ଘରେ ଘରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା, ଅନାବଶ୍ୟକ ଜଳ ଅପଚୟ ରୋକିବା, ଜଳାଶୟ ଓ ପୋଖରୀର ସୁରକ୍ଷା, ବୃକ୍ଷରୋପଣ ଏବଂ ଜଳ ପ୍ରଦୂଷଣ ରୋକିବା ପାଇଁ ସଚେତନତା ଅତ୍ୟାବଶ୍ୟକ । ବିଦ୍ୟାଳୟ ସ୍ତରରୁ ଜଳ ସଂରକ୍ଷଣ ସମ୍ବନ୍ଧୀୟ ଶିକ୍ଷା ଦିଆଗଲେ ଆଗାମୀ ପିଢ଼ି ଜଳର ମୂଲ୍ୟ ବୁଝିପାରିବ ।

ସ୍ଥାନୀୟ ପ୍ରଶାସନ, ପଞ୍ଚାୟତ ରାଜ୍ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ସାଧାରଣ ନାଗରିକଙ୍କ ସକ୍ରିୟ ସହଭାଗିତା ବିନା ଜଳ ସୁରକ୍ଷାର ଲକ୍ଷ୍ୟ ପୂରଣ ସମ୍ଭବ ନୁହେଁ । ଜନସହଭାଗିତା ହିଁ ଜଳ ପରିଚାଳନାର ସବୁଠାରୁ ବଡ଼ ଶକ୍ତି । ଯେଉଁଠାରେ ଲୋକମାନେ ନିଜେ ଜଳ ସମ୍ପଦର ରକ୍ଷକ ହୋଇଛନ୍ତି, ସେଠାରେ ଉଲ୍ଲେଖନୀୟ ସଫଳତା ଦେଖାଯାଇଛି ।

ଜଳ ସୁରକ୍ଷା କେବଳ ପରିବେଶ ସୁରକ୍ଷାର ବିଷୟ ନୁହେଁ ଏହା ଖାଦ୍ୟ ସୁରକ୍ଷା, ଜନସ୍ୱାସ୍ଥ୍ୟ, ଅର୍ଥନୈତିକ ବିକାଶ, ସାମାଜିକ ନ୍ୟାୟ ଓ ଜାତୀୟ ପ୍ରଗତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଆଜିର ଦୁନିଆରେ ଜଳକୁ ସଂରକ୍ଷଣ କରିବା ମାନେ ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ କରିବା । ବିଜ୍ଞାନର ଶକ୍ତି, ଗବେଷଣାର ଦୂରଦୃଷ୍ଟି, ପ୍ରଯୁକ୍ତିର ନବସୃଜନ ଏବଂ ଜନସାଧାରଣଙ୍କ ସକ୍ରିୟ ସହଭାଗିତା ମିଳିତ ଭାବେ ଜଳ ସଙ୍କଟର ସ୍ଥାୟୀ ସମାଧାନ ଦେଇପାରିବ ।

ଆସନ୍ତୁ, ଆମେ ସମସ୍ତେ ଜଳର ପ୍ରତ୍ୟେକ ବୁନ୍ଦାକୁ ଅମୂଲ୍ୟ ସମ୍ପଦ ଭାବେ ଗ୍ରହଣ କରିବା । ଜଳ ସଂରକ୍ଷଣକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା । ବିଜ୍ଞାନ ଓ ସମାଜର ସମନ୍ୱୟ ଦ୍ୱାରା ଏକ ଜଳ-ସମୃଦ୍ଧ, ପରିବେଶ-ସନ୍ତୁଳିତ ଓ ସ୍ଥାୟୀ ବିକାଶମୁଖୀ ଭାରତ ଗଢ଼ିବା । ଏହା କେବଳ ଆମର ଦାୟିତ୍ୱ ନୁହେଁ, ବରଂ ଆଗାମୀ ପିଢ଼ି ପ୍ରତି ଆମର ପବିତ୍ର କର୍ତ୍ତବ୍ୟ ।

ଜଳ ସୁରକ୍ଷା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ ଏହା ଏକ ସାମାଜିକ ଦାୟିତ୍ୱ ଏବଂ ସମୁଦାୟଭିତ୍ତିକ ଆନ୍ଦୋଳନ । ଦେଶର ଜଳ ସମ୍ପଦକୁ ସଂରକ୍ଷଣ କରିବା, ପ୍ରଦୂଷଣମୁକ୍ତ ରଖିବା ଏବଂ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ କରି ରଖିବାରେ ସରକାର, ସ୍ୱେଚ୍ଛାସେବୀ ସଂଗଠନ (ଏନଜିଓ) ଓ ନାଗରିକ ସମାଜର ସମନ୍ୱିତ ଭୂମିକା ଅତ୍ୟନ୍ତ ଜରୁରୀ ।

ସରକାର ଜଳ ପରିଚାଳନାର ମୁଖ୍ୟ ନିୟାମକ ଭାବେ ନୀତି ପ୍ରଣୟନ, ଆଇନ ପ୍ରଣୟନ, ଆର୍ଥିକ ସହାୟତା ଓ ଭିତ୍ତିଭୂମି ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାଏ । ବର୍ଷାଜଳ ସଂରକ୍ଷଣ, ନଦୀ ପୁନରୁଦ୍ଧାର, ଜଳାଶୟ ନିର୍ମାଣ, ଭୂତଳ ଜଳର ପୁନର୍ଭରଣ ଏବଂ ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣ ଭଳି କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ସେହିପରି ଜଳ ପ୍ରଦୂଷଣ ବିରୋଧରେ କଠୋର ଆଇନ ପ୍ରୟୋଗ ଓ ବୈଜ୍ଞାନିକ ଜଳ ପରିଚାଳନାକୁ ପ୍ରୋତ୍ସାହନ ଦେବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ ।

ଅନ୍ୟପକ୍ଷରେ ସ୍ୱେଚ୍ଛାସେବୀ ସଂଗଠନମାନେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁବନ୍ଧ ଭାବେ କାର୍ଯ୍ୟ କରିପାରନ୍ତି । ଗ୍ରାମ ଓ ସହର ସ୍ତରରେ ସଚେତନତା ସୃଷ୍ଟି, ଜଳ ସଂରକ୍ଷଣ ସମ୍ପର୍କିତ ପ୍ରଶିକ୍ଷଣ, ପୋଖରୀ ଓ ଜଳାଶୟ ପୁନରୁଦ୍ଧାର, ବୃକ୍ଷରୋପଣ ଏବଂ ସମୁଦାୟଭିତ୍ତିକ ଜଳ ପରିଚାଳନା କାର୍ଯ୍ୟକ୍ରମରେ ଏନଜିଓମାନଙ୍କ ଅବଦାନ ଉଲ୍ଲେଖନୀୟ । ସେମାନେ ଲୋକଙ୍କ ମଧ୍ୟରେ ଜଳ ସଂରକ୍ଷଣ ପ୍ରତି ଦାୟିତ୍ୱବୋଧ ଓ ସହଭାଗିତାର ମନୋଭାବ ସୃଷ୍ଟି କରିପାରନ୍ତି ।

ନାଗରିକ ସମାଜର ଭୂମିକା ମଧ୍ୟ କୌଣସି ଅଂଶରେ କମ୍ ନୁହେଁ । ପ୍ରତ୍ୟେକ ନାଗରିକ ଯଦି ଜଳର ଅପଚୟ ବନ୍ଦ କରନ୍ତି, ବର୍ଷାଜଳ ସଂରକ୍ଷଣ କରନ୍ତି, ସ୍ଥାନୀୟ ଜଳାଶୟର ସୁରକ୍ଷାରେ ସହଯୋଗ କରନ୍ତି ଏବଂ ଜଳ ପ୍ରଦୂଷଣ ବିରୋଧରେ ସଚେତନ ହୁଅନ୍ତି, ତେବେ ଜଳ ସଙ୍କଟର ସମାଧାନ ବହୁ ପରିମାଣରେ ସମ୍ଭବ ହୋଇପାରିବ । ଜଳ ସଂରକ୍ଷଣକୁ ଏକ ସାମାଜିକ ସଂସ୍କୃତିରେ ପରିଣତ କରିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା ।

ପ୍ରକୃତରେ, ଜଳ ସୁରକ୍ଷାର ଲକ୍ଷ୍ୟ ସେତେବେଳେ ହିଁ ସାକାର ହେବ, ଯେତେବେଳେ ସରକାରଙ୍କ ଦୂରଦର୍ଶୀ ନୀତି, ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ନିଷ୍ଠାପୂର୍ଣ୍ଣ ସେବା ଏବଂ ନାଗରିକ ସମାଜର ସକ୍ରିୟ ସହଭାଗିତା ଏକାଠି ହୋଇ କାର୍ଯ୍ୟ କରିବ । ଏହି ସମନ୍ୱିତ ପ୍ରୟାସ ହିଁ ଭାରତକୁ ଜଳ-ସମୃଦ୍ଧ, ପରିବେଶ-ସନ୍ତୁଳିତ ଏବଂ ସ୍ଥାୟୀ ବିକାଶର ପଥରେ ଆଗେଇ ନେଇପାରିବ ।

**(ଶ୍ରୀ ମିଶ୍ର ଭାରତୀୟ ପ୍ରଶାସନିକ ସେବାର ଜଣେ ଅଭିଜ୍ଞ ଅବସରପ୍ରାପ୍ତ ଅଧିକାରୀ ଓ ଲେଖକ)**

# ସୁଖ ଓ ସମୃଦ୍ଧିର ପ୍ରତୀକ 'ସାଧବବୋହୂ'

**ପ୍ରେମାନନ୍ଦ ପାଣିଗ୍ରାହୀ**

ଭଗବାନଙ୍କର ଏକ ସୁନ୍ଦର ସୃଷ୍ଟି ସାଧବ ବୋହୂ । ଆଦ୍ୟ ମୌସୁମୀର ପ୍ରଥମ ବାରିଧାରା ମାଟିକୁ ସ୍ପର୍ଶ କରିବା ପରେ ନରମ ମାଟିର ସବୁଜ ଘାସ ଗାଲିଚା ଉପରେ ସାଧବ ବୋହୂର ଲାଲ୍ ଭେଲଭେଟ୍‌ର ଆସ୍ତରଣ ଖେଳିଯାଏ । ତାର ଲାଲ୍ ପାଟ ପିନ୍ଧା ଦେହଟି ଖୁବ୍ ସୁନ୍ଦର ଓ ନରମ । ତେଣୁ ଭକ୍ତ କବି ମଧୁସୂଦନ ରାଓ ଲେଖିଥିଲେ– 'ଶ୍ୟାମଳ ଦୁର୍ବାଦଳେ ଶୋଭିତ ମହୀ,ସାଧବ ବୋହୂ ତଥି ପରେ ଶୋଭଇ ।' ଓଡ଼ିଆ ଲୋକଗୀତରେ ବି କୁହାଯାଏ–'ନାଲି ଟୁକୁ ଟୁକୁ ସାଧବ ବୋହୂ,ମେଘ ବରଷାରେ କୁଆଡେ ଯାଉ ।' ସାଧବ ଘରର ବୋହୂ ସହ ଏହି କ୍ଷୁଦ୍ର କୀଟକୁ ତୁଳନା କରାଯାଇଛି । ଅତୀତରେ ସମୁଦ୍ର ବାଣିଜ୍ୟରେ ପ୍ରସିଦ୍ଧି ଅର୍ଜନ କରିଥିବା ସାଧବମାନେ ବିଦେଶରୁ ବସ୍ତ୍ର ଓ ଅଳଙ୍କାର ଆଣି ନିଜ ସ୍ତ୍ରୀମାନଙ୍କୁ ସୁନ୍ଦର ପରିପାଟୀରେ ସଜାଉଥିଲେ । ଲାଲ୍ ପାଟ ପିନ୍ଧି ସେମାନେ ବୋଇତ ବନ୍ଦାଣ କରୁଥିଲେ । ତେଣୁ ସାଧବ ବୋହୂର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ଏପରି ନାମକରଣ କରାଯାଇଥିବା ମନେହୁଏ ।

ପୃଥିବୀ ପୃଷ୍ଠର ସବୁଠୁ କୋମଳ ଜୀବ ଏହି ସାଧବ ବୋହୂ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ପରିଚିତ । କେତେକ ଏହାକୁ ପାଟ ପୋକ କହୁଥିବା ବେଳେ କେଉଁଠି ବୀର ବାହୁଡି,କେଉଁଠି ରାନୀ କ୍ରିଡା,ସ୍କାଲେଡ ଫ୍ଲାଏ ତ କେଉଁଠି ରେନ ବଗ କୁହାଯାଏ । ତେବେ ଏହାର ଇଂରାଜୀ ନାମ ଭେଲ୍ଭେଟ୍ ମାଇଟ । ବୈଜ୍ଞାନିକ ଭାଷାରେ ଏହାକୁ ଡାଇନୋଥ୍ରମିୟମ୍ କୁହାଯାଏ । ଏହାର ଶରୀରର ଆକାର ଲମ୍ବାଳିଆ ଓ ଗୋଲାକାର । ବର୍ଷା ଦିନକୁ ଛାଡିଦେଲେ ବର୍ଷର ଅନ୍ୟ ସମୟରେ ସାଧବବୋହୂକୁ ଦେଖିବାକୁ ମିଳେ ନାହିଁ । ମାଟିରୁ ଜନ୍ମ ନେଇ କିଛି ଦିନ ସମସ୍ତଙ୍କୁ ଆକର୍ଷଣ କରି ମାଟିରେ ହିଁ ଲୀନ ହୋଇଥାଏ ଏହି ପ୍ରାଣୀ । ମୃତ ସାଧବ ବୋହୂର ଶରୀରର ଜୀବାସ୍ମ ଲାର୍ଭାରେ ପରିଣତ ହୋଇ ମାଟିରେ ବର୍ଷେ ପର୍ଯ୍ୟନ୍ତ ପଡି ରହେ । ମୌସୁମୀ ବାୟୁର ସ୍ପର୍ଶରେ ଏହି ଲାର୍ଭାରୁ ଅଣ୍ଡା ସୃଷ୍ଟି ହୁଏ । ଅଣ୍ଡା ସୃଷ୍ଟି ହେବାର ଦୁଇ ସପ୍ତାହ ପରେ ସେହି ଅଣ୍ଡାରୁ ସାଧବ ବୋହୂ ଜନ୍ମ ନିଏ । ସବୁଜ ଘାସପତ୍ର ଓ ଉଇକୁ ସାଧବବୋହୂ ଆହାର କରେ । ପୃଥିବୀର ବରଫାବୃତ୍ତ ଅଞ୍ଚଳକୁ ଛାଡି ଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ପ୍ରାୟ ସାଧବବୋହୂ ଦେଖାଯାନ୍ତି ।

ସୁଖ ଓ ସମୃଦ୍ଧିର ପ୍ରତୀକ ଭାବରେ ସାଧବ ବୋହୂକୁ ଗହଣ କରାଯାଏ । ସାଧବ



**ପୃଥିବୀ ପୃଷ୍ଠର ସବୁଠୁ କୋମଳ ଜୀବ ଏହି ସାଧବ ବୋହୂ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ପରିଚିତ । କେତେକ ଏହାକୁ ପାଟ ପୋକ କହୁଥିବା ବେଳେ କେଉଁଠି ବୀର ବାହୁଡି,କେଉଁଠି ରାନୀ କ୍ରିଡା,ସ୍କାଲେଡ ଫ୍ଲାଏ ତ କେଉଁଠି ରେନ ବଗ କୁହାଯାଏ । ତେବେ ଏହାର ଇଂରାଜୀ ନାମ ଭେଲ୍ଭେଟ୍ ମାଇଟ । ବୈଜ୍ଞାନିକ ଭାଷାରେ ଏହାକୁ ଡାଇନୋଥ୍ରମିୟମ୍ କୁହାଯାଏ ।**

ବୋହୂ ଦେଖା ଦେଲେ ସେବର୍ଷ ଭଲ ବର୍ଷା ହେବାର ସୂଚନା ଦିଏ ବୋଲି ଚାଷୀଭାଇଙ୍କ ବିଶ୍ୱାସ ରହିଛି । ଯଦି କାହା ଧାନ ବିଲ ହୁଡାରେ ବହୁଳ ଭାବରେ ସାଧବବୋହୂ ଦୃଶ୍ୟମାନ ହୁଏ, ତେବେ ମା'ଲକ୍ଷ୍ମୀଙ୍କ କୃପାରୁ ଅଧିକ ଧାନ ତା କ୍ଷେତରେ ଉତ୍ପନ୍ନ ହେବ ବୋଲି ଚାଷୀ ଆଶା କରେ । ସଧବା ଧରଣୀର ସିନ୍ଦୁର ଟୋପା ଭାବରେ ସାଧବ ବୋହୂକୁ ବର୍ଣ୍ଣନା କରାଯାଏ । ଶରୀରଟି ଲାଲ ରଙ୍ଗ ହୋଇଥିବାରୁ କୌଣସି ଜୀବ ସାଧବ ବୋହୂକୁ ଆକ୍ରମଣ କରନ୍ତି ନାହିଁ । ତେବେ ଓଡ଼ିଆ ସାହିତ୍ୟ ଓ ପରମ୍ପରା ସହିତ ସାଧବ ବୋହୂର ରହିଛି ଭାବଗତ ସମ୍ପର୍କ । କବିତା, ଗଳ୍ପ, ଉପନ୍ୟାସରେ କେଉଁଠି ସାଧବ ବୋହୂ ସାଜିଛି ନାୟିକା ତ କେଉଁଠି ଅଲୀଅଳି ରାଜ ଜେମା । ସାଧବ ବୋହୂର ରୂପଲାବଣ୍ୟ କବିର କଳ୍ପନା ଓ ଗାଳ୍ପିକର ଭାବନାକୁ ଆନ୍ଦୋଳିତ କରେ । ସାଧବ ବୋହୂକୁ ନେଇ ଅନେକ ଚଳଚ୍ଚିତ୍ର ଗୀତ ମନଛୁଆଁ ।

ସାଧବ ବୋହୂ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ । ଏହାର ଶରୀରରେ ଔଷଧୀୟ ଗୁଣ ମଧ୍ୟ ଭରି ରହିଛି । ମୃତ ସାଧବ ବୋହୂକୁ ଖରାରେ ଶୁଖାଇ ଛତିଶଗଡ ରାଜ୍ୟର ଲୋକେ ଏକ ତେଲ ପ୍ରସ୍ତୁତ କରନ୍ତି । ପକ୍ଷାଘାତ ରୋଗୀଙ୍କ ପାଇଁ ଏହା ଏକ ଅବ୍ୟର୍ଥ ଔଷଧ ଭାବରେ ସେମାନେ ବ୍ୟବହାର କରନ୍ତି । ତେବେ ପହିଲି ଆଷାଢରେ ଦେଖାଯାଉଥିବା ସାଧବ ବୋହୂର ଗାଲିଚା ଏବେ ଆଉ ଦେଖିବାକୁ ମିଳୁନି । ପରିବେଶ ପ୍ରଦୂଷଣ ଓ କଂକ୍ରିଟର ଜଙ୍ଗଲ ଭିତରେ ବିଲୁପ୍ତିର ଦ୍ୱାର ଦେଶକୁ ଚାଲିଯାଇଛି ଏହି ନିରୀହ କୀଟଟି । ବିଲବାଡିରେ ବହୁଳ ଭାବରେ କୀଟନାଶକ ଔଷଧ ଓ ରାସାୟନିକ ସାର ବ୍ୟବହାର ଓ ଅମ୍ଳ ବର୍ଷା ସାଧବବୋହୂର ବିନାଶର ମୁଖ୍ୟ କାରଣ । ପ୍ରକୃତିର ଏହି ଅନୁପମ ସୃଷ୍ଟିଟି ମାନବିକ କାରଣ ଯୋଗୁଁ ଆପଣା ସତ୍ତା ହରାଇ ବସିଛି ।

**ଭୁବନ,ଢେଙ୍କାନାଳ**
**ମା–୯୪୩୭୭୨୯୩୮୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱାଧୀନତା...

ମଧ୍ୟ, ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ନେତୃବୃନ୍ଦଙ୍କ ଅସୀମ ତ୍ୟାଗ ଓ ସଂଘର୍ଷ, ଓଡ଼ିଶାକୁ ଜାତୀୟ ଆନ୍ଦୋଳନର ମୁଖ୍ୟ ସ୍ରୋତରେ ସାମିଲ କରିଥିଲା । ଆଜିର ପବିତ୍ର ଦିନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ଶହୀଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ, ସହିଦ୍ ମାଧୋ ସିଂ, ଚକରା ବିଶୋଇ, ରେଣ୍ଡୋ ମାଝୀ, ମାଦ ରମାଦେବୀ, ମାଦ ମାଳତୀ ଚୌଧୁରୀ, ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ମାଦ ପାର୍ବତୀ ଗିରି ଓ ସରଳା ଦେବୀଙ୍କ ପରି ମହାନୁଭବଙ୍କ ବଳିଦାନକୁ ମନେ ପକାଇ, ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆପଣମାନେ ଜାଣିଛନ୍ତି ୧୮୫୭ ମସିହାର ସିପାହୀ ବିଦ୍ରୋହର ପ୍ରାୟ ୪୦ ବର୍ଷ ପୂର୍ବରୁ, ୧୮୧୭ ମସିହାରେ ଓଡ଼ିଶା ମାଟିରୁ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହ। ଓଡିଶାର ଜନ ଆନ୍ଦୋଳନ ବିନା, ସ୍ୱାଧୀନତା ସଂଗ୍ରାମର କାହାଣୀ ଅକଳ୍ପନୀୟ। ରକ୍ତତୀର୍ଥ ଇରମ୍ , ଘୁମୁସର ବିଦ୍ରୋହ, ପ୍ରଜାମଣ୍ଡଳ ସଂଗ୍ରାମ, କନ୍ଧ ବିଦ୍ରୋହ, ସମ୍ବଲପୁର ବିଦ୍ରୋହ, କେନ୍ଦୁଝରର ଭୂୟାଁ ବିଦ୍ରୋହ, କୋରାପୁଟର ଆଦିବାସୀ ବିଦ୍ରୋହ ଆଦି, ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଆହୁରି ଶାଣିତ କରିଥିଲା।

ଏହି ସମସ୍ତ ଜନଜାତି ଆନ୍ଦୋଳନକାରୀ ମାନଙ୍କ ବୀରତ୍ୱ ଓ ବଳିଦାନ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସ୍ୱାଧୀନତା ପରବର୍ତ୍ତୀ କାଳରେ ଏ ଦେଶର ସୁରକ୍ଷା ଓ ଅଖଣ୍ଡତା ବଜାୟ ରଖିଥିବା ପ୍ରତିରକ୍ଷା ବାହିନୀ ଓ ଅନ୍ୟାନ୍ୟ ସୁରକ୍ଷା ବାହିନୀର ବୀର ଯବାନ ମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସ୍ୱାଧୀନତା ସଂଗ୍ରାମକୁ କାଶ୍ମୀରଦରୁ କନ୍ୟାକୁମାରୀ, ଗୁଜୁରାଟଦରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଏକତାର ସୂତ୍ରରେ ବାନ୍ଧିଥିଲା, ଆମ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍ ଏବଂ ଆମ ଜାତୀୟ ପତାକା 'ତ୍ରିରଙ୍ଗା ଆଜି ପୁଣିଥରେ ବନ୍ଦେ ମାତରମ୍ ଏବଂ ତ୍ରିରଙ୍ଗାକୁ ଘରେ ଘରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ତାହା ଆଜି ଭାରତୀୟ ମାନଙ୍କ ମନରେ ଦେଶପ୍ରେମର ବହ୍ନିକୁ ପୁନଃ ପ୍ରଜ୍ଜ୍ୱଳନ କରିଛି। ଆଉ ଆଗ ପରି ରନ୍ଧନ ଗ୍ୟାସ ଏକ ବିଳାସ ପୂର୍ଣ୍ଣ ସାମଗ୍ରୀ ହୋଇ ରହିନାହିଁ, କି ଗ୍ୟାସ ପାଇବା ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁ ନାହିଁ। ଦେଶରେ ନିର୍ମିତ ହେଉଥିବା ଅଗ୍ନି, ବ୍ରହ୍ମୋସ୍, ଆକାଶ, ଡ୍ରୋନ୍ ପରି ବିଭିନ୍ନ ଅସ୍ତ୍ରଶସ୍ତ୍ର ବାହ୍ୟ ଶତ୍ରୁଙ୍କ ମନରେ ଭୟ ସଂଚାର କରିପାରିଛି। ଗତ ବାର ବର୍ଷରେ ମୋଦୀଙ୍କ ନେତୃତ୍ୱରେ, ଦେଶ ଅନେକ ସଫଳତା ହାସଲ କରିଛି। କିନ୍ତୁ, ଏକ ଉଲ୍ଲେଖନୀୟ ସଫଳତା ହେଉଛି ରେଡ୍ କେରିଡରର ପରିସମାପ୍ତି। ବାର ବର୍ଷ ତଳେ ଦେଶର ପ୍ରାୟ ଏକ ଚତୁର୍ଥାଂଶ ଜିଲ୍ଲା ଏହି ନକ୍ସଲ ଓ ମାଓ ହିଂସାରେ କବଳିତ ଥିଲା। କିନ୍ତୁ ନରେନ୍ଦ୍ର ମୋଦୀଙ୍କ ସଠିକ୍ ମାର୍ଗଦର୍ଶନ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦକ୍ଷ ପରିଚାଳନା ଯୋଗୁଁ ଆଜି ରେଡ୍ କରିଡର ଇତିହାସ ପାଲଟିଛି। ଏହି ପଦକ୍ଷେପ, ସ୍ୱଚ୍ଛଳ ଏକ ବହୁ ଝଙ୍କାରିଆ ହୋଇଛି, ଆମ ରାଜ୍ୟ ଓଡ଼ିଶା। ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନର ସବୁଠାରୁ ବଡ ପାଥେୟ ହେଉଛନ୍ତି ଏହାର ନାଗରିକ। ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ପ୍ରଥମ ଥର ପାଇଁ ରାଜ୍ୟରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଉଚ୍ଚଶିକ୍ଷାକୁ ଆହୁରି ବ୍ୟାପକ କରିବା ପାଇଁ ଉପାନ୍ତ ଜିଲ୍ଲାରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟର ପ୍ରତିଷ୍ଠା ସହିତ ୪ଟି ନୂଆ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଓ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ତଥା ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ମିଳିତ କାର୍ଯ୍ୟକାରିତା ଯୋଗୁଁ ରାଜ୍ୟର ୩ କୋଟି ୭୦ ଲକ୍ଷ ଲୋକ ଅର୍ଥାତ ୮୦ ପ୍ରତିଶତ ଲୋକଙ୍କ ପାଇଁ ଦେଶର ପ୍ରତିଷ୍ଠିତ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେବା, ଆଉ ସ୍ୱପ୍ନ ନୁହେଁ, ଏହା ବାସ୍ତବତାରେ ପରିଣତ ହୋଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ପାଇଁ ଯାଜପୁର, ତାଳଚେର ଓ କନ୍ଧମାଳ ଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ସହିତ ଆଉ ୪ଟି ନୂତନ ଓ ଆଧୁନିକ ମେଡିକାଲ କଲେଜ ଓ ୭ଟି ନର୍ସିଙ୍ଗ୍ କଲେଜ ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ଆମ ପାଇଁ ଚାଷୀମାନେ କେବଳ କୃଷକ ନୁହନ୍ତି, ସେମାନେ ଆମ ପାଇଁ ଅନ୍ନଦାତା। ତାଙ୍କର ଆୟ ବୃଦ୍ଧି ନ ହେଲେ ରାଜ୍ୟର ଅର୍ଥନୀତି ସୁଦୃଢ଼ ହୋଇ ପାରିବ ନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୩୧୦୦ ଟଙ୍କାରେ ଧାନ କିଣା, ପି.ଏମ୍ କିଷାନ୍ ଓ ସି.ଏମ୍ କିଷାନ୍ ଯୋଜନାରେ ବର୍ଷକୁ ୧୦ ହଜାର ଟଙ୍କାର ସହାୟତା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମତ୍ସ୍ୟଜୀବୀ ଓ ପ୍ରାଣିପାଳକ ମାନଙ୍କ ପାଇଁ ଯୋଜନା ଜରିଆରେ ପ୍ରତ୍ୟେକ କୃଷକ ପରିବାରର ଆୟରେ, ଆଖି ଦୃଶିଆ ଭାବେ ବୃଦ୍ଧି ହୋଇଛି। ଏହି କିଛି ଦିନଧରି କୃଷକ ବନ୍ଧୁମାନଙ୍କର ଧାନକିଣା ପାଇଁ ପଞ୍ଜିକରଣରେ କିଛି ସମସ୍ୟା ରହୁଥିବାର ଖବର ଆସୁଛି। ଏ ସମସ୍ୟା ସମ୍ପର୍କରେ ସରକାର ବିଶଦ ଭାବେ ଆଲୋଚନା କରିଛନ୍ତି। ମୁଁ ଆମର ଚାଷୀ ଭାଇଭଉଣୀମାନଙ୍କୁ ଆଜି ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ, ଏଗ୍ରି-ଷ୍ଟାକ୍ ପଞ୍ଜିକରଣ ସହିତ ଧାନକିଣା ପାଇଁ ପି-ପାସ୍ ପଞ୍ଜିକରଣର କୌଣସି ସମ୍ପର୍କ ନାହିଁ। କ୍ଷତିପୂରଣ ଦେବାକୁ ରିଲିଫ କୋଡ୍‌ରେ ପ୍ରାବଧାନ ନ ଥିଲା, ଆମେ ସେଥିରେ ସଂଶୋଧନ କରି ଆବଶ୍ୟକ କ୍ଷତି ପୂରଣ ଯେତେଦୂର ସମ୍ଭବ ପ୍ରଦାନ କରିଥିଲୁ। ଚଳିତ ବନ୍ୟାରେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ପୀଡିତ ତଥା ଚାଷୀଙ୍କୁ ୧୩୬ କୋଟି ଟଙ୍କାର ପ୍ରାରମ୍ଭିକ ସହାୟତା ପ୍ରଦାନ କରାଯାଇଛି। ଚୁଡାନ୍ତ ରିପୋର୍ଟ ଆସିବା ପରେ ଅଧିକ ସହାୟତା ପ୍ରଦାନ କରାଯିବ। ଏକ କୋଟିରୁ ଅଧିକ ସୁଭଦ୍ରା ହିତାଧିକାରୀ ଓ ୨୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଆଜି ବିଭିନ୍ନ ଛୋଟ ବଡ ବ୍ୟବସାୟ କରିବାକୁ ପୁଞ୍ଜି ନିବେଶ ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ନୁହନ୍ତି। ଆଜି ଓଡିଶାରେ ଏକ ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି। କେବଳ କିଛି ଜିଲ୍ଲା, ବା କିଛି ଅଞ୍ଚଳ ନୁହେଁ, ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ କିଛି ନା କିଛି ଶିଳ୍ପ ପ୍ରତିଷ୍ଠା ହୋଇଛି। ରାଜ୍ୟ ସରକାର ମଧ୍ୟ ଓଡ଼ିଶାର ସବୁ ଅଞ୍ଚଳକୁ ଯୋଡ଼ିବା ପାଇଁ ୩ଟି ପ୍ରମୁଖ ସଡ଼କ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଯୋଜନା କରିଛନ୍ତି । ଆମ ସରକାର ଅବଗତ ଅଛନ୍ତି ଯେ, ଆଜିର ଯୁବ ସମାଜ ପାଇଁ ରୋଜଗାର ସୃଷ୍ଟି ଏକ ବଡ ଆହ୍ୱାନ।

ତେଣୁ, ଏହି ପ୍ରସଙ୍ଗକୁ ସମାଧାନ କରିବା ପାଇଁ ଯୁବ ସମାଜର ଦକ୍ଷତାକୁ ବିକାଶ କରିବା ଅତ୍ୟନ୍ତ ଆବଶ୍ୟକ। କାରଣ ଆଗାମୀ ଏକ କି ଦୁଇ ବର୍ଷରେ ଅତି କମ୍ବରେ ୩ ଲକ୍ଷ, ଏବଂ ପାଞ୍ଚ ବର୍ଷ ମଧ୍ୟରେ ୨୦ ଲକ୍ଷ ଆକର୍ଷଣୀୟ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି। ଆମ ସରକାର ଆସିବା ଦିନରୁ ହିଁ ଘୋଷଣା କରିଛନ୍ତି ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା। ଆପଣମାନେ ଜାଣିଛନ୍ତି ପିଅନ ଠାରୁ ଆଇ.ଏ.ଏସ୍ ପର୍ଯ୍ୟନ୍ତ, ନୂଆ କରି ଚାକିରିରେ ଜଏନ୍ କରିଥିବା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଅବସର ଦିନ ପର୍ଯ୍ୟନ୍ତ ଯେଉଁ ଅଧିକାରୀମାନେ ଦୁର୍ନୀତି କରୁଥିବେ, ତାଙ୍କ ପାଇଁ ନିସ୍ତାର ନାହିଁ। ସବୁ ପ୍ରାର୍ଥୀଙ୍କୁ ସମାନ ସୁଯୋଗ ଏବଂ ଦୁର୍ନୀତିମୁକ୍ତ ପରୀକ୍ଷା ପରିବେଶ ପ୍ରଦାନ କରିବା ପାଇଁ ମୁଁ ସମ୍ପୃକ୍ତ ଅଧିକାରୀ ଓ ଅନୁଷ୍ଠାନମାନଙ୍କୁ ନିର୍ଦ୍ଦେଶ ଦେଇଛି। ରାଷ୍ଟ୍ରଗୀତ ଗାନ କରନ୍ତୁ ଏବଂ ସ୍ୱାଧୀନତା ଓ ସ୍ୱାଭିମାନର ପ୍ରତୀକ 'ତ୍ରିରଙ୍ଗା'କୁ ନିଜ ନିଜ ଘରେ ଉତ୍ତୋଳନ କରନ୍ତୁ। ଶେଷରେ, ଆଜି ଏହି ପବିତ୍ର ଦିନରେ ମୁଁ ସମସ୍ତଙ୍କୁ ଆହ୍ୱାନ ଜଣାଇବି, ଯେ ଆସନ୍ତୁ, ଏକ ସମୃଦ୍ଧ, ସଶକ୍ତ, ସମାବେଶୀ ଓ ବିକଶିତ ଓଡିଶା ଗଠନ ପାଇଁ ଆମେ ପ୍ରତ୍ୟେକ ଓଡିଆ ପ୍ରତିବଦ୍ଧ ହେବା ।

## ଆଗାମୀ...

ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧାରୀ, ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍ ଏବଂ ବିଶେଷ ଭାବେ ବନ୍ୟା ପ୍ରଭାବିତ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝରର ଜିଲ୍ଲାର ଜିଲ୍ଲାପାଳ ଏବଂ ଭାରତୀୟ ପାଣିପାଗ ବିଭାଗ, (ଆଇଏମ୍‌ଡି), ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶିକା ମନୋରମା ମହାନ୍ତି ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ବୈଠକର ପ୍ରାରମ୍ଭରେ ଆଇଏମ୍‌ଡିର ନିର୍ଦ୍ଦେଶିକା ରାଜ୍ୟର ବର୍ତ୍ତମାନ ଓ ଆଗାମୀ ପାଣିପାଗ ଏବଂ ବୃଷ୍ଟିପାତର ଆକଳନ ସ୍ଥିତି ଉପସ୍ଥାପନ କରିଥିଲେ । ସେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଅଧିକ ଘନୀଭୂତ ହୋଇ ବର୍ଷାର ପରିମାଣ ବୃଦ୍ଧି ପାଇବ । ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝରର ଜିଲ୍ଲା ରେଡ୍ ୱାର୍ଣ୍ଣିଂ ଜୋନ୍, ରାଜ୍ୟର ଅଧିକାଂଶ ଜିଲ୍ଲା ଅରେଂଜ ୱାର୍ଣ୍ଣି ଓ କେତେକ ଜିଲ୍ଲା ୟେଲୋ ୱାର୍ଣ୍ଣିଂ ଜୋନରେ ରହିଥିବା ସେ ସୂଚନା ଦେଇଥିଲେ ।

ବୈଠକରୁ ପ୍ରାପ୍ତ ସୂଚନା ଅନୁସାରେ ଚଳିତ ପର୍ଯ୍ୟାୟ ବନ୍ୟାରେ ଉପରୋକ୍ତ ଜିଲ୍ଲାର ୪୯ ଟି ବ୍ଲକ, ୩୩୧ ଗ୍ରାମ ପଞ୍ଚାୟତ, ୯୪୭ ଟି ଗ୍ରାମ, ୫ଟି ସହରାଞ୍ଚଳ ପ୍ରଭାବିତ ହୋଇଛି । ୫ ଲକ୍ଷ ୧୫ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ, ୨ ଲକ୍ଷ ୩୭ ହଜାର ଲୋକଙ୍କୁ ନିରାପଦ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି । ସମସ୍ତ ଜିଲ୍ଲାପାଳମାନେ ବରାବର ସ୍ଥିତିକୁ ନିରୀକ୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ଅଦ୍ୟବଧି ୨୯୩ ଟି ଶିବିରରେ ରନ୍ଧାଖାଦ୍ୟ, ଚୁଡ଼ା, ଗୁଡ଼ ଆଦି ଯୋଗାଇ ଦିଆଯାଉଛି । ୩୬ ଟି ଓଡ୍ରାଫ୍ ଟିମ୍, ୭ ଟି ଏନ୍.ଡି.ଆର. ଏଫ୍ ଏବଂ ୪୩ ଅଗ୍ନିଶମ ସେବା ବାହିନୀ ବିଭିନ୍ନ ଜିଲ୍ଲାକୁ ମୁତୟନ ହୋଇଛନ୍ତି । ବିଭିନ୍ନ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉପରୋକ୍ତ ଜିଲ୍ଲାରେ ଥିବା ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲମାନଙ୍କୁ ଡାକ୍ତରୀ ଦଳ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ ପଠାଯାଇଛି । ଯଥେଷ୍ଟ ସଂଖ୍ୟକ ଆବଶ୍ୟକୀୟ ଔଷଧ, ହାଲୋଜେନ ବଟିକା, ବ୍ଲିଚିଙ୍ଗ ପାଉଡର, ସାପ କାମୁଡ଼ା ପ୍ରତିଷେଧକ ଇଂଜେକ୍ସନ ମହଜୁଦ ଅଛି । ଆବଶ୍ୟକତା ଅନୁସାରେ ସେ ସବୁ ଯୋଗାଇ ଦିଆଯାଉଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ବହୁ ଗାଁରେ ପାଣି ପଶିଥିବାରୁ ପ୍ରାୟ ୭୫ ହଜାର ବିଜୁଳି ଉପଭୋକ୍ତାଙ୍କୁ ବିଜୁଳି ସରବରାହ ବନ୍ଦ ରହିଛି । ଯେଉଁ ସବୁ ଅଞ୍ଚଳରେ ପାଣି କମିଛି, ସେ ସବୁ ଅଞ୍ଚଳରେ ଆଜି ସନ୍ଧ୍ୟା ସୁଦ୍ଧା, ପରିସ୍ଥିତିକୁ ଦେଖି ବିଦ୍ୟୁତ ସଂଯୋଗ କରାଯିବ । ସହରାଞ୍ଚଳରେ ବନ୍ୟା ପରିଚାଳନା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ କାର୍ଯ୍ୟରତ ଅଛନ୍ତି । ଡ୍ରେନେଜ୍ ଆବଶ୍ୟକତା ଥିବା ସ୍ଥଳେ ଜଳ ନିଷ୍କାସନର ସୁବ୍ୟବସ୍ଥା କରାଯାଇଛି । ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି । ଗୃହ ଓ ସହରାଞ୍ଚଳ ବିକାଶ ବିଭାଗର ମାର୍ଗଦର୍ଶିକା ଓ ସହାୟତା ନମ୍ବର ମାଧ୍ୟମରେ ଜରୁରୀ ସେବା ପ୍ରଦାନ କରାଯାଉଥିବା ସଂପର୍କରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ । ମନଦୀବନ୍ଧ ଗୁଡ଼ିକୁ ଦିନରାତି ନିରିକ୍ଷଣ କରାଯାଉଛଥିବା, ଯେଉଁଠି ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି, ସେସବୁ ସ୍ଥାନକୁ ସତର୍କ ଦୃଷ୍ଟି ରଖାଯାଇଥିବା, ବାଲିବସ୍ତା ଦ୍ୱାରା ବନ୍ୟା ନିୟନ୍ତ୍ରଣ କରାଯିବା ନେଇ ପଦକ୍ଷେପ ନିଆଯାଉଛି । ସେହିପରି ଅନ୍ୟ ପ୍ରଭାବିତ ଜିଲ୍ଲାକୁ ବିଭାଗର ଜଣେ ଜଣେ ବରିଷ୍ଠ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଠାଯାଇଥିବା ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ପ୍ରକାଶ କରିଥିଲେ । ପୂର୍ବରୁ ବନ୍ୟା ପରିଚାଳନା କରିଥିବା ବାଲେଶ୍ୱର ଜିଲ୍ଲାକୁ ଆଇଏଏସ୍ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଯାଜପୁର ଜିଲ୍ଲାକୁ ପି. ଅନ୍ୱେଷା ରେଡ୍ଡୀଙ୍କ ସହିତ ଭଦ୍ରକ ଜିଲ୍ଲାକୁ କେନ୍ଦ୍ରାଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କୁ ଜିଲ୍ଲାପାଳମାନଙ୍କୁ ବନ୍ୟା ପରିଚାଳନାରେ ସହାୟତା ଓ ପରାମର୍ଶ ନେଇ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଅନ୍ୟ ସମସ୍ତ ଜିଲ୍ଲାରେ ସ୍ୱାଭାବିକ ନଚେତ୍ ସ୍ୱାଭାବିକ ଠାରୁ କିଛି ଅଧିକ ବା କମ୍ ବର୍ଷା ରେକର୍ଡ କରାଯାଇଛି । ଲଘୁଚାପ ବର୍ଷାକୁ ଦୃଷ୍ଟିରେ ଏହି ତିନି ଦିନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ସବୁ ଜିଲ୍ଲାପାଳ ଓ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଡାକବାଜି ଯନ୍ତ୍ର ଯୋଗେ ବ୍ୟାପକ ପ୍ରଚାର କରି ଜନ ସଚେତନତା ସୃଷ୍ଟି କରିବ ।

## କେନ୍ଦୁଝର ...

ସୋମବାର ଦିନ ଜିଲାର ସମସ୍ତ ପ୍ରକାରର ବିଦ୍ୟାଳୟ ବନ୍ଦ ରହିବ । ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତରଫରୁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ନିଜ ନିଜ କ୍ଷେତ୍ରରେ ଥିବା ସରକାରୀ, ସରକାରୀ ସହାୟକ ଓ ବେସରକାରୀ ବିଦ୍ୟାଳୟର(ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ) ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେବେ ଯେପରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ବନ୍ଦ ରଖାଯାଏ । ତଥାପି ସମସ୍ତ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ଅଧକ୍ଷ ଓ ଶିକ୍ଷକମାନେ ନିଜ ନିଜ ବିଦ୍ୟାଳୟକୁ ଯଥାସମୟରେ ଉପସ୍ଥିତ ହେବେ । ହ୍ୱାଟସଅପ୍ ଗ୍ରୁପ, ଫୋନ କଲ, ଏସଏମଏସ ଆଦି ଉପଲବ୍ଧ ଯୋଗାଯୋଗ ମାଧ୍ୟମରେ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ବନ୍ଦ ରହିବାର ସୂଚନା ପ୍ରସାର କରିବେ । ଯେପରି କୌଣସି ଛାତ୍ରୀଛାତ୍ର ବିଦ୍ୟାଳୟକୁ ନ ଆସନ୍ତି । ଏହି ସୂଚନା ଜିଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ତରଫରୁ ଜାରି କରାଯାଇଛି ।

## ଭଦ୍ରକରେ...

ଫଳରେ ଏଠାରେ ନଦୀର ଜଳସ୍ତର ବିପଦ ସଙ୍କେତଠାରୁ ୦.୦୬ ମିଟର ଅଧିକ ରହିଛି । ସେହିପରି ରାଜଘାଟ ଠାରେ ସାଳନ୍ଦୀ ନଦୀର ବିପଦ ସଙ୍କେତ ୧୭ ଫୁଟ ରହିଥିବା ବେଳେ ସକାଳ ୮ ଟା ସମୟରେ ଏଠାରେ ଜଳସ୍ତର ୧୬.୭୦ ଫୁଟରେ ପ୍ରବାହିତ ହେଉଥିଲା । ରାତିରୁ ବର୍ଷା ଲାଗି ରହିଥିବାରୁ ଉଭୟ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି ।ବୈତରଣୀ ନଦୀରୁ କଣ୍ଟିଘାଇ ଏସ୍କେପ, ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍କେପ ଦେଇ ବନ୍ୟାଜଳ ବାହାରି ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକର ଅଧିକାଂଶ ପଞ୍ଚାୟତରେ ରାସ୍ତାଘାଟ ଓ ଚାଷଜମି ଜଳମଗ୍ନ କରିଛି । ଏହାଦ୍ୱାରା ଅନେକ ଅଞ୍ଚଳରେ ଯାତାୟାତ ଓ ଚାଷବାସ ପ୍ରଭାବିତ ହୋଇଛି ।ସେହିପରି ସାଳନ୍ଦୀ ନଦୀ ଓ ଏହାର ଉପନଦୀ ନଳିଆରେ ବନ୍ୟା ଯୋଗୁଁ ଭଦ୍ରକ ବ୍ଲକର ବିଭିନ୍ନ ଅଞ୍ଚଳରେ ମଧ୍ୟ ବନ୍ୟା ପରିସ୍ଥିତି ଉପୁଜିଛି । ଅନେକ ସ୍ଥାନରେ ରାସ୍ତାଘାଟ ଓ ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ଜଣାପଡ଼ିଛି ।ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି । ବନ୍ୟା ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା ସହ ବିଭାଗୀୟ ଅଧିକାରୀମାନଙ୍କୁ ସଜାଗ ରଖାଯାଇଥିବା ଜଣାପଡ଼ିଛି ।

ଭଦ୍ରକ ଜିଲାର ବିଭିନ୍ନ ବ୍ଲକରେ ଲଗାତର ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ସୋମେଶ ଉପାଧ୍ୟାୟ ରବିବାର ଏକ ଜରୁରୀ ନିର୍ଦ୍ଦେଶ ଜାରି କରିଛନ୍ତି । ଜିଲାର ସମସ୍ତ ବିଭାଗ ଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ପୂର୍ବରୁ ମଞ୍ଜୁର ହୋଇଥିବା ସମସ୍ତ ପ୍ରକାର ଛୁଟି ତତ୍କାଳ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରାଯାଇଛି । ଛୁଟିରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ନିଜ କାର୍ଯ୍ୟରେ ଯୋଗଦେଇ ନିଜ ନିଜ ମୁଖ୍ୟାଳୟରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବ ଅନୁମତି ବିନା କୌଣସି ଅଧିକାରୀ କିମ୍ବା କର୍ମଚାରୀ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ।ଜିଲାରେ ରିଲିଫ, ଉଦ୍ଧାର, ନିରୀକ୍ଷଣ ଓ ଜରୁରୀ ସେବାକୁ ଅବିରତ ରଖିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି । ରାଜ୍ୟରେ ପୁଣି ଲଘୁଚାପ ଯୋଗୁ ପ୍ରବଳ ବର୍ଷାର ଚେତାବନୀ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ସତର୍କତା ବଢ଼ାଯାଇଛି ।

## ଅଗଷ୍ଟ...

ଏହି ତିନି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇପାରେ । ଏଥିସହ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ସମେତ ଓଡ଼ିଶା ଉପକୂଳରେ ସମୁଦ୍ରକୁ ନଯିବାକୁ ପରାମର୍ଶ ଦିଆଯାଇଛି । ବର୍ତ୍ତମାନ ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ତୁରନ୍ତ ଉପକୂଳକୁ ଫେରିଆସିବାକୁ କୁହାଯାଇଛି । ସମୁଦ୍ରରେ ଅବସ୍ଥାନ କରୁଥିବା ସମସ୍ତ ମତ୍ସ୍ୟଜୀବୀ ତୁରନ୍ତ ସୁରକ୍ଷିତ ଭାବେ ଉପକୂଳକୁ ଫେରି ଆସନ୍ତୁ ଏବଂ ପରବର୍ତ୍ତୀ ସରକାରୀ ପାଣିପାଗ ସୂଚନାକୁ ଅନୁସରଣ କରନ୍ତୁ ।

ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝରର ବଂଶପାଳରେ ୧୩୩.୬ ମିମି ବର୍ଷା ହୋଇଥିବା ବେଳେ ଦେବଗଡର ବାରକୋଟରେ ୧୩୫.୨ ମିମି, ଟେନ୍ସାରେ ୧୩୪ ମିମି, ଜାମାଙ୍କିରାରେ ୧୨୬ମିମି, ଗୁରୁଡ଼ିଆରେ ୧୨୪ମିମି, ବଣାଇଗଡ଼ରେ ୧୨୪ ମମି, କେନ୍ଦୁଝରରେ ୧୦୪ମିମି, ତେଲକୋଇରେ ୧୦୨ମିମି ବର୍ଷା ହୋଇଥିବା ବେଳେ ରବିବାର ବି ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ବ୍ରାହ୍ମଣୀ ନଦୀ ଅବବାହିକାର ଜେନାପୁରରେ ବିପଦ ସଙ୍କେତ ୨୩ ମିଟର ଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୨୧.୮୯ ମିଟର ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେବା ସହିତ ଜଳସ୍ତର ବୃଦ୍ଧି ପାଉଛି । ତେବେ ଏଠାରେ ୨୨ମିଟର ହେଉଛି ସତର୍କ ଘଣ୍ଟି । ସେହିପରି ବୈତରଣୀର ଅବବାହିକାର ଅଖୁଆପଦରେ ୧୮.୩୮ ମିଟର ଉଚ୍ଚରେ ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେବା ସହ ଆନନ୍ଦପୁର ଠାରେ ୩୭.୦୭ ମିଟରରେ ରହିଛି ଜଳସ୍ତର । ଯାହା ଏବେ ପୂରା ସ୍ଥିର ରହିଛି ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି ।

ଚଳିତ ମୌସୁମୀ ଋତୁରେ ୧ଜୁନରୁ ୧୬ଅଗଷ୍ଟ ମଧ୍ୟରେ ଦେଶରେ କେବଳ ଓଡିଶା ରାଜ୍ୟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ଦେଶର ଅନ୍ୟ ସବୁ ରାଜ୍ୟରେ ସ୍ୱାଭାବିକ କିମ୍ବା ସ୍ୱାଭାବିକ ଠାରୁ କମ୍ ବର୍ଷା ରେକର୍ଡ ହୋଇଛି । ରାଜ୍ୟର ୫ଟି ଜଲ୍ଲାର ଅତ୍ୟଧିକ ବା ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୫ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ଓ ୩ଟି ଜିଲ୍ଲାରେ ସ୍ୱାଭାବିକଠୁ କମ୍ ବର୍ଷା କେରର୍ଡ ହୋଇଛି । ସେହିପରି ବାକି ୧୭ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି । ଜୁନରେ ୨୦୯.୩ ମିମି, ଜୁଲାଇରେ ୩୪୧.୪ ମିମି ଏବଂ ଅଗଷ୍ଟରେ ୩୬୩.୮ ମିମି ମୋଟ ୯୧୪.୫ ମିମି ସ୍ୱାଭାବିକ ବର୍ଷା ହେବା କଥା । କିନ୍ତୁ ଜୁନରୁ ଅଗଷ୍ଟ ସୁଦ୍ଧା ୯୫୩ ମିମି ହୋଇସାରିଛି । ଯାହା ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପକ୍ଷରୁ କୁହାଯାଇଛି ।

ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଥିଲେ, ଅଗଷ୍ଟ ଶେଷ ସପ୍ତାହରେ (ବିଶେଷ କରି ଅଗଷ୍ଟ ୨୫ ରୁ ୨୮ ମଧ୍ୟରେ) ବଙ୍ଗୋପସାଗରରେ ଆଉ ଏକ ନୂତନ ଘୂର୍ଣ୍ଣିବଳୟ/ଲଘୁଚାପ ସୃଷ୍ଟି ହେବାର ପୂର୍ବାନୁମାନ କରାଯାଉଛି । ବର୍ତ୍ତମାନ ସକ୍ରିୟ ଥିବା ସିଷ୍ଟମ୍ (୧୫-୧୯ ଅଗଷ୍ଟ) ଆଭ୍ୟନ୍ତରୀଣ ଭାରତକୁ ଅତିକ୍ରମ କରିବା ପରେ ୨୦ରୁ ୨୪ ଅଗଷ୍ଟ ମଧ୍ୟରେ ବାୟୁମଣ୍ଡଳୀୟ ସାମୟିକ ବିରାମ ରହିବ । ଏହାପରେ ମୌସୁମୀ ଟ୍ରଫର ପୂର୍ବ ଭାଗ ପୁନର୍ବାର ସକ୍ରିୟ ହୋଇ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଜଳୀୟବାଷ୍ପ ଓ ବାୟୁ ସଞ୍ଚାଳନକୁ ବୃଦ୍ଧି କରିବ । ଜିଏଫ୍‌ଏସ୍ ଡିଟର ମଡେଲ୍ ମଧ୍ୟ ୨୫ ଅଗଷ୍ଟ ଆଖପାଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର (ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ସଂଲଗ୍ନ)ରେ ପୁନର୍ବାର ସାଇକ୍ଲୋନିକ୍ ଭୋର୍ଟିସିଟି ବୃଦ୍ଧି ପାଉଥିବା ଦର୍ଶାଉଛି, ଯାହା ଅଗଷ୍ଟ ୨୬/୨୭ ତାରିଖରେ ଲଘୁଚାପରେ ପରିଣତ ହୋଇପାରେ । କୃଷି ପରାମର୍ଶ ଦେଇ ଶ୍ରୀ ପଶୁପାଳକ କହିଥିଲେ, ନିମ୍ନ ଜମିରେ ଗଜା ତଳି ଏବଂ ରୁଆ ଧାନ ଗଛ ବୁଡ଼ି ରହିବାର ଆଶଙ୍କା ଥିବାରୁ ଜମିରୁ ନିଷ୍କାସନ ନାଳୀ ସଫା ରଖନ୍ତୁ । ଧାନ ଜମିରେ ୩ ରୁ ୫ ସେମିରୁ ଅଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ । ୧୬ରୁ ୧୯ ଅଗଷ୍ଟ ମଧ୍ୟରେ ସମସ୍ତ ପ୍ରକାର ସାର ପ୍ରୟୋଗ ଏବଂ କୀଟନାଶକ ସିଞ୍ଚନ ସମ୍ପୂର୍ଣ୍ଣ ସ୍ଥଗିତ ରଖନ୍ତୁ । ମକା, ହରଡ଼, ପରିବା ଏବଂ ତୈଳବୀଜ ଜମିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଏହାଦ୍ୱାରା ଚେର ସଢ଼ା ରୋଗ ହୋଇପାରେ ।

## ଅନ୍ତରୀଣ...

ସହ ପର୍ବପର୍ବାଣୀ ପାଳନ କରିପାରିବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ରାଜ୍ୟର କିଛି ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିଥିବାରୁ ଓଡ୍ରାଫ୍ ଓ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ସହ ଧନଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନେବ ବୋଲି ସେ କହିଥିଲେ। ଓଡ଼ିଶା ପୋଲିସର ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ନିଷ୍ଠା, ସଚ୍ଚୋଟତା ଓ ଦାୟିତ୍ୱବୋଧର ସହ କର୍ତ୍ତବ୍ୟ ସମ୍ପାଦନ କରିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ଓ ସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି ଡିଜିପି ଶ୍ରୀ ମିଶ୍ର କହିଥିଲେ। ପୋଲିସ କେବଳ ଏକ ଚାକିରି ନୁହେଁ, ଏହା ଏକ ମହତ୍ ସେବା ବୋଲି ଉଲ୍ଲେଖ କରି ଆଗାମୀ ଦିନରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାକୁ ସେ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ ଯେ ୧୯୯୩ ବ୍ୟାଚର ଆଇ.ପି.ଏସ୍ ଅଧିକାରୀ ଶ୍ରୀ ମିଶ୍ର ବିହାର ରାଜ୍ୟର ମୂଳବାସିନ୍ଦା ଅଟନ୍ତି । ତାଙ୍କର ଚାକିରି କାଳ ମଧ୍ୟରେ ସେ ବାଲେଶ୍ୱର, ତାଳଚେର, କଟକ, ବ୍ରହ୍ମପୁର, ଯାଜପୁର, କ୍ରାଇମବ୍ରାଞ୍ଚ ଆଦି ବିଭିନ୍ନ ସ୍ଥାନରେ ଏସଡିପିଓ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ପରେ ସେ ଡିଆଇଜି ଭାବେ ଅତିରିକ୍ତ ପରିବହନ କମିଶନର (ଏନଫୋର୍ସମେଣ୍ଟ,କଟକ), ଅଗ୍ନିଶମ ସେବା ଏବଂ ଗୃହରକ୍ଷୀ, ଗୁଇନ୍ଦା (ଓଡ଼ିଶା, କଟକ) ଏବଂ ସିଆଇଏସଏଫ (ବୋକାରୋ) ରେ କାର୍ଯ୍ୟ କରିଥିଲେ। ସେହିପରି ଆଇ.ଜି.ପି ଭାବେ ସିଆଇଏସଏଫ (ମୁଖ୍ୟାଳୟ, ଚେନ୍ନାଇ), ଆଇଜିପି (ରେଳବାଇ, ଓଡ଼ିଶା, କଟକ) ଏବଂ ଆଇ.ଜି.ପି (ପୂର୍ବାଞ୍ଚଳ, ବାଲେଶ୍ୱର) ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ), ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ), ନିର୍ଦ୍ଦେଶକ (ଷ୍ଟେଟ କ୍ରାଇମ ରେକର୍ଡ ବ୍ୟୁରୋ) ଏବଂ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ)ରେ ସଫଳତାର ସହ କାର୍ଯ୍ୟ କରିଥିଲେ । ପରେ ୨୦୨୫ ମସିହା ଜାନୁଆରୀ ୧ ତାରିଖରୁ ସେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ଭାବେ କାର୍ଯ୍ୟରତ ଅଛନ୍ତି। ଡିଜିପି ଶ୍ରୀ ମିଶ୍ର ଦାୟିତ୍ୱ ଗ୍ରହଣ ସମୟରେ ରାଜ୍ୟ ପୋଲିସ ବିଭାଗର ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ପୋଲିସ ମୁଖ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାଧୀନତା ଦିବସ



ବ୍ରହ୍ମପୁର,(ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ନୀଳକଣ୍ଠନଗରର ପରିସର ମଧ୍ୟରେ ୮୦ତମ ସ୍ୱାଧୀନତା ଦିବସ ଶନିବାର ଦିନ ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟଅତିଥି ବ୍ରିଗେଡ଼ିୟର୍ ଅରୁଣ ପ୍ରସାଦ ପାଢ଼ୀ, ଅବସରପ୍ରାପ୍ତ ଚିକିତ୍ସକ, ଭାରତୀୟ ସେନା ବିଭାଗ ଦୀପପ୍ରଜ୍ୱଳନ ଏବଂ ଜାତୀୟପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥିମାନଙ୍କ ସମ୍ୟକ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଥମ ଶ୍ରେଣୀର ଭଉଣୀ ସୁଶ୍ରୀ ଆରାଧ୍ୟାପ୍ରିୟଦର୍ଶିନୀ ପ୍ରଧାନ ଓ ୨ ବିଜ୍ଞାନ ଶ୍ରେଣୀର ଭଉଣୀ ସୁଶ୍ରୀ ଦେବୀରୁଦ୍ରାଣି ପାହି ସ୍ୱାଧୀନତାର ମହ%୦ ସମ୍ବନ୍ଧରେ ନିଜର ସଂକ୍ଷିପ୍ତ ଅଭିଭାଷଣ ଉପସ୍ଥାପନ କରିଥିଲେ। ଅମୃତ ବଚନ ପାଠ କରିଥିଲେ ସୁଶ୍ରୀ ସାଇସୌମ୍ୟ ମହାରଣା। ବ୍ୟକ୍ତିଗୀତ ଗାନ କରିଥିଲେ ଦଶମ ଶ୍ରେଣୀ ଛାତ୍ର ଚିନ୍ମୟ କୁମାର ଜେନା, ଆକର୍ଷଣୀୟ ଯୋଗାସନ କରିଥିଲେ ୨ ବିଜ୍ଞାନ ଛାତ୍ର ଓମ୍‌କାର ପ୍ରସାଦ। ପୂର୍ବତନ ଏନ୍.ସି.ସି. ଫାଷ୍ଟ ଅଫିସର ଶ୍ରୀ ଶାନ୍ତନୁ କୁମାର ବେହେରାଙ୍କ ପରିଚାଳନାରେ ବିଦ୍ୟାଳୟ ପଡ଼ିଆରେ ଏନ୍.ସି.ସି., ସ୍କାଉଟ୍, ଗାଇଡ୍ ଏବଂ ସିଭିଲିଆନ୍ ଭାଇଭଉଣୀଙ୍କ ଦ୍ୱାରା ଗଣସଂଚଳନର ଆୟୋଜନ କରାଯାଇଥିଲା ଏବଂ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ପ୍ରଧାନାଚାର୍ଯ୍ୟ ଶ୍ରୀ ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପରିଚାଳନା ସମିତିର ସଭାପତି ଡକ୍ଟର ଜୀବାନନ୍ଦ ତ୍ରିପାଠୀ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଯୁଗ୍ମସମ୍ପାଦକ ନୀଳକଣ୦ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟ କେ. ଭେଙ୍କଟ୍ ରାଓ, ଉପଦେଷ୍ଟା ନରସିଂହ ଚୌଧୁରୀ, ଡିଗ୍ରୀ ବିଦ୍ୟାମନ୍ଦିରର ଡିନ୍ ଡକ୍ଟର ବିବେକାନନ୍ଦ ପଣ୍ଡା, ଡକ୍ଟର ରାଜେନ୍ଦ୍ର ମୂର୍ତ୍ତି, ଡକ୍ଟର ଶଙ୍କର ପ୍ରସାଦ ଅଧିକାରୀ, ଅକ୍ଷୟ ପାଢ଼ୀ, ଡିଗ୍ରୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡକ୍ଟର ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରସାୟନ ବିଭାଗରେ ପ୍ରିୟାଶିଷ ଟପ୍ପର



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଖୁଣ୍ଟା ଅଞ୍ଚଳର ୨୩ବର୍ଷୀୟା ଛାତ୍ରୀ ପ୍ରିୟାଶିଷ ରଥ ଦକ୍ଷିଣ ବିହାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଟପର ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ତାଙ୍କ ଏହି ସଫଳତା ପାଇଁ ଖୁଣ୍ଟା ଅଞ୍ଚଳ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ପ୍ରିୟାଶିଷ ଖୁଣ୍ଟାରେ ନିଜର ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ । ୨୦୧୯ ମସିହାରେ ଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟରୁ ଏ-୨ ଗ୍ରେଡ୍‌ରେ ମାଟ୍ରିକ୍ ପାସ୍ କରିବା ପରେ ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ରସାୟନ ବିଜ୍ଞାନରେ ସ୍ନାତକ ଅଧ୍ୟୟନ କରି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରବର୍ତ୍ତୀ ସମୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଜାତୀୟସ୍ତରୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରି ଏକାଧିକ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ । ଶେଷରେ ୨୦୨୪ ମସିହାରେ ଗୟାସ୍ଥିତ ଦକ୍ଷିଣ ବିହାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଥିଲେ । ଅଧ୍ୟୟନ କ୍ଷେତ୍ରରେ ନିଜର ଦକ୍ଷତା ଓ କଠିନ ପରିଶ୍ରମ ବଳରେ ପ୍ରିୟାଶିଷ ଉକ୍ତ ପାଠ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ହାସଲ କରିବା ସହ ରସାୟନ ବିଜ୍ଞାନ ବିଭାଗର ଟପର ହୋଇଛନ୍ତି । ତାଙ୍କ ଏହି ଉଲ୍ଲେଖନୀୟ ସଫଳତା ଖୁଣ୍ଟା ତଥା ସମଗ୍ର ମୟୂରଭଞ୍ଜ ପାଇଁ ଗର୍ବର ବିଷୟ ପାଲଟିଛି । ପ୍ରିୟାଶିଷ ସ୍ଥାନୀୟ ଖୁଣ୍ଟା ଅଞ୍ଚଳର ପ୍ରାକ୍ତନ ପ୍ରତିରକ୍ଷା ବିଭାଗ କର୍ମଚାରୀ ଆଶିଷ କୁମାର ରଥ ଓ ମାତା ପ୍ରିୟଦର୍ଶିନୀ ରଥଙ୍କ ଜେଷ୍ଠ କନ୍ୟା । ସେ ପୂର୍ବତନ ଖୁଣ୍ଟା ବ୍ଲକ୍ ଅଧ୍ୟକ୍ଷ ସ୍ୱର୍ଗତଃ ପ୍ରତାପ ଚନ୍ଦ୍ର ରଥଙ୍କ ନାତୁଣୀ ଅଟନ୍ତି । ଆଗାମୀ ଦିନରେ ରସାୟନ ବିଜ୍ଞାନ କ୍ଷେତ୍ରରେ ଉଚ୍ଚତର ଗବେଷଣା କରି ନିଜର ଶିକ୍ଷାଗତ ସଫଳତାକୁ ଆହୁରି ଆଗକୁ ନେବା ତାଙ୍କର ଲକ୍ଷ୍ୟ ବୋଲି ପ୍ରିୟାଶିଷ ପ୍ରକାଶ କରିଛନ୍ତି । ତାଙ୍କର ଏହି ସଫଳତା ଅଞ୍ଚଳର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ପ୍ରେରଣାର ଉତ୍ସ ପାଲଟିଛି ।

## ପାଣି ପ୍ରଖର ସ୍ରୋତକୁ ନେଇ ପଞ୍ଚଲିଙ୍ଗେଶ୍ୱର ପୀଠ ଅନିର୍ଦ୍ଦିଷ୍ଟ କାଳ ବନ୍ଦ

ନୀଳଗିରି(ସବ୍ୟୁ) :ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି । ନୀଳଗିରିରେ ଲଘୁଚାପ ବର୍ଷା ଗୁରୁବାର ରାତ୍ରି ଠାରୁ ଲାଗିରହିଥିବା ବେଳେ ଶନିବାର ରାତ୍ରିରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା । ଫଳରେ ରବିବାର ଏହି ଲଗାଣ ବର୍ଷା ଯୋଗୁଁ ଦେବଗିରି ପାହାଡ଼ର ୫ଫୁଟ ଉଚ୍ଚର ଝରଣା ପାଣିର ପ୍ରଖର ସ୍ରୋତ ଆସି ଶୈବପୀଠ ପଥର ଖୋଲ ଦେଇ ତଳକୁ ଜାଉଥିବା ଏବଂ ପଞ୍ଚଲିଙ୍ଗେଶ୍ୱର ମୁଖ୍ୟ ଫାଟକ ଦେଇ ମଧ୍ୟ ପାହାଡ ପାଣିର ସ୍ରୋତ ଆସିଥିଲା ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହ



ଛତ୍ରପୁର, (ସବ୍ୟୁ): : ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ଠାରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହ ପାଳିତ ହୋଇଯାଇଛି । ଛତ୍ରପୁର ପୋଲିସ ପ୍ୟାରେଡ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଶାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ନିଜ ଅଭିଭାଷଣରେ ମନ୍ତ୍ରୀ କହିଥିଲେ ଯେ ସଓ୍ୱାଧୀନତା ଦିବସ କେବଳ ଏକ ଉତ୍ସବ ନୁହେଁ, ବରଂ ଦେଶର ସ୍ୱାଧୀନତା ପାଇଁ ଜୀବନ ବଳିଦାନ ଦେଇଥିବା ବୀର ସଂଗ୍ରାମୀମାନଙ୍କୁ ସ୍ମରଣ କରିବାର ଏକ ପବିତ୍ର ଅବସର ବୋଲି କହିବା ସହ ଆଞ୍ଚଳର ବିକାଶ, କୃଷକ କଲ୍ୟାଣ, ମହିଳା ସଶକ୍ତିକରଣ ଓ ଯୁବବର୍ଗଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି ଦିଗରେ ରାଜ୍ୟ ସରକାର ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଥିଲେ । ଏଥିସହ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ସୂଚନା ପ୍ରଦାନ କରିଥିଲେ ।ଏହି ଅବସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ପୋଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବିଶି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଓ ସୁନୀଲ କୁମାର କେର୍କଟାଙ୍କ ସମେତ ବହୁ ଜନପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି ଓ ଅଧିକାରୀ ଉପସ୍ଥିତ ଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୨, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଏମ୍‌ସିଏଲ୍ ପାଳନ କଲା ସଦ୍‌ଭାବନା ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ

ଭୁବନେଶ୍ୱର (ସବ୍ୟୁ): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ଅତ୍ୟନ୍ତ ଗର୍ବ, ଗୌରବ ଓ ଦେଶପ୍ରେମର ସହ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁରସ୍ଥିତ କମ୍ପାନୀର ମୁଖ୍ୟାଳୟରେ ଆୟୋଜିତ ଏହି ସମାରୋହରେ ଏମ୍‌ସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ଉଦୟ ଅନନ୍ତ କାଓଲେ ଜାତୀୟ ପତାକା ଉତ୍ତୋଳନ କରିବା ସହ ମାର୍ଚ୍ଚପାଷ୍ଟ୍ ପ୍ୟାରେଡ୍‌ର ସଲାମୀ ଗ୍ରହଣ କରିଥିଲେ। ଶ୍ରୀ କାଓଲେ ନିଜ ଅଭିଭାଷଣରେ ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦେଶର ଶକ୍ତି ସୁରକ୍ଷା କ୍ଷେତ୍ରରେ ଏମ୍‌ସିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଏବଂ ସିଏସ୍‌ଆର ଓ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଖନନ ଅଞ୍ଚଳର ସମୁଦାୟ ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ତିନୋଟି ଆର୍ଥିକ ବର୍ଷରେ କ୍ରମାଗତ ଭାବେ ୨୦୦ ମିଲିୟନ୍ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ ହାସଲ କରିଥିବାରୁ



ସେ 'ଟିମ୍ ଏମ୍‌ସିଏଲ୍'ର ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କାଓଲେ ସମସ୍ତ ଅଂଶୀଦାର ଏବଂ 'ଏମ୍‌ସିଏଲ୍ ପରିବାର'କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ସମାରୋହରେ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସଞ୍ଜୟ କୁମାର ଝା, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ସମ୍ପ୍ରୀତ ସୌରଭ ନାୟକ, ପ୍ରାକ୍ତନ ନିର୍ଦ୍ଦେଶକବୃନ୍ଦ, ବରିଷ୍ଠ ଅଧିକାରୀଗଣ, ଜାଗୃତି ମହିଳା ମଣ୍ଡଳର ଉପସଭାପତି ଓ ସଦସ୍ୟାବୃନ୍ଦ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଏବଂ ଅନ୍ୟାନ୍ୟ ହିତାଧିକାରୀମାନେ ଉପସ୍ଥିତ ଥିଲେ। ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମନୋମୁଗ୍ଧକର ନୃତ୍ୟ ଏହି ଉତ୍ସବକୁ ଆହୁରି ରଙ୍ଗୀନ୍ କରିଥିଲା। ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ଡିଏଭି ପବ୍ଲିକ୍ ସ୍କୁଲ, ବୁର୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଶ୍ରେଷ୍ଠ ମାର୍ଚ୍ଚପାଷ୍ଟ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି, ଏମ୍‌ସିଏଲ୍‌ର ସମସ୍ତ ଖଣି ଅଞ୍ଚଳରେ ମଧ୍ୟ "ରାଷ୍ଟ୍ର ପ୍ରଥମ" ଭାବନାକୁ ପାଥେୟ କରି ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା, ଯାହା ଦାୟିତ୍ୱବାନ୍ ଖନନ, ଶକ୍ତି ସୁରକ୍ଷା ଏବଂ ସମାବେଶୀ ବିକାଶ ମାଧ୍ୟମରେ ଏକ ଆତ୍ମନିର୍ଭର ଭାରତ ଗଠନ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରମାଣ କରିଥିଲା।

### କବାଟବନ୍ଧରେ ରକ୍ତ ଓ ଅଙ୍ଗଦାନ ଉତ୍ସବ

# ୫୯ ୟୁନିଟ ରକ୍ତ ସଂଗ୍ରହ, ୧୮ ଜଣ ଅଙ୍ଗଦାନ କଲେ

ଚଣ୍ଡିଖୋଲ (ସବ୍ୟୁ) ପବିତ୍ର ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ରକ୍ତ ଓ ଅଙ୍ଗଦାନ ଉତ୍ସବ ଆୟୋଜିତ ହୋଇଥିଲା। କବାଟବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ର, ସଚେତନ ନାଗରିକ ମଞ୍ଚ ଓ ଆମ ଓଡିଶାର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିବା ଏହି ଉତ୍ସବରେ ୫୯ ୟୁନିଟ ରକ୍ତ ସଂଗୃହୀତ ହେବା ସହିତ ୧୮ ଜଣ ବ୍ୟକ୍ତି ଅଙ୍ଗଦାନ ପାଇଁ ସେମାନଙ୍କ ଅଙ୍ଗୀକାର ବଦ୍ଧତା ଘୋଷଣା କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରକ୍ତ ଓ ଅଙ୍ଗଦାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। କବାଟବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରର ଡଃ ନିହାରରଞ୍ଜନ କର ଏହି ମହୋତ୍ସବକୁ ଉଦଘାଟନ



କରିଥିଲେ। ଏଥିରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ତଥା ସିନିୟର ଜର୍ଣ୍ଣାଲିଷ୍ଟ ଫେଡେରେସନ ଅଫ ଇଣ୍ଡିଆର ଜାତୀୟ ଉପସଭାପତି ବେଣୁଧର ପଣ୍ଡା, ଶିକ୍ଷାବିତ ରଘୁନାଥ ବେହେରା, କାହ୍ନୁଚରଣ ସାହୁ, ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଅଧ୍ୟାପକ ମନୋଜକୁମାର ଧୀର ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତ ଓ ଅଙ୍ଗଦାତା ମାନଙ୍କୁ ପ୍ରମାଣପତ୍ର, ଫଳଫୁଲ ଚାରା ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ଅନେକ ଜୀବନ ବଞ୍ଚାଇବା ପାଇଁ ଏବେ ରକ୍ତ ଓ ଅଙ୍ଗର ଅଭାବ ରହିଥିବା ସମୟରେ ଏହାର ଆବଶ୍ୟକତା ପୂରଣ ପାଇଁ ଏପରି ଉତ୍ସବ ଆୟୋଜନ କରିଥିବାରୁ ଆୟୋଜକଙ୍କ ଏପରି ସାଧୁ ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ବଣମଲୀର ଉପସଭାପତି ନିର୍ମାଲ୍ୟକୁମାର ପ୍ରଧାନ, ସେବା ହିଁ ପରମ ଧର୍ମର ସଭାପତି ଶ୍ରୀଧର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ପରମାନନ୍ଦ ସାହୁ, ବାବୁଲି ରାଉତ, ଚିତ୍ରସେନ ନାଥ, ଅଶୋକ ଦାସ, ପ୍ରଶାନ୍ତ ସାହୁ, ବସନ୍ତ ମଲ୍ଲିକ, ତପନ ଦଳାଇ, ଶକ୍ତିପ୍ରସାଦ ସାମନ୍ତ, ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ପଙ୍କଜଚରଣ ମଲ୍ଲ, ପ୍ରଦୀପ ସାମଲଙ୍କ ସହ ବହୁ ବୁଦ୍ଧିଜୀବୀ ଏଥିରେ ଉପସ୍ଥିତ ହୋଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ପ୍ରେସ କ୍ଲବ ଓ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ପତାକା ଉତ୍ତୋଳନ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ଓ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓ.ୟୁ.ଡବ୍ଲ୍ୟୁ.ଜେ.) ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଜିଲ୍ଲା ପ୍ରେସ କ୍ଲବ ପରିସରରେ ପାଳିତ ହୋଇଯାଇଛି। ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ, ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ତଥା ଜିଲ୍ଲା ପ୍ରେସ କ୍ଲବର ସମ୍ପାଦକ ପ୍ରକାଶ କୁମାର ହାତୀ ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ କରିଥିଲେ। ଅବସରରେ ଶ୍ରୀ ହାତୀ କହିଥିଲେ ଯେ, ଗଣମାଧ୍ୟମ ଗଣତନ୍ତ୍ରର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସାମ୍ବାଦିକମାନଙ୍କ ଉପରେ ସତ୍ୟ ଓ ନିରପେକ୍ଷ ଖବର ଲୋକଙ୍କ ନିକଟରେ ପହଁଚାଇବାର ବଡ଼ ଦାୟିତ୍ୱ ରହିଛି। ଏଥିସହିତ ଦେଶର ସ୍ୱାଧୀନତା କେବଳ ଏକ ଐତିହାସିକ ଘଟଣା ନୁହେଁ, ଏହା ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ସଂଘର୍ଷ ଓ ଆତ୍ମବଳିଦାନର ଫଳ। ବ୍ରିଟିଶ ଶାସନର ଅତ୍ୟାଚାର ବିରୋଧରେ ଦେଶର ଅଗଣିତ ବୀର ଯୋଦ୍ଧା ନିଜ ଜୀବନକୁ ବାଜି ଲଗାଇଥିଲେ। ସେମାନଙ୍କ ତ୍ୟାଗ ଓ ଦେଶ ପ୍ରେମକୁ ଆମେ କେବେ ଭୁଲିପାରିବା ନାହିଁ। ଆଜିର ପିଢ଼ି ସେହି ତ୍ୟାଗରୁ ପ୍ରେରଣା ନେଇ ଦେଶର ଏକତା, ଅଖଣ୍ଡତା, ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ପ୍ରଭାତ କୁମାର ପାଣିଗ୍ରାହୀ ସ୍ୱାଧୀନତା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଜିଲ୍ଲା ପ୍ରେସ କ୍ଲବର ଆଇନ ପରାମର୍ଶଦାତା ଅବ୍ୟକ୍ତ ହରିହର ଖାଡ଼ଙ୍ଗା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ଟେଟ୍ରାହେଡ୍ରନ ପକ୍ଷରୁ ବିଶାଳ ବାଇକ୍ ଶୋଭାଯାତ୍ରା

# ବନ୍ଦେ ମାତରଂ ଧ୍ୱନ୍‌ରେ ପ୍ରକମ୍ପିତ ହେଲା ଟାଙ୍ଗୀ ଅଞ୍ଚଳ

କଟକ, (ସବ୍ୟୁ): ଓଡ଼ିଶାର ଅଗ୍ରଣୀ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଟାଙ୍ଗୀ ଠାରେ ଅବସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ ହେବା ସହ ବିଶାଳ ବାଇକ୍ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ଟେଟ୍ରାହେଡ୍ରନ କଲେଜରେ ୩୦୦ମିଟର ଜାତୀୟ ପତାକା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇ ଡ୍ରିମ୍ସ ଛକ ପର୍ଯ୍ୟନ୍ତ ଯାଇଥିଲେ। ପରେ ପୁରୁଣା କ୍ୟାମ୍ପସ ରେ ଶତାଧିକ ଛାତ୍ରଛାତ୍ରୀଙ୍କ ଗ୍ରହଣରେ ଜରିପଡା ସରପଞ୍ଚ ସଂଯୁକ୍ତା ସେଠୀ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଉକ୍ତ ସମୟରେ ସମାଜସେବୀ ତାପସ ମଲ୍ଲିକ, ବରିଷ୍ଠ ଅଧ୍ୟାପକ ଭାଗିରଥି ମଲ୍ଲିକ ଓ ଅଧ୍ୟାପକ ଡ଼ ସୌମ୍ୟରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନ ୨ ଘଟିକା ସମୟରେ ହଜାରରୁ ଉର୍ଦ୍ଧ୍ୱ ବାଇକ୍ ସମେତ ଦୁଇ ହଜାରରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀ ଟାଙ୍ଗୀ ହାଇସ୍କୁଲ ପଡ଼ିଆରେ ଏକତ୍ର ହୋଇ ଟାଙ୍ଗୀ ଠାରୁ ସଫା ଏବଂ ଭଟିମୁଣ୍ଡା ପର୍ଯ୍ୟନ୍ତ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଯାଇଥିଲା। ଏହି



ସମୟରେ ଟାଙ୍ଗୀ ଅଞ୍ଚଳ ବନ୍ଦେ ମାତରଂ ଭାରତମାତା କି ଜୟରେ ପ୍ରକମ୍ପିତ ହେବା ସହ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କୁ ବିଭିନ୍ନ ଛକରେ ଅଞ୍ଚଳବାସୀ ସ୍ୱାଗତ କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଟାଙ୍ଗୀ ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଏଭଳି ଶୋଭାଯାତ୍ରା କୌଣସି ରାଜନୈତିକ କରିନଥିବା ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଜାଣିବାକୁ ମିଳିଛି। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ହୃଷୀକେଶ ସାମଲ, ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ, ସମାଜସେବୀ ଅମୂଲ୍ୟ ବେଉରା, ଆକାଶ ପାତ୍ରଙ୍କ ସମେତ ଆଗଧାଡ଼ିର କର୍ମକର୍ତ୍ତା ସହଯୋଗ କରିଥିଲେ।

### କଂଗ୍ରେସ ମୁଖ୍ୟାଳୟରେ ଜାତୀୟ ଗାନ ପ୍ରତି ଅସମ୍ମାନ ପ୍ରଦର୍ଶନ ପ୍ରସଙ୍ଗ

# ପ୍ରତିବାଦରେ ବିଜେପି ଭୁବନେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚାର ନୀରବ ଶୋଭାଯାତ୍ରା

ଭୁବନେଶ୍ୱର(ସବ୍ୟୁ): ଦିଲ୍ଲୀରେ ଜାତୀୟ କଂଗ୍ରେସ ମୁଖ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ, କଂଗ୍ରେସ ଦଳର ସଭାପତି ମଲ୍ଲିକାର୍ଜ୍ଜୁନ ଖାଡଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜାତୀୟ ଗାନ ଏବଂ ଜାତୀୟ ପ୍ରତିକ ତ୍ରିରଙ୍ଗା ପ୍ରତି ଅସମ୍ମାନ ପ୍ରଦର୍ଶନ ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ତରଫରୁ ନୀରବ ଶୋଭାଯାତ୍ରା କରାଯାଇଥିଲା।




ରାଜ୍ୟ କାର୍ଯ୍ୟାଳୟରୁ ବାହାରି ଏହି ଶୋଭାଯାତ୍ରା ମାଷ୍ଟର କ୍ୟାଂଟିନ ଛକସ୍ଥିତ କଂଗ୍ରେସ ଭବନ ପର୍ଯ୍ୟନ୍ତ ଯାଇଥିଲା। ପ୍ରଦର୍ଶନକାରୀମାନେ ହାତରେ ପ୍ଲାକାର୍ଡ ଧରି ଏବଂ ମୁଣ୍ଡରେ କଳା ପଟି ବାନ୍ଧି ବିରୋଧ କରିଥିଲେ। ଏହି ଶୋଭାଯାତ୍ରାରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସଂପାଦକ ସରୋଜ କର, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ଭୁବନେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସ୍ୱୟଂସେବକ ରାୟ ପ୍ରମୁଖଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଆଶୀର୍ବାଦ ଫାଉଣ୍ଡେସନ ସମ୍ବର୍ଦ୍ଧିତ

କଟକ, (ସ୍ୱ.ପ୍ର) : ସ୍ୱାଧୀନତା ଦିବସ ଅବସରରେ କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀ ସଂଗଠନ ଆଶୀର୍ବାଦ ଫାଉଣ୍ଡେସନକୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମନ୍ତ୍ରୀ ସୁରେଶ ପୂଜାରୀ ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଅତ୍ୟନ୍ତ ସ୍ୱଳ୍ପ ସମୟ ମଧ୍ୟରେ ନିଷ୍ପାପର ସେବା, ଶୃଙ୍ଖଳା ଓ ଜନକଲ୍ୟାଣମୂଳକ କାର୍ଯ୍ୟ ମାଧ୍ୟମରେ ଅନେକ ସଂଗଠନ ମଧ୍ୟରୁ ଆଶୀର୍ବାଦ ଫାଉଣ୍ଡେସନ ଏହି ସମ୍ମାନର ହକ୍‌ଦାର ହୋଇପାରିଛି। ଏହି ଅବସରରେ ଫାଉଣ୍ଡେସନର ସଭାପତି ମାଗୁଣି ଦାସ, ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ସ୍ୱରୂପ ଭୂୟାଁ, ଅମିୟ ସାହୁ, ଅଭିଜିତ




ରାଉତରାୟ, ସମୀର କର ଓ ରୁଦ୍ରପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ, କମିଶନର କିରଣଦ୍ୱିପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ଫାଉଣ୍ଡେସନର ସମସ୍ତ ସଦସ୍ୟଙ୍କ ଅକ୍ଳାନ୍ତ ପରିଶ୍ରମ, ସେବା ମନୋଭାବ, ସମନ୍ୱୟ, ଶୃଙ୍ଖଳା ଓ ନିଷ୍ଠାକୁ ଶ୍ରେୟ ଦିଆଯାଇଛି। ଆଗାମୀ ଦିନରେ ଫାଉଣ୍ଡେସନ ପକ୍ଷରୁ ଆହୁରି ବ୍ୟାପକ ଭାବେ ଜନକଲ୍ୟାଣମୂଳକ କାର୍ଯ୍ୟ ଜାରି ରଖିବାକୁ ସଂକଳ୍ପ ଗ୍ରହଣ କରାଯାଇଛି।

# ବିଷ୍ଣୁଚରଣ ମହାନ୍ତିଙ୍କ ବିୟୋଗ

ଭୁବନେଶ୍ୱର, (ସବ୍ୟୁ): ଆଦିବାସୀ ହରିଜନ ଗବେଷଣା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ ବିଷ୍ଣୁଚରଣ ମହାନ୍ତି ଆଜି ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। କଟକ ତୁଳସୀପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ସେ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ।



ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ ବୀଣାପାଣି ମହାନ୍ତି, ପୁତ୍ର ରାଜେଶ କୁମାର ମହାନ୍ତି, ପୁତ୍ରବଧୂ ମମତା ପଟ୍ଟନାୟକ, ଝିଅ ରୋଜାଲିନ ମହାନ୍ତି ଏବଂ ଜ୍ୱାଇଁ ନିରୋଜ ପାତ୍ରଙ୍କ ସମେତ ବନ୍ଧୁ ଓ ପରିବାର ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ତାଙ୍କ ପୈତୃକ ଘର କଟକ ଜିଲ୍ଲା ସାଲେପୁର ବ୍ଲକ୍ ତରିତୋ ପଞ୍ଚାୟତ ଅନ୍ତର୍ଗତ କୁରୁଳି (ରାଧାନଗର)ଠାରେ। ମୃତ୍ୟୁ ଖବର ପହଞ୍ଚିବା ମାତ୍ରେ ବନ୍ଧୁବାନ୍ଧବ ଓ ପରିବାର ସମ୍ପର୍କୀୟମାନେ ଶେଷ ଦର୍ଶନ କରିଥିଲେ। ତାଙ୍କର ମର ଶରୀରର ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରଠାରେ ସମାପନ ହୋଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅରବିନ୍ଦ ମହାନ୍ତି, ମଧୁସ୍ମିତା ମହାନ୍ତି, ନିଗମାନନ୍ଦ ମହାନ୍ତି, ବିଜୟାନନ୍ଦ ମହାନ୍ତି, ସଂଘମିତ୍ରା ମହାନ୍ତି, ସୁରେଶ କୁମାର ପଟ୍ଟନାୟକ, ଶୁଭ୍ରାଂଶୁବାଳା ମହାନ୍ତି, ଉପାସନା ମହାନ୍ତି, ପ୍ରତିଭା ମହାନ୍ତି, ବିଶ୍ୱାମିତ୍ର ମହାନ୍ତି, ଲଳିତ ମୋହନ ମହାନ୍ତି, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ମର ଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବିଜେଇଏମ୍ ସ୍କୁଲ-୨ରେ ୮୦ତମ ସ୍ୱାଧୀନତା ଦିବସ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଉପକଣ୍ଠସ୍ଥ ସତ୍ୟଭାମାପୁରଠାରେ ଅବସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ବରେଣ୍ୟ ସଭାପତି ରଘୁନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିଜ ବକ୍ତବ୍ୟରେ ସେ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସର୍ବାଙ୍ଗୀଣ ଉନ୍ନତି କାମନା କରିବା ସହ ଦେଶର ସୁନାଗରିକ ଭାବେ ଗଢ଼ିଉଠିବା ପାଇଁ ସେମାନଙ୍କୁ ପ୍ରେରିତ କରିଥିଲେ। ଭାରତରେ ଶତଭିନ୍ନତା ରହିଥିଲେ ମଧ୍ୟ ସମସ୍ତ ଭାରତୀୟ ଏକତା ଓ ସହୃଦୟତାର ବନ୍ଧନରେ ଆବଦ୍ଧ ବୋଲି ସେ ମତପ୍ରକାଶ କରିଥିଲେ। ଏଥିସହିତ ସେ ଭାରତର ଗୌରବମୟ ଇତିହାସ, ସ୍ୱାଧୀନତାର ଅର୍ଥ ଓ ଆମର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପରିଚାଳକ ଶ୍ରୀ ଶିଶିର ରାଓ, ଅଧ୍ୟକ୍ଷ ବରଦା ପ୍ରସାଦ ପାଇକରାୟ, ଉପାଧ୍ୟକ୍ଷ ଡଃ ମନୋରଞ୍ଜନ ବେଜ, ବିଦ୍ୟାଳୟର ପର୍ଯ୍ୟବେକ୍ଷକବୃନ୍ଦ ତଥା ବି.ଜେ. ଶିକ୍ଷା ପରିଷଦର ବରେଣ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ଡିଜାଇନ୍ ପ୍ରଦର୍ଶନୀ, 'ଏକ୍ସପ୍ରେସନ୍' ପତ୍ରିକା ଉନ୍ମୋଚନ, ଦୀକ୍ଷାନ୍ତ ଗ୍ରହଣ ସମାରୋହ, ଟି-ସାର୍ଟ ପେଣ୍ଟିଂ ପ୍ରଦର୍ଶନୀ ଓ ୱାଲ୍ ମ୍ୟାଗାଜିନ୍ ଉଦ୍ଘାଟନ। ଏହି ପ୍ରଦର୍ଶନୀ ଓ ସୃଜନଶୀଳ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ଲୁକ୍କାୟିତ




ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ବିଭିନ୍ନ ଦେଶାତ୍ମବୋଧକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ। ଏହି ସ୍ୱାଧୀନତା ଦିବସ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଇଣ୍ଟର-ହାଉସ୍ ଡିସପ୍ଲେ ବୋର୍ଡ କଳାତ୍ମକ ପ୍ରତିଭାର ସୁନ୍ଦର ପ୍ରସ୍ଫୁଟନ ଘଟିଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଭିଭାବକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉତ୍ସାହ ଓ ମନୋବଳ ବୃଦ୍ଧି କରିଥିଲେ। ସମଗ୍ର କାର୍ଯ୍ୟକ୍ରମଟି ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ତତ୍ତ୍ୱାବଧାନରେ ଦେଶପ୍ରେମ, ଏକତା ଓ ସୃଜନଶୀଳତାର ଏକ ଅନନ୍ୟ ଉତ୍ସବରେ ପରିଣତ ହୋଇଥିଲା।

## ପ୍ରାଣକୃଷ୍ଣ ପରିଜା ସ୍ମୃତି ପରିଷଦ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ୬ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା

କଟକ, (ସବ୍ୟୁ): ସ୍ଥାନୀୟ ୫୩ ନଂ ୱାର୍ଡ ଅନ୍ଦରପୁର ଭିଜିଲାନ୍ସ କଲୋନୀ ଛକ ଠାରେ ପ୍ରାଣକୃଷ୍ଣ ପରିଜା ସ୍ମୃତି ପରିଷଦ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସ ପାଳିତ



ହୋଇଯାଇଛି। ସାମ୍ବାଦିକ ସମୀର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇ ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଶଲ୍ୟ ଡାକ୍ତର ଶକ୍ତି ପ୍ରସାଦ ସାହୁ, ଭେଷଜ ଡାକ୍ତର ଭବାନୀ ପ୍ରସାଦ ପଣ୍ଡା, ସମାଜସେବୀ ସୁଶାନ୍ତ ପାତ୍ର, ପୋଲିସ ଆଇଆଇସି ରୀନା ମିଶ୍ର, ଚିତ୍ତରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ପାର୍ଥସାରଥୀ ଜେନା, ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ସମୀକ୍ଷା ଦାଶ, ସାର୍ଥକ ଦାଶ, ସ୍ପନ୍ଦନ ମିଶ୍ରଙ୍କ ସହିତ ସମାଜସେବୀ ଦେବୀପ୍ରସନ୍ନ ଜେନା ଓ ରଶ୍ମି ରଞ୍ଜନ ମାଠାଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିହର ସାମଲ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ଦରପୁର ସାହୀ ଅଧିକାରୀ ପ୍ରମୋଦ ଭୋଳଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା, ସୌଭାଗିନୀ ଜେନା, ସରୋଜ ରାଉତ, ମାଗୁଣି ଦାସ, ଚିତ୍ତରଞ୍ଜନ ନାୟକ, ଇଂ ଶୈଳେନ୍ଦ୍ର ଭୋଳ, ବିନୋଦ ବେହେରା, ଅମର ସାମନ୍ତରାୟ, ଲଳିତ କାନୁନଗୋ, ସୁଧୀର ଜେନା, ପ୍ରଦୀପ ଦାସ, ପ୍ରଭାକର ମଲ୍ଲିକ, ମାନସ ପାଣି, ସଞ୍ଜୟ ସାହୁ, ସାରଙ୍ଗ ପାଣି ଷଡଙ୍ଗୀ, ପ୍ରତାପ ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳବାସି ଉପସ୍ଥିତ ଥିଲେ।

# ବାଣୀବିହାର ୮୦ରେ ଅଗଷ୍ଟ ଅନ୍ନସେବା




ଭୁବନେଶ୍ୱର (ସବ୍ୟୁ): ବାଣୀବିହାର ଅଶୀ ଅନୁଷ୍ଠାନ ତରଫରୁ ଭୁବନେଶ୍ୱର ପଥରଗାଡ଼ିଆ ସ୍ଥିତ ରାମକୃଷ୍ଣ ବାଳାଶ୍ରମରେ ଅନ୍ନସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅନୁସାରେ ବାଳାଶ୍ରମର ପିଲାମାନଙ୍କୁ ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ଭୋଜନର ସମସ୍ତ ବ୍ୟୟ ବହନ କରିଥିଲେ ବାଣୀବିହାର ଅଶୀର ବରିଷ୍ଠ ସଦସ୍ୟ ଶ୍ରୀ ଅକ୍ଷୟ ସ୍ୱାଇଁ। କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ ଅନୁଷ୍ଠାନ ସଭାପତି ପ୍ରତୀପ ମିଶ୍ର, ପୂର୍ବତନ ସଭାପତି ଶରତ ଦାଶ, ଜନ କଲ୍ୟାଣ ନିର୍ଦ୍ଦେଶକ ଅଲେଖ ନନ୍ଦୀ, ଓ ବରିଷ୍ଠ ସଭ୍ୟ ଶ୍ରୀ ସମୀର ମିଶ୍ର ଓ ଶ୍ରୀମତୀ ସବିତା ସମାନ୍ତରାୟ।

# ଡିଏଭି ୟୁନିଟ୍-୮ରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ-୮ ପରିସରରେ ଦେଶପ୍ରେମ ଓ ଉତ୍ସାହର ସହିତ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ ମୁଖ୍ୟଅତିଥିରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା କେବଳ ଏକ ଐତିହାସିକ ଅର୍ଜନ ନୁହେଁ ବରଂ ଏହା ଆମ ପ୍ରତିଦିନର ଦାୟିତ୍ୱ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିବା ସହ ଦେଶର ମାଟି, ମାତୃଭାଷା, ସଂସ୍କୃତି ଓ ସମ୍ବିଧାନକୁ ସମ୍ମାନ କରି ଏକ ସୁନ୍ଦର, ସମୃଦ୍ଧ ଓ ଏକତାବଦ୍ଧ ଭାରତ ଗଢ଼ି ତୋଳିବାକୁ




ଛାତ୍ରଛାତ୍ରୀମାନଙ୍କୁ ସେ ଆହ୍ୱାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶଭକ୍ତିମୂଳକ ଭାଷଣ, ଦେଶାତ୍ମବୋଧକ ସଙ୍ଗୀତ, ଯୋଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ବିଦ୍ୟାର୍ଥୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

### ୧ କୋଟି ଯୁବକଙ୍କୁ ଏଆଇ ଦକ୍ଷତା ତାଲିମ

# ୪୦ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାରୁ ଦେଶକୁ ସମ୍ବୋଧିତ କରି କହିଛନ୍ତି, ଗତ ୧୨ ବର୍ଷ ମଧ୍ୟରେ ପ୍ରତିରକ୍ଷା ଉତ୍ପାଦନ ପ୍ରାୟ ଚାରି ଗୁଣା ହୋଇଥିବାବେଳେ, ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦନ ପ୍ରାୟ ପାଞ୍ଚ ଗୁଣା ହୋଇଛି। ସେହିପରି ଇଲେକ୍ଟ୍ରୋନିକ୍ ଉତ୍ପାଦନ ପ୍ରାୟ ସାତ ଗୁଣା, ଆଧୁନିକ ରେଳ କୋଚ୍ ନିର୍ମାଣ ୨୧ ଗୁଣା ଏବଂ ମୋବାଇଲ୍ ଫୋନ୍ ନିର୍ମାଣ ୩୩ ଗୁଣା ବୃଦ୍ଧି ପାଇଛି। ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ଚାରି ଗୁଣା ବୃଦ୍ଧି ପାଇଛି, ପେଟେଣ୍ଟ ୪ ଗୁଣା ପ୍ରଦାନ କରାଯାଇଛି ଏବଂ ଡିଜିଟାଲ୍ କାରବାର ୧୦୦ ଗୁଣା ବୃଦ୍ଧି ପାଇଛି। ଭାରତ ଏକ ବଡ଼ ସ୍ୱପ୍ନ ଦେଖିଛି। ସେହି ସ୍ୱପ୍ନ ହେଉଛି, ଯେତେବେଳେ ଭାରତ ୨୦୪୭ ରେ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ, ଆମେ ନିଶ୍ଚିତ ଭାବରେ ଏକ ବିକଶିତ ଭାରତ ନିର୍ମାଣ ସ୍ୱପ୍ନକୁ ସାକାର କରିବୁ। ଆମକୁ ୧୪୦ କୋଟି ଦେଶବାସୀଙ୍କ କଠିନ ପରିଶ୍ରମ ଏବଂ ପ୍ରୟାସ ମାଧ୍ୟମରେ ଏହି ଲକ୍ଷ୍ୟ ହାସଲ କରିବାକୁ ପଡିବ। ଆମେ ପାଞ୍ଚଟି ନୂତନ ପରମାଣୁ ରିଆକ୍ଟରକୁ କାର୍ଯ୍ୟକାରୀ କରିବାର ଲକ୍ଷ୍ୟ ନେଇ ଆଗକୁ ବଢୁଛୁ। ଚଳିତ ବର୍ଷ ଭାରତ ଫାଷ୍ଟ ବ୍ରିଡର ନ୍ୟୁକ୍ଲିୟର ଟେକ୍ନୋଲୋଜିରେ ବିଶେଷ ସଫଳତା ହାସଲ କରିଛି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଫଳସ୍ୱରୂପ, ଆମେ ପରମାଣୁ ଇନ୍ଧନରେ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ସଫଳ ହୋଇଛୁ। ପରମାଣୁ ଶକ୍ତି ଶକ୍ତି ସୁରକ୍ଷାର ଏକ ପ୍ରମୁଖ ଉତ୍ସ। ଆମେ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ ପରମାଣୁ ଶକ୍ତି



ପାଇଁ ଲକ୍ଷ୍ୟ ରଖିଛୁ । ଦେଶକୁ ଆମଦାନୀ ହୋଇଥିବା ଅଶୋଧିତ ତୈଳଉପରେ ନିର୍ଭର କରିବାକୁ ପଡୁଛି, ଏବଂ ଏହା ମୁଖ୍ୟତଃ ଅତୀତର ଭୁଲ ଚିନ୍ତାଧାରା ଯୋଗୁଁ ହେଉଛି। ଏବେ, ଶକ୍ତି ବିନା ନୂତନ ବିଶ୍ୱ ଚଳାଇବା କଷ୍ଟକର, ତେଣୁ ଆମକୁ ଚିପ୍ସ, ଏଆଇ ଏବଂ ଡାଟା ସେଣ୍ଟର ପାଇଁ ବିପୁଳ ପରିମାଣର ଶକ୍ତି ଆବଶ୍ୟକ ହେବ। ଶକ୍ତି ସୁରକ୍ଷା ସମୟର ଆବଶ୍ୟକତା। ତେଣୁ, ଆମେ ସେ ଦିଗରେ ଦୃଢ଼ ପଦକ୍ଷେପ ନେଇସାରିଛୁ। ସାରା ବିଶ୍ୱରେ ଭାରତର ପ୍ରଭାବ ସବୁ କ୍ଷେତ୍ରରେ ବୃଦ୍ଧି ପାଉଛି: ଆଜି ସାରା ବିଶ୍ୱରେ ଭାରତର ପ୍ରଭାବ ସବୁ କ୍ଷେତ୍ରରେ ବୃଦ୍ଧି ପାଉଛି। ଆଜି ଭାରତ ଏପରି ଏକ ଦେଶ ଭାବରେ ଉଭା ହେଉଛି ଯାହାକୁ ବିଶ୍ୱ ଦୃଷ୍ଟିରେ ବ୍ୟାପକ ଭାବରେ ଗ୍ରହଣୀୟ ଏବଂ ସମ୍ମାନ କରାଯାଏ। ଭାରତରେ ଏକ ସ୍ଥିର ରାଜନୈତିକ ଜନାଦେଶ, ଏକ ସ୍ଥିର ସରକାର, ଏକ ସ୍ପନ୍ଦନଶୀଳ ଗଣତନ୍ତ୍ର ଏବଂ ଏକ ଦୃଢ଼ ନ୍ୟାୟପାଳିକା ଅଛି, ଏବଂ ଆମେ ସମସ୍ତେ ଭାରତର ସମ୍ବିଧାନ ଦ୍ୱାରା ପରିଚାଳିତ। ଆମେ ଆଗାମୀ ବର୍ଷରେ ୧ କୋଟି ଯୁବବର୍ଗଙ୍କୁ ଏଆଇ ଦକ୍ଷତା ତାଲିମ ପ୍ରଦାନ କରିବାକୁ ସଂକଳ୍ପ ନେଇଛୁ, ଯାହା ଦ୍ୱାରା ଆମ ଦେଶର ଯୁବପିଢ଼ି କୃତ୍ରିମ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ବିଶ୍ୱକୁ ନେତୃତ୍ୱ ନେବାର କ୍ଷମତା ପାଇପାରିବେ। ଆମେ ମାଗଣା ଅନଲାଇନ୍ କୋଚିଂର ଏକ ନେଟୱାର୍କ ସ୍ଥାପନ କରିବାକୁ ଯାଉଛୁ। ଆଜିକାଲି, ପିତାମାତା ଭାବନ୍ତି ଯେ ଯଦି ତାଙ୍କ ପିଲା କୋଚିଂ ନେଉନାହାନ୍ତି, ତେବେ ସେମାନେ ପଛରେ ପଡ଼ିଯାଇଛନ୍ତି। ଏହା ପ୍ରତିଷ୍ଠା ପାଇଁ ଏକ ଦୌଡ଼ ପାଲଟିଛି। ଆଗାମୀ ସମୟ ସହିତ ସୁସଙ୍ଗତ ହେବା ପାଇଁ ଆମକୁ ଆମର ନୀତି ଏବଂ ନିୟମଗୁଡ଼ିକୁ ଗଠନ କରିବାକୁ ପଡିବ। ଭାରତରେ ଏକ ସ୍ଥିର ରାଜନୈତିକ ଜନାଦେଶ, ଏକ ସ୍ଥିର ସରକାର, ଏକ ସ୍ପନ୍ଦନଶୀଳ ଗଣତନ୍ତ୍ର, ଏକ ଦୃଢ଼ ନ୍ୟାୟପାଳିକା ଏବଂ ଏକ ସମ୍ବିଧାନ ଅଛି ଯାହା ଆମ ସମସ୍ତଙ୍କୁ ମାର୍ଗଦର୍ଶନ କରେ। ଆମେ ସ୍ୱାକ୍ଷରିତ କରିଥିବା ସମ୍ପ୍ରତି ବାଣିଜ୍ୟ ଚୁକ୍ତିନାମା ଆମ ପାଇଁ ଏକ ମହାନ ସୁଯୋଗ ପ୍ରଦାନ କରେ। ମୁଁ ଆମର ଏମଏସଏମଇଗୁଡ଼ିକୁ କହିବାକୁ ଚାହୁଁଛି ଯେ ଆମେ ଏହି ସୁଯୋଗକୁ ହାତଛଡ଼ା କରିବା ଉଚିତ୍ ନୁହେଁ। ଆମର ଦିଗ ସ୍ଥିର ହୋଇଛି, ଏବଂ ଆମେ ଆମର ଲକ୍ଷ୍ୟ ହାସଲ କରିବା ପାଇଁ ଦୃଢ଼ ସଂକଳ୍ପ ସହିତ ଆଗକୁ ବଢୁଛୁ। ଏହା କରିବା ପାଇଁ, ଆମକୁ ଆମର କାର୍ଯ୍ୟ ସଂସ୍କୃତିକୁ ପରିବର୍ତ୍ତନ କରିବାକୁ ପଡିବ। ଆମର କାର୍ଯ୍ୟ ସଂସ୍କୃତିକୁ ପରିବର୍ତ୍ତନ କରିବା ସହିତ, ଆମକୁ ଆମର ଚିନ୍ତାଧାରାକୁ ମଧ୍ୟ ଉନ୍ନତ କରିବାକୁ ପଡିବ ଏବଂ କାର୍ଯ୍ୟ ସମାପ୍ତିର ଗତିକୁ ବୃଦ୍ଧି କରିବାକୁ ପଡିବ । ବିଶ୍ୱ ଏବେ ଆମର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବା ଆରମ୍ଭ କରିଛି। ସେଥିପାଇଁ ୨୦୧୪ ପରଠାରୁ, ବିଶ୍ୱର ପ୍ରାୟ ୪୦ଟି ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ଏବଂ ବାଣିଜ୍ୟ ସହଭାଗୀତା ଚୂଡ଼ାନ୍ତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଚାଷୀଙ୍କୁ ରୋକିବାକୁ ପଞ୍ଜାବ-ହରିୟାଣା ସୀମାରେ କଡ଼ା ସୁରକ୍ଷା

ଚଣ୍ଡୀଗଡ଼: କୃଷି ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟ ଓ ଋଣ ଛାଡ଼ ଆଦି ଦାବି ନେଇ ଦିଲ୍ଲୀ ଅଭିମୁଖେ ୨୨୮ କିମି ଦୀର୍ଘ ପଦଯାତ୍ରା ଆରମ୍ଭ କରିବାକୁ ଚାଷୀମାନେ ପ୍ରସ୍ତୁତ ହେଉଥିବା ବେଳେ ପଞ୍ଜାବ-ହରିୟାଣା ସୀମାର ଖନୌରି ଆନ୍ତଃରାଜ୍ୟ ସୀମାକୁ ରବିବାର ସିଲ୍ କରିଦେଇଛି ହରିୟାଣା ପ୍ରଶାସନ। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣ-ରାଜନୈତିକ) ନେତୃତ୍ୱରେ ଚାଷୀମାନେ ଖନୌରି-ଦାତା ସିଂହୱାଲା ସୀମା ଦେଇ ହରିୟାଣାରେ ପ୍ରବେଶ କରି ଦିଲ୍ଲୀ ଯିବାକୁ ଯୋଜନା କରିଛନ୍ତି। ଏହାକୁ ନେଇ ହରିୟାଣା ପୁଲିସ ସୀମାରେ ବହୁସ୍ତରୀୟ ବ୍ୟାରିକେଡ୍ ଲଗାଇଛି। ହରିୟାଣା ପଟେ କଂକ୍ରିଟ୍ ବ୍ୟାରିକେଡ୍, ଦଙ୍ଗା ନିୟନ୍ତ୍ରଣ ଗାଡ଼ି ଓ କଣ୍ଟାତାର ଲଗାଯାଇଛି। ଜିନ୍ଦ ଏସ୍ପି କୁଲଦୀପ ସିଂହ କହିଛନ୍ତି, ପଦଯାତ୍ରା ପାଇଁ ଚାଷୀ ସଂଗଠନଗୁଡ଼ିକ ପ୍ରଶାସନଠାରୁ ଅନୁମତି ନେଇନାହାନ୍ତି। ତେଣୁ ଚାଷୀମାନଙ୍କୁ ହରିୟାଣାରେ ପ୍ରବେଶ କରି ଦିଲ୍ଲୀ ଆଡ଼କୁ ଆଗକୁ ବଢ଼ିବାକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଚାଷୀମାନଙ୍କ ପକ୍ଷରୁ ଏହି ପଦଯାତ୍ରାକୁ 'କିଷାନ ବଚାଓ ପଦଯାତ୍ରା' ନାମ ଦିଆଯାଇଛି। ଅଗଷ୍ଟ ୧୬ରୁ ଆରମ୍ଭ ହୋଇ ଏହା ଅଗଷ୍ଟ ୨୯ରେ ଦିଲ୍ଲୀର ଯନ୍ତରମନ୍ତରରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଚାଷୀ ନେତା ଜଗଜିତ ସିଂହ ଦଲେୱାଲଙ୍କ ଘୋଷଣା ଅନୁସାରେ, ପ୍ରସ୍ତାବିତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରିବା ସହ ଫସଲ ପାଇଁ ଆଇନଗତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଗ୍ୟାରେଣ୍ଟି ଦାବି କରି ଏହି ପଦଯାତ୍ରା ହେଉଛି। ଚାଷୀ ସଂଗଠନଗୁଡ଼ିକ ଚାଷୀଙ୍କ ଋଣ ଛାଡ଼ ଦାବି କରିବା ସହ କୃଷି କ୍ଷେତ୍ର ସହ ଜଡ଼ିତ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ରବିବାର ଖନୌରି ସୀମାର ପଞ୍ଜାବ ପଟେ ବହୁ ସଂଖ୍ୟକ ଚାଷୀ ଏକାଠି ହୋଇଥିବା ବେଳେ ହରିୟାଣା ପୁଲିସ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି। ଫଳରେ ଉଭୟ ରାଜ୍ୟ ସୀମାରେ ଉତ୍ତେଜନା ବଢ଼ିଛି।




## ଆରପିଏଫ୍ ଅଧିକାରୀଙ୍କୁ ଆକ୍ରମଣ କରି ଅଭିନେତ୍ରୀ ଅନ୍ତରା ଗିରଫ

ମୁମ୍ବାଇ: ଟିଭି ସୋ 'କସୌଟି ଜିନ୍ଦଗୀ କି ୨' ଅଭିନେତ୍ରୀ ଅନ୍ତରା ବାନାର୍ଜୀ ଆରାବଳୀ ଏକ୍ସପ୍ରେସରେ ଜଣେ ରେଲୱେ ସୁରକ୍ଷା ବାହିନୀ (ଆର୍ପିଏଫ୍) କର୍ମଚାରୀଙ୍କୁ ବ୍ଲେଡରେ ଆକ୍ରମଣ କରି ଗିରଫ ହୋଇଛନ୍ତି। ଅନ୍ତରା ସୁରଟକୁ ସୁଟିଂ ପାଇଁ ଆରାବଳୀ ଏକ୍ସପ୍ରେସ୍ରେ ଯାତ୍ରା କରୁଥିବା ସମୟରେ ତାଙ୍କ ପାଖରେ ସ୍ଲିପର କ୍ଲାସ ଟିକେଟ୍ ଥିବା ସତ୍ତ୍ୱେ ସେ ଏସି କୋଚରେ ବସିବାକୁ ନେଇ ବିବାଦ ପରେ ଜଣେ ଆରପିଏଫ ଅଧିକାରୀଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି। ଏପରିକି ଅନ୍ତରା ନିଜ ପୋଷାକ ଖୋଲି ଦେଇଥିବା ଅଭିଯୋଗ ହୋଇଛି।ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଗଷ୍ଟ ୧୨ ତାରିଖରେ ଆରାବଳୀ ଏକ୍ସପ୍ରେସ୍ରେ ଏହି ଘଟଣା ଘଟିଥିଲା। ଘଟଣାଟି ବୋରିଭାଲି ଓ ଦହାନୁ ମଧ୍ୟରେ ରାତି ୯ଟା ୩୦ରୁ ୧୦ଟା ୫୦ ମଧ୍ୟରେ ଘଟିଥିଲା। ଅନ୍ତରାଙ୍କ ପାଖରେ ସ୍ଲିପର୍ କ୍ଲାସ୍ ଟିକଟ ଥିବା ସତ୍ତ୍ୱେ ସେ ସଂରକ୍ଷିତ ଏସି କୋଚରେ ବସିବାକୁ ନେଇ ଅନ୍ୟ ଯାତ୍ରୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଯାତ୍ରୀ ଏସମ୍ପର୍କରେ ଟିକେଟ କଲେକ୍ଟର ଓ ଆରପିଏଫ୍କୁ ସୂଚନା ଦେଇଥିଲେ। ଆର୍ପିଏଫ୍ ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର କହିଛନ୍ତି ଯେ, ଗଣ୍ଡଗୋଳବେଳେ ସେ ଓ ଜଣେ କନେଷ୍ଟବଳ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଅଭିନେତ୍ରୀ ସେମାନଙ୍କ ସହିତ ଦୁର୍ବ୍ୟବହାର କରିବା ସହିତ ହିଂସାତ୍ମକ ହୋଇଯାଇଥିଲେ। ଅନ୍ତରା ବାନାର୍ଜୀ ଉତ୍ତେଜିତ ହୋଇ ନିଜ ପୋଷାକ ଓହ୍ଲାଇ ଦେବା ସହିତ ଏକ ବ୍ଲେଡରେ ସେମାନଙ୍କୁ ଆକ୍ରମଣ କରିବା ସହିତ ନିଜକୁ ମଧ୍ୟ ଆଘାତ ଦେଇଥିଲେ। ଅଭିନେତ୍ରୀ ତାଙ୍କ ୟୁନିଫର୍ମ ନଷ୍ଟ କରିବା ସହିତ ମୋବାଇଲ୍ ଫୋନ୍ ଭାଙ୍ଗି ଦେଇଥିଲେ ବୋଲି କହିଛନ୍ତି। ଦହାନୁ ରେଳ ଷ୍ଟେସନରେ ଅଭିନେତ୍ରୀଙ୍କୁ ସରକାରୀ ରେଳବାଇ ପୁଲିସ (ଜିଆର୍ପି) ହସ୍ତାନ୍ତର କରିବା ପୂର୍ବରୁ ଏକ ବଗିର ଝରକା ଭାଙ୍ଗି ଖସିଯିବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହି ଘଟଣା ବଗିରେ ଥିବା ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ପରଦିନ ସକାଳେ ବୋରିଭଲି ରେଳବାଇ ପୁଲିସ ବାନାର୍ଜୀଙ୍କୁ ହେପାଜତକୁ ନେଇଥିଲା।



## ତୃଣମୂଳ କଂଗ୍ରେସ ଅଫିସରୁ ମିଳିଲା ପୂର୍ବତନ ଉପବାଚସ୍ପତିଙ୍କ ମୃତଦେହ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗରେ ଚାଞ୍ଚଲ୍ୟ। ପାର୍ଟି ଅଫିସରୁ ମିଳିଛି ବିଧାନସଭାର ପୂର୍ବତନ ଉପବାଚସ୍ପତି ଆଶିଷ ବାନାର୍ଜୀଙ୍କ ଝୁଲନ୍ତା ମୃତଦେହ। ରବିବାର ବୀରଭୂମ ଜିଲ୍ଲା ରାମପୁରହାଟ ସହରରେ ଥିବା ତାଙ୍କ ଘର ନିକଟସ୍ଥ ତୃଣମୂଳ କଂଗ୍ରେସ କାର୍ଯ୍ୟାଳୟରୁ ଉଦ୍ଧାର କରାଯାଇଛି ତାଙ୍କ ଝୁଲନ୍ତା ମୃତଦେହ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତୃଣମୂଳ କଂଗ୍ରେସର ମୁଖ୍ୟ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଆଶିଷ ବାନାର୍ଜୀ ଉପବାଚସ୍ପତି ଭାବରେ କାର୍ଯ୍ୟ କରିଥିଲେ। ସେ ରାମପୁରହାଟରୁ ୫ ଥର ବିଧାୟକ (MLA) ଭାବେ ନିର୍ବାଚିତ ହୋଇଥିଲେ। ଚଳିତ ବର୍ଷ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜେପିର ଧ୍ରୁବ ସାହାଙ୍କ ନିକଟରୁ ହାରିଯାଇଥିଲେ ଆଶିଷ ବାନାର୍ଜୀ।



ସେ ରାମପୁରହାଟର ହାଟତଲାପଡ଼ା ଅଞ୍ଚଳରେ ରହୁଥିଲେ। ତାଙ୍କ ମୃତଦେହ ମିଳିଥିବା ଖବର ଶୁଣି ଦଳୀୟ କାର୍ଯ୍ୟାଳୟ ବାହାରେ ପ୍ରବଳ ଜନସମାଗମ ହୋଇଥିଲା। ମମତା ବାନାର୍ଜୀ ସରକାରରେ ଆଶିଷ ବାନାର୍ଜୀ ଶିକ୍ଷା ଏବଂ କୃଷି ମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ଆଶିଷ ବାନାର୍ଜୀ ଜୁନ୍ ମାସରେ ତୃଣମୂଳ କଂଗ୍ରେସର ବୀରଭୂମ ଜିଲ୍ଲା କୋର୍ କମିଟିର ଅଧକ୍ଷ ପଦରୁ ଇସ୍ତଫା ଦେଇଥିଲେ। ତେବେ ସେ ଦଳର ସାଧାରଣ ସଦସ୍ୟ ଭାବରେ ରହିବେ ବୋଲି ଘୋଷଣା କରିଥିଲେ। ଗତ ବିଧାନସଭା ନିର୍ବାଚନରେ ବୀରଭୂମର ୧୧ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ବିଜେପି ୬ଟି ସିଟ୍ ଜିତିଥିଲା। ୨୦୨୧ ମସିହାରେ, ତୃଣମୂଳ କଂଗ୍ରେସ ଏହି ଜିଲ୍ଲାରେ ୧୦ଟି ସିଟ୍ ଜିତିଥିଲା। ତୃଣମୂଳ କଂଗ୍ରେସର ୧୫ ବର୍ଷର ଶାସନର ପତନ ପରେ ପଶ୍ଚିମବଙ୍ଗ ରାଜନୀତିରେ ହୋଇଥିବା ବଡ଼ ଧରଣର ପରିବର୍ତ୍ତନ ମଧ୍ୟରେ ଆଜି ଘଟିଛି ଏହି ଘଟଣା । ତୃଣମୂଳ କଂଗ୍ରେସର ଏକାଧିକ ପୂର୍ବତନ ବିଧାୟକ ଏବଂ ନେତା ଦୁର୍ନୀତି ସମ୍ପର୍କିତ ତଦନ୍ତ ଓ ଗିରଫଦାରୀର ସାମ୍ନା କରୁଛନ୍ତି।

## ବାଂଲାଦେଶର ୨ ସର୍ତ୍ତ : ହସିନାଙ୍କ ପ୍ରତ୍ୟାର୍ପଣ ଦାବି

ନୂଆଦିଲ୍ଲୀ: ବାଂଲାଦେଶ ପୁଣିଥରେ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ସମ୍ଭାବ୍ୟ ଭାରତ ଗସ୍ତ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଓ ଅନ୍ୟ ପଳାତକ ଅପରାଧୀଙ୍କ ପ୍ରତ୍ୟର୍ପଣ କଥା ଉଠାଇଛି, ଯାହା ଆସନ୍ତା ମାସରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ରହମାନଙ୍କ ନୂଆଦିଲ୍ଲୀ ଗସ୍ତକୁ ନେଇ ସନ୍ଦେହ ସୃଷ୍ଟି କରିଛି। ବାଂଲାଦେଶ ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ଏକେଏମ୍ ସାହିଦୁଲ କରିମ୍ ରବିବାର କହିଛନ୍ତି, ଦୁଇ ଦେଶର ଅଧିକାରୀ ଗତ କିଛି ସପ୍ତାହ ହେଲା ପ୍ରଧାନମନ୍ତ୍ରୀ ରହମାନଙ୍କ ଭାରତ ଗସ୍ତ ଓ ଦ୍ୱିପାକ୍ଷିକ ଆଲୋଚନା ଉପରେ କଥା ଚଳାଇଛି। କିନ୍ତୁ ଅଗଷ୍ଟ ୫ ତାରିଖରେ ଶେଖ ହସିନାଙ୍କ ମୁକ୍ତ ସାମ୍ବାଦିକ ସମ୍ମିଳନୀ ଏହି ପ୍ରକ୍ରିୟାକୁ ବିଗାଡ଼ି ଦେଇଛି। ବାଂଲାଦେଶୀ ପ୍ରବକ୍ତା କରିମ୍ କହିଛନ୍ତି, ଆମେ ଏହି ପ୍ରସଙ୍ଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛୁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଅନୁକୂଳ ପରିସ୍ଥିତିର ଆବଶ୍ୟକତା ରହିଛି। ଏଥିପାଇଁ ଆମେ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଶେଖ୍ ହସିନା ଓ ଅନ୍ୟ ପଳାତକ ଅପରାଧୀଙ୍କୁ ପ୍ରତ୍ୟର୍ପଣ କରିବା ଓ ହାଦିଙ୍କ ଅଭିଯୁକ୍ତ ହତ୍ୟାକାରୀମାନଙ୍କୁ ହସ୍ତାନ୍ତର କରିବାକୁ ଅନୁରୋଧ କରିଛୁ। ଆମେ ଭାରତଠାରୁ ଉତ୍ତର ପାଇଁ ଅପେକ୍ଷା କରିଛୁ। କରିମ୍ କହିଛନ୍ତି, ଢାକା ନିଜର ସାର୍ବଭୌମ ସମାନତା, ଜାତୀୟ ମର୍ଯ୍ୟାଦା, ପରସ୍ପରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନକରିବା ଓ ପାରସ୍ପରିକ ଲାଭ ଆଧାରରେ ପଡ଼ୋଶୀ ଦେଶ ସମେତ ଅନ୍ୟ ଦେଶମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ 'ବାଂଲାଦେଶ ପ୍ରଥମ' ନୀତିକୁ ଗୁରୁତ୍ୱ ଦେଉଛି। ଭାରତ ପୂର୍ବରୁ କହିଥିଲା ଯେ, ହସିନାଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ତର୍ଜମା କରୁଛି। ହସିନାଙ୍କୁ ଅଗଷ୍ଟ ୨୦୨୪ରେ କ୍ଷମତାରୁ ବିତାଡ଼ିତ କରାଯାଇଥିଲା। ପରେ ସେ ଭାରତ ଚାଲି ଆସିଥିଲେ।



### ମୃତ୍ୟୁର ବିଭୀଷିକା ସାଜିଲା ଭୂକମ୍ପ

## ଖୋଲା ଆକାଶ ତଳେ ରାତି କାଟୁଛନ୍ତି ଲୋକେ

ଜାକର୍ତ୍ତା: ଇଣ୍ଡୋନେସିଆରେ ପୁଣିଥରେ ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି। ଇଣ୍ଡୋନେସିଆର ଉତ୍ତର ସୁମାତ୍ରା ଏବଂ ଫ୍ଲୋରେସ୍ ଦ୍ୱୀପ ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି, ଯାହା ଫଳରେ ବ୍ୟାପକ ଧନଜୀବନ ନଷ୍ଟ ହୋଇଥିବା ଖବର ସାମ୍ନାକୁ ଆସିଛି। ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୬.୨ ରେକର୍ଡ କରାଯାଇଥିବା ବେଳେ, ଏହା ପରେ ପରେ ଅନେକଗୁଡ଼ିଏ ପରବର୍ତ୍ତୀ ଝଟକା ଅନୁଭୂତ ହୋଇଥିଲା । ଯାହା ସ୍ଥାନୀୟ ଲୋକଙ୍କ ମନରେ ଘୋର ଆତଙ୍କ ଖେଳାଇ ଦେଇଛି। ଶେଷ ଖବର ସୁଦ୍ଧା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୩୮କୁ ବୃଦ୍ଧି ପାଇଛି । ଭୂକମ୍ପର କେନ୍ଦ୍ରସ୍ଥଳ ଉତ୍ତର ସୁମାତ୍ରାର ଆଖପାଖ ଅଞ୍ଚଳରେ ଥିଲା। ଭୂକମ୍ପର ତୀବ୍ରତା ଏତେ ଅଧିକ ଥିଲା ଯେ ଅନେକ ବଡ଼ ବଡ଼ କୋଠାବାଡ଼ି ଓ ଘରଦ୍ୱାର ତାସ୍ ଘର ଭଳି ଭୁଶୁଡ଼ି ପଡ଼ିଛି। ସ୍ଥାନୀୟ ପ୍ରଶାସନ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ପ୍ରାଥମିକ ରିପୋର୍ଟ ଅନୁସାରେ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ଅତିକମରେ ୧୦ରୁ ଉର୍ଦ୍ଧ୍ୱ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁ ଲୋକ ଗୁରୁତର ଆହତ ହୋଇଛନ୍ତି। ଫ୍ଲୋରେସ୍ ଦ୍ୱୀପରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ଧ୍ୱଂସସ୍ତୂପ ତଳେ ଆହୁରି ଅନେକ ଲୋକ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଥିବାରୁ ମୃତ୍ୟୁସଂଖ୍ୟା ଆଗକୁ ଆହୁରି ବୃଦ୍ଧି ପାଇପାରେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଘଟଣାସ୍ଥଳରେ ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ପୋଲିସ, ଅଗ୍ନିଶମ ବାହିନୀ ଏବଂ ଜାତୀୟ ବିପର୍ଯ୍ୟୟ ଉଦ୍ଧାରକାରୀ ଦଳ ମିଳିତ ଭାବେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ରିଲିଫ୍ ବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯାଉଛି। ବାରମ୍ବାର ଝଟକା ଅନୁଭୂତ ହେଉଥିବାରୁ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଲୋକଙ୍କୁ ଭଙ୍ଗା ଘର ଭିତରକୁ ନଯାଇ ଖୋଲା ସ୍ଥାନରେ ରହିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଇଣ୍ଡୋନେସିଆ ପ୍ରଶାନ୍ତ ମହାସାଗରୀୟ 'ରିଙ୍ଗ ଅଫ୍ ଫାୟାର' ଜୋନ୍ରେ ଅବସ୍ଥିତ ଥିବାରୁ ଏଠାରେ ବାରମ୍ବାର ଭୂକମ୍ପ ଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଘଟିଥାଏ।



## କେରଳମରେ ରାଜ୍ୟ ବିଜେପି ଉପସଭାପତି ପଦ ଛାଡ଼ିଲେ ଦେବନ

ଆଲାପୁଝା: କେରଳମରେ ବିଜେପିକୁ ଏକ ବଡ଼ ଝଟକା ଲାଗିଛି। ଅଭିନେତା ଏସ୍. ଦେବନ ରବିବାର କାନାଚିକୁଲାଙ୍ଗରା ଦେବୀ ମନ୍ଦିରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେରଳମ୍ ବିଜେପି ରାଜ୍ୟ ଉପସଭାପତି ପଦ ଓ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେବାର ଘୋଷଣା କରିଛନ୍ତି। ଶ୍ରୀ ନାରାୟଣ ଧର୍ମ ପରିପାଳନ ଯୋଗମ୍ ମହାସଚିବ ଭେଲ୍ଲାପଲ୍ଲୀ ନାଟେସନ ଓ ବିଜେପି ନେତା ବି ରାଧାକ୍ରିଷ୍ଣ ମେନନଙ୍କ ଉପସ୍ଥିତିରେ ସେ ଏହି ଘୋଷଣା କରିଛନ୍ତି। ବିଜେପି ରାଜ୍ୟ ଉପସଭାପତି ପଦରୁ ଇସ୍ତଫା ଦେଇ ଦେବନ କହିଛନ୍ତି, ମୁଁ ଯେଉଁ ରାଜନୀତିରେ ବିଶ୍ୱାସ କରେ ତାହା ଶ୍ରୀ ନାରାୟଣ ଗୁରୁଙ୍କ ଆଦର୍ଶ, ନୀତି ଓ କାର୍ଯ୍ୟକ୍ରମ ଉପରେ ଆଧାରିତ।କେରଳମ୍ରେ ବିଜେପିରେ ଯୋଗଦେବା ପରଠାରୁ ଗତ ପାଞ୍ଚ ବର୍ଷ ମଧ୍ୟରେ ମୁଁ ଅନୁଭବ କରିଛି ଯେ, ମୁଁ ସେହି ପଥ ଅନୁସରଣ କରିପାରିବି ନାହିଁ। ମୋର ରାଜନୈତିକ ଚିନ୍ତାଧାରା ଭିନ୍ନ ଥିଲା। ଦେବନ କେରଳ ପିପୁଲ୍ସ ପାର୍ଟି ଗଠନ କରି ତାଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ, ଯାହାର ନାମ ୨୦୨୦ ମସିହାରେ ନବ କେରଳ ପିପୁଲ୍ସ ପାର୍ଟି ରଖାଯାଇଥିଲା। ସେ ୨୦୨୧ ମସିହାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହିତ ସାକ୍ଷାତ୍ ପରେ ତାଙ୍କ ଦଳକୁ ବିଜେପିରେ ମିଶ୍ରଣ କରିଥିଲେ, ଯାହା ପରେ ତାଙ୍କୁ ବିଜେପିର ରାଜ୍ୟ ଉପସଭାପତି ଭାବରେ ନିଯୁକ୍ତ କରାଯାଇଥିଲା।



## ଏୟାରପୋର୍ଟରେ ଫୁଟିଲା ଗୁଳି, ୨ ଆହତ

ବାରଣାସୀ: ରବିବାର ପ୍ରତ୍ୟୁଷରେ ଉତ୍ତର ପ୍ରଦେଶର ବାରଣାସୀ ବିମାନବନ୍ଦରରେ ଗୁଳିକାଣ୍ଡ ଘଟିଛି। ଏହି ଘଟଣାରେ ଦୁଇଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ଜଣେ ମହିଳା ଏବଂ ଜଣେ ଯୁବକ ଅଛନ୍ତି। ଆଜମଗଡ଼ର ଜଣେ ଯାତ୍ରୀଙ୍କ ପିସ୍ତଲରୁ ଗୁଳି ଫୁଟିଥିଲା ବୋଲି କୁହାଯାଉଛି। ଯାତ୍ରୀ ଜଣକ ତାଙ୍କ ପିସ୍ତଲ ଏବଂ ପତ୍ରିକା ଘୋଷଣା କରିଥିଲେ। ରିପୋର୍ଟ ଅନୁଯାୟୀ, ପିସ୍ତଲଟି ହଠାତ୍ ଗୁଳି ଫୁଟିଥିଲା ଏବଂ ଭୂମି ସହିତ ସଂଘର୍ଷ କରିବା ପରେ, ଏହା ପାଖରେ ଠିଆ ହୋଇଥିବା ଜଣେ ଯୁବକ ଏବଂ ମହିଳାଙ୍କୁ ବାଜିଥିଲା। ରିପୋର୍ଟ ହୋଇଛି ଯେ ଯାତ୍ରୀ କମଲେଶ କେଦାରନାଥ ରାୟ ବାରାଣାସୀରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନ ଆଏକ୍ସ ୧୮୧୦ ରେ ଯାତ୍ରା କରୁଥିଲେ। ସେ ନିୟମ ଅନୁଯାୟୀ ଚେକ୍-ଇନ୍ କାଉଣ୍ଟରରେ ତାଙ୍କର ଲାଇସେନ୍ସପ୍ରାପ୍ତ ୭.୬୨ ଏମଏମ ପିସ୍ତଲ ଏବଂ ୨୧ ଜୀବନ୍ତ କାର୍ଟ୍ରିଜ୍ ଥିବା ପ୍ରକାଶ କରିଥିଲେ। ତା'ପରେ ଯାତ୍ରୀଙ୍କୁ ବାଧ୍ୟତାମୂଳକ ସୁରକ୍ଷା ଯାଞ୍ଚ ଏବଂ ଅସ୍ତ୍ର ସମ୍ବନ୍ଧୀୟ ଔପଚାରିକତା ପାଇଁ ନିର୍ଦ୍ଦିଷ୍ଟ ସ୍କ୍ରିନିଂ ଅଞ୍ଚଳକୁ ନିଆଯାଇଥିଲା। ଅସ୍ତ୍ର ପରିଚାଳନା ଏବଂ ଯାଞ୍ଚ ସମୟରେ ଏହି ଗୁଳିକାଣ୍ଡ ଘଟିଥିଲା। ଏଥିରେ ଦୁଇଜଣ ସ୍କ୍ରିନିଂ କର୍ମଚାରୀ ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ନୂତନ ଲକ୍ଷ୍ମୀ ଟ୍ରମା ସେଣ୍ଟରକୁ ନିଆଯାଇଥିଲା। ଘଟଣା ସମ୍ପର୍କରେ ତୁରନ୍ତ ସ୍ଥାନୀୟ ପୋଲିସକୁ ରିପୋର୍ଟ କରାଯାଇଥିଲା। ଏହା ପରେ ଯାତ୍ରୀଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯା ଇଥିଲା। ଅପରପକ୍ଷରେ ବିମାନବନ୍ଦରରେ ଲାଇସେନ୍ସପ୍ରାପ୍ତ ଅସ୍ତ୍ରଶସ୍ତ୍ର ପରିଚାଳନା ଏବଂ ବହନ କରିବା ପାଇଁ ନିର୍ଦ୍ଧାରିତ ସୁରକ୍ଷା ପ୍ରକ୍ରିୟା ପାଳନ କରାଯାଇଥିଲା କି ନାହିଁ ତାହା ତଦନ୍ତ କରାଯାଉଛି।

## ଷ୍ଟେସନର ସ୍ୱଚ୍ଛତା, ଯାତ୍ରୀ ସୁବିଧାକୁ ନେଇ ସିଏଜି ରିପୋର୍ଟରେ ସାଂଘାତିକ ତଥ୍ୟ

ନୂଆଦିଲ୍ଲୀ: ଦେଶର ବଡ଼ ବଡ଼ ରେଳ ଷ୍ଟେସନରେ ଯାତ୍ରୀଙ୍କ ପାଇଁ ଉପଲବ୍ଧ ପାଣି, ଶୌଚାଳୟ ଓ ଅନ୍ୟାନ୍ୟ ସୁବିଧାର ଦୁର୍ବଳ ସ୍ଥିତି ସାମ୍ନାକୁ ଆସିଛି। ଅଗଷ୍ଟ ୧୨ରେ ସଂସଦରେ ଉପସ୍ଥାପିତ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରେ ଦେଶର ଅନେକ ଷ୍ଟେସନର ୱାଟର କୁଲରରୁ ସଂଗୃହୀତ ପିଇବା ପାଣି ନମୁନାରେ ଇ-କୋଲାଇ ବ୍ୟାକ୍ଟେରିଆ ମିଳିଥିବା କୁହାଯାଇଛି। ମଣିଷର ମଳରେ ସାଧାରଣତଃ ମିଳୁଥିବା ଏହି ବ୍ୟାକ୍ଟେରିଆ ପାଣି ପ୍ରଦୂଷଣର ଚିନ୍ତାଜନକ ସଙ୍କେତ ବୋଲି ଧରାଯାଏ। ସିଏଜିର 'ଭାରତୀୟ ରେଳର ଅଣ-ଉପନଗରୀୟ ରେଳ ଷ୍ଟେସନରେ ଯାତ୍ରୀ ସୁବିଧା ଓ ସ୍ୱଚ୍ଛତା' ସମ୍ପର୍କିତ ରିପୋର୍ଟରେ ଦକ୍ଷିଣ ରେଳର କୋଏମ୍ବାଟୁର ଓ ପାଲକ୍କଡ, ଦକ୍ଷିଣ-ମଧ୍ୟ ରେଳର ହାଇଦ୍ରାବାଦ, ମଧ୍ୟ ରେଳର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍, ଭିୱାଣ୍ଡି ରୋଡ୍, କଲ୍ୟାଣ ଓ ଲୋନାବଲା ଏବଂ ପୂର୍ବ ରେଳର ମଧୁପୁର ଷ୍ଟେସନର ପାଣି ନମୁନାରେ ଇ-କୋଲାଇ ମିଳିଥିବା ଉଲ୍ଲେଖ ରହିଛି। ୨୦୨୨-୨୩ରେ ୮ଟି ଜୋନ୍ର ପ୍ରାୟ ୪୯ ଷ୍ଟେସନ ଏବଂ ୨୦୨୩-୨୪ରେ ପ୍ରାୟ ୫୬ ଷ୍ଟେସନର ପାଣି ନମୁନାରେ ମଧ୍ୟ ଏହି ବ୍ୟାକ୍ଟେରିଆ ମିଳିଥିଲା। ଷ୍ଟେସନରେ ଯାତ୍ରୀ ସୁବିଧା ପାଇଁ ରେଳ ବୋର୍ଡ ଜାରି କରିଥିବା ନିର୍ଦ୍ଦେଶର ମଧ୍ୟ ଠିକ୍ ଭାବେ ପାଳନ ହେଉନଥିବା ରିପୋର୍ଟରେ କୁହାଯାଇଛି। କ୍ୟାଗ୍ ୫୧୨ଟି ଷ୍ଟେସନ ଯାଞ୍ଚ କରିଥିବା ବେଳେ ୪୫୮ଟି ଷ୍ଟେସନ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ସୁବିଧା ଯୋଗାଇବାରେ ବିଫଳ ହୋଇଥିଲା। ଏହି ଷ୍ଟେସନଗୁଡ଼ିକରେ ଆବଶ୍ୟକ ଯାତ୍ରୀ ସୁବିଧା ନଥିଲା। ଦେଶର ଅନ୍ୟ ପ୍ରମୁଖ ଷ୍ଟେସନଗୁଡ଼ିକ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ଏନ୍ଏସ୍ଜି-୧ ଶ୍ରେଣୀର ନୂଆଦିଲ୍ଲୀ, ଶିଆଲଦା, ହାୱଡ଼ା ଓ ମୁମ୍ବାଇ ସେଣ୍ଟ୍ରାଲ୍ ଭଳି ଷ୍ଟେସନରେ ମଧ୍ୟ ସ୍ୱଚ୍ଛତା, ବସିବା ବ୍ୟବସ୍ଥା, ଡଷ୍ଟବିନ୍ ଓ ଟ୍ରେନ୍ ସୂଚନା ବୋର୍ଡରେ ଅଭାବ ଦେଖାଯାଇଛି। ୧୨ଟି ଷ୍ଟେସନରେ ପାଣି ଟ୍ୟାପ୍, ୮ଟି ଷ୍ଟେସନରେ ପଙ୍ଖା ଓ ୮ଟିରେ ୱାଟର କୁଲର୍ ଓ ୫ଟି ଷ୍ଟେସନରେ ସାଇନ୍ବୋର୍ଡ ଭଳି ଆବଶ୍ୟକ ସୁବିଧାର ଅଭାବ ରହିଥିଲା। ସିଏଜି ରେଳବାଇକୁ ପାଣି ଯୋଗାଣ ବ୍ୟବସ୍ଥା ଯାଞ୍ଚ କରିବା ସହ ପାଣିର ଗୁଣବତ୍ତା ପରୀକ୍ଷା ପାଇଁ ନିର୍ଦ୍ଧାରିତ ପ୍ରୋଟୋକଲ୍ କଡ଼ାକଡ଼ି ଭାବେ ପାଳନ କରିବାକୁ ସୁପାରିସ କରିଛି।



# ପଡିକାଲଙ୍କ ଶତକ, ଜୁରେଲଙ୍କ ଅର୍ଦ୍ଧଶତକ : ଭାରତ ୪୬୦/୯

## ଗାଲେ ଟେଷ୍ଟ

କଲମ୍ବୋ, ୧୬।୮ (ଏଜେନ୍ସି) : ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ ଗାଲେରେ ଖେଳାଯାଉଛି। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୧୧୬ ଓଭରରେ ୯ ୱିକେଟ ହରାଇ ୪୬୦ ରନର ବଡ ସ୍କୋର କରିଛି। ଦେବଦୂତ ପଡିକାଲ ୧୬୭, ଲୋକେଶ ରାହୁଲ ୮୨ ଓ ଧ୍ରୁବ ଜୁରେଲ ୫୧ ରନର ଇନିଂସ ଖେଳିଛନ୍ତି। ବର୍ଷା ପ୍ରଭାବିତ ଏହି ଦ୍ୱିତୀୟ ଦିନରେ ପିଚର ସ୍ଥିତି ବୋଲରଙ୍କ ପାଇଁ ଅନୁକୂଳ ଥିଲେ ମଧ୍ୟ ଭାରତୀୟ ଦଳ ମଜଭୁତ ସ୍ଥିତିରେ ପହଞ୍ଚିଯାଇଛି। ଆହତ ସାଇ ସୁଦର୍ଶନଙ୍କ ସ୍ଥାନରେ ୩ ନଂରେ ବ୍ୟାଟିଂ କରିବାକୁ ଆସିଥିବା କର୍ଣ୍ଣାଟକର ଦେବଦୂତ ପଡିକାଲ ପ୍ରଥମ ଦିନ ଅପରାଜିତ ୧୩୧ ରନ କରିଥିଲେ। ଦ୍ୱିତୀୟ ଦିନରେ ସେ ନିଜର ଦମଦାର ବ୍ୟାଟିଂ ଜାରି ରଖିବ ୧୬୭ ରନର ଇନିଂସ ଖେଳିଛନ୍ତି। ଚାପପୂର୍ଣ୍ଣ ସ୍ଥିତିରେ ଧ୍ରୁବ ଜୁରେଲ




୫୧ ରନର ମୂଲ୍ୟବାନ ଇନିଂସ ଖେଳିଛନ୍ତି। ମାନବ ସୁତାରଙ୍କ ସହ ମିଶି ସପ୍ତମ ୱିକେଟ ପାଇଁ ୫୦ ରନର ପାର୍ଟନରସିପ୍ କରିଥିଲେ। ସେମାନଙ୍କ ବ୍ୟତୀତ ଲୋକେଶ ରାହୁଲ ୮୨ ରନ ଏବଂ ରିଷଭ ପନ୍ତ ୩୯ ରନ କରି ଦ୍ୱିତୀୟ ଦିନ ନିରାଶ କରିଛନ୍ତି। ପ୍ରଥମ ଦିନ ୭୭ ରନ କରି କ୍ରାମ୍ପ ଯୋଗୁଁ ରିଟାୟାର୍ଡ ହର୍ଟ୍ ହୋଇଥିବା ରାହୁଲ ଦ୍ୱିତୀୟ ଦିନ ମାତ୍ର ୫ ରନ ଯୋଡି ପାରିଥିଲେ। ପନ୍ତ ମଧ୍ୟ ପୂର୍ବ ସ୍କୋରରେ ମାତ୍ର ୧୨ ରନ ଯୋଡିବାକୁ ସମର୍ଥ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ପ୍ରଭାତ ଜୟସୁରିଆ ଏବଂ କେଶରା ନୁଆନ୍ଥା ମିଳିତ ଭାବେ ୭ ୱିକେଟ ହାସଲ କରି ଭାରତୀୟ ମିଡିଲ ଅର୍ଡରକୁ ଝଟକା ଦେଇଥିଲେ। ପ୍ରଥମ ଦିନରେ ଓପନର ଯଶସ୍ୱୀ ଜୟସ୍ୱାଲ ୩୨ ରନ କରି ରନଆଉଟ୍ ହେବା ପରେ ପଡିକାଲ ଓ ରାହୁଲ ଦ୍ୱିତୀୟ ୱିକେଟ ପାଇଁ ୧୫୦ ରନର ପାର୍ଟନରସିପ୍ କରିଥିଲେ। ତେଣୁ ଭାରତ ପ୍ରଥମ ଦିନ ଶେଷ ସୁଦ୍ଧା ୨୮୮/୨ ସ୍କୋରରେ ପହଞ୍ଚିଥିଲା। ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଭାରତ ୪୬୦ ରନର ବିଶାଳ ସ୍କୋର କରି ମଜଭୁତ ସ୍ଥିତିରେ ରହିଛି।

## ମହିଳା ହକି ବିଶ୍ୱକପ୍

# ଭାରତ -ଚୀନ ମ୍ୟାଚ ଡ୍ର



ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି) : ସଲିମା ଟେଟେଙ୍କ ଅଧିନାୟକତ୍ୱରେ ଭାରତୀୟ ମହିଳା ହକି ଦଳ ନେଦରଲ୍ୟାଣ୍ଡସ୍‌ର ଆମଷ୍ଟେଲଭିନ୍ ଠାରେ ଖେଳାଯାଇଥିବା ମହିଳା ହକି ବିଶ୍ୱକପ୍ର ପ୍ରଥମ ମ୍ୟାଚରେ ଅଲିମ୍ପିକ୍ ରୌପ୍ୟ ପଦକ ବିଜୟୀ ଚୀନ ସହ ୨-୨ ଗୋଲରେ ମ୍ୟାଚ ଡ୍ର ରଖିଛି। ପ୍ୟାରିସ୍ ଅଲିମ୍ପିକ୍ସରେ ଚୀନ ରୌପ୍ୟ ଜିତିଥିଲା। ଏହି ମ୍ୟାଚରେ ଭାରତୀୟ ଦଳ ଦୁଇଥର ଅଗ୍ରଣୀ ହାସଲ କରିଥିଲେ ସୁଦ୍ଧା ମ୍ୟାଚକୁ ଜିତିବାରେ ସମର୍ଥ ହୋଇନଥିଲା। ମ୍ୟାଚର ଅଷ୍ଟମ ମିନିଟରେ ନେହାଙ୍କ ପାସ୍‌କୁ ଗୋଲରେ ପରିଣତ କରି ନବନୀତ ଭାରତକୁ ୧-୦ରେ ଆଗୁଆ କରିଥିଲେ। ୧୫ ତମ ମିନିଟରେ ଶିଲ୍ପୀ ଡାବସଙ୍କ ଏକ ଫାଉଲ ଯୋଗୁଁ ଚୀନ ପେନାଲ୍ଟି ଷ୍ଟ୍ରୋକ୍ ପାଇଥିଲା। ଏହାକୁ ଚୀନ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ରେ ବରାବର କରିଥିଲା।

ପ୍ରଥମାର୍ଦ୍ଧ ବିରତୀର ୪ ମିନିଟ ପୂର୍ବରୁ ଦୀପିକା ପେନାଲ୍ଟି କର୍ଣ୍ଣରରୁ ଏକ ଚମତ୍କାର ଡ୍ରାଗ୍ ଫ୍ଲିଗ୍ ଜରିଆରେ ଗୋଲ କରି ଭାରତକୁ ୨-୧ରେ ଆଗୁଆ କରିଥିଲେ । ଦ୍ୱିତୀୟାର୍ଦ୍ଧରେ (ତୃତୀୟ କ୍ୱାର୍ଟର) ଆକ୍ରମଣ କରି ୩୯ତମ ମିନିଟରେ ମା ନିଙ୍ଗଙ୍କ ପେନାଲ୍ଟି କର୍ଣ୍ଣର ଗୋଲ ବଳରେ ସ୍ଥିତି ୨-୨ ହୋଇଥିଲା। ଚତୁର୍ଥ କ୍ୱାର୍ଟର ଉଭୟ ଦଳର ବିଜୟ ଗୋଲ ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା ସଫଳ ହୋଇନଥିଲେ। ମଙ୍ଗଳବାର ଭାରତୀୟ ମହିଳା ହକି ଦଳ ପରବର୍ତ୍ତୀ ମ୍ୟାଚରେ ଦ. ଆଫ୍ରିକାକୁ ଭେଟିବ।



## କମନୱେଲ୍ଥ ଫେନସିଙ୍ଗ ଚାମ୍ପିଅନସିପ୍

# ପଦକ ବିଜେତାଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୧୬।୮ (ସବ୍ୟୁ) : କମନୱେଲ୍ଥ ଫେନସିଙ୍ଗ ଚାମ୍ପିଅନିସିପରେ ଚମତ୍କାର ପ୍ରଦର୍ଶନ କରି ପଦକ ଜିତିଥିବା ଓଡିଶା ଖେଳାଳିମାନେ ଭୁବନେଶ୍ୱର ଫେରିଛନ୍ତି। ସେମାନଙ୍କର ଗୌରବମୟ ସଫଳତା ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ ଓଡିଶାର ସଭାପତି ଖେଳାଳିମାନଙ୍କ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇବା ପାଇଁ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ମଞ୍ଚରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଏହି ପ୍ରତିଭାବାନ ଖେଳାଳିମାନେ ଓଡିଶା ତଥା ଭାରତର ଗୌରବ ବଢାଇଛନ୍ତି। ସେମାନଙ୍କର ଏହି ଐତିହାସିକ ସଫଳତା ପାଇଁ ବହୁ ସଂଖ୍ୟାରେ କ୍ରୀଡାପ୍ରେମୀ ଶୁଭେଚ୍ଛା ଜଣାଇବା ସହ ପଦକ ବିଜେତାଙ୍କୁ ଖୋଲା ଜିପ୍‌ରେ ବସାଇ ବିମାନ ବନ୍ଦରରୁ ଅଣାଯାଇଥିଲା।

# ଅଷ୍ଟ୍ରେଲିଆକୁ ଧରାଶାୟୀ କଲା ବାଂଲାଦେଶ

## ପ୍ରଥମ ଟେଷ୍ଟ



ଡାରୱିନ୍, ୧୬।୮ (ଏଜେନ୍ସି) : ଅଷ୍ଟ୍ରେଲିଆ ମାଟିରେ ଐତିହାସିକ ବିଜୟ ହାସଲ କରିଛି ବାଂଲାଦେଶ। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ବାଂଲାଦେଶର ବଡ ବିଜୟ। ଡାରୱିନରେ ଅଷ୍ଟ୍ରେଲିଆକୁ ୯ ୱିକେଟରେ ପରାଜିତ କରିଛି ବାଂଲାଦେଶ। ୫୭ ରନର ବିଜୟ ଲକ୍ଷ୍ୟକୁ ମାତ୍ର ଗୋଟିଏ ୱିକେଟ ହରାଇ ବାଂଲାଦେଶ ହାସଲ କରିନେଇଛି। ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଥର ଅଷ୍ଟ୍ରେଲିଆକୁ ହରାଇଛି ବାଂଲାଦେଶ। ୧୫୯ ତମ ଟେଷ୍ଟ ମ୍ୟାଚ ଖେଳିଥିବା ବାଂଲାଦେଶ ୨୮ତମ ବିଜୟ ହାସଲ କରିଛି। ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ପ୍ରଥମ ଇନିଂସରେ ଘରୋଇ ଦଳ ମାତ୍ର ୧୯୮ ରନ କରିବାକୁ ସକ୍ଷମ ହୋଇଥିଲା। ବାଂଲାଦେଶର ହସମ ମହମ୍ମଦ ୬ ୱିକେଟ ନେଇଥିବା ବେଳେ ହାସନ ଏବଂ ଅହମ୍ମଦ ଦୁଇଟି ଲେଖାଏଁ ୱିକେଟ୍ ନେଇଛନ୍ତି। ଜବାବ୍‌ରେ ବାଂଲାଦେଶ ପ୍ରଥମ ଇନିଂସରେ ୪୨୬ ରନର ବଡ ସ୍କୋର କରିଥିଲା। ଦଳ ପକ୍ଷରୁ ହାସନ ତମିମ୍ ଶତକ ହାସଲ କରିଥିଲେ। ୨ୟ ଇନିଂସର ଅଷ୍ଟ୍ରେଲିଆ ୨୮୪ ରନ କରିବାକୁ ସକ୍ଷମ ହୋଇଥିଲା। ଅଲରାଉଣ୍ଡର କାମେରୁନ ଗ୍ରୀନ୍ ଶତକ ହାସଲ କରିଥିଲେ। ଏହା ସତ୍ତ୍ୱେ ଦଳ ୨୮୪ ରନରେ ସୀମିତ ରହିଥିଲା। ବାଂଲାଦେଶର ମେହିଦି ସର୍ବାଧିକ ୫ ଟି ୱିକେଟ ନେଇଥିଲେ। ହସନ ମେହମୁଦ ୩ ଟି ଓ ତକସିନ୍ ଅହମ୍ମଦ ଗୋଟିଏ ୱିକେଟ ନେଇଥିଲେ। ଶେଷରେ ବାଂଲାଦେଶ ପାଇଁ ମାତ୍ର ୫୭ ରନର ବିଜୟ ଲକ୍ଷ୍ୟ ମିଳିଥିଲା। ଏହି ଲକ୍ଷ୍ୟକୁ ବାଂଲଦେଶ ମାତ୍ର ଗୋଟିଏ ୱିକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ବାଂଲାଦେଶ ୧-୦ରେ ଆଗୁଆ ରହିଛି। ପ୍ରଥମ ଟେଷ୍ଟର ଚତୁର୍ଥ ଦିନ ହିଁ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ୨୩ ବର୍ଷ ପରେ ଅଷ୍ଟ୍ରେଲିଆରେ ଟେଷ୍ଟ ଖେଳିଥିବା ବାଂଲାଦେଶ ଦଳ ଏଥର ଇତିହାସ ବଦଳାଇ ଦେଇଛି।

# ୨୦ରୁ ରାଉରକେଲାରେ ରାଜ୍ୟ ଓପନ ଫିଡେ ରେଟିଂ ଚେସ୍

ରାଉରକେଲା, ୧୬।୮ (ସବ୍ୟୁ) : ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ସୁନ୍ଦରଗଡ଼ ଜିଲ୍ଲା ଚେସ୍ ସଂଘର ସହଯୋଗରେ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଆସନ୍ତା ୨୦ରୁ ୨୩ ଅଗଷ୍ଟ ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ଓଡ଼ିଶା ରାଜ୍ୟ ଓପନ୍ ଓ ବାଳିକା ଚୟନ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚାରିଦିନିଆ ଏହି ପ୍ରତିଯୋଗିତାରେ ୯୦ ମିନିଟ୍ + ପ୍ରତି ଚାଲରେ ୩୦ ସେକେଣ୍ଡ ଇନକ୍ରିମେଣ୍ଟ ସମୟ ନିୟମରେ ସମୁଦାୟ ୮ ଟି ରାଉଣ୍ଡ ଖେଳାଯିବ। ୨୦୦୯ ମସିହା କିମ୍ବା ତା'ପରେ ଜନ୍ମଗ୍ରହଣ କରିଥିବା ଓଡ଼ିଶାର ୧୭ ବର୍ଷରୁ କମ୍ ବୟସର ଚେସ୍ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତାର ଓପନ୍ ଓ ବାଳିକା ବିଭାଗର ଶ୍ରେଷ୍ଠ ଦୁଇଜଣ ଖେଳାଳି ଆସନ୍ତା ୨୮ ସେପ୍ଟେମ୍ବରରୁ ୬ ଅକ୍ଟୋବର ପର୍ଯ୍ୟନ୍ତ ଜାମ୍ମୁରେ ହେବାକୁ ଥିବା ଜାତୀୟ ୧୭ ବର୍ଷରୁ କମ୍ ଚେସ୍ ଚୟନ ପ୍ରକ୍ରିୟାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ପ୍ରତିଯୋଗିତାରେ ମୋଟ ୩୦,୦୦୦ ଟଙ୍କାର ନଗଦ ପୁରସ୍କାର ସହିତ ୪୪ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଉଭୟ ବିଭାଗର ଚାମ୍ପିଅନଙ୍କୁ ୩,୦୦୦ ଟଙ୍କା ଓ ଟ୍ରଫି, ରନର୍ସ-ଅପଙ୍କୁ ୨,୫୦୦ ଟଙ୍କା ଓ ଟ୍ରଫି ଏବଂ ତୃତୀୟ ସ୍ଥାନ ଅଧିକାରୀଙ୍କୁ ୧,୫୦୦ ଟଙ୍କା ଓ ଟ୍ରଫି ସହିତ ଶ୍ରେଷ୍ଠ ୧୦ ଜଣଙ୍କୁ ନଗଦ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯିବ। ଏହା ସହିତ ୭, ୯, ୧୧ ଓ ୧୩ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ଶ୍ରେଷ୍ଠ ତିନିଜଣ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ ଖେଳାଳିଙ୍କୁ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯିବ।

# ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୧୬।୮ (ସବ୍ୟୁ) : ସମେଇଗାଡ଼ିଆ ସ୍ଥିତ ଜେ ଏମ ସ୍ପୋର୍ଟ୍ସ ଏକାଡେମୀ ଗତ ୧୫ ତାରିଖ ୮୦ତମ ସ୍ୱାଧୀନତା ଦିବସ ସହିତ ଏକାଡେମୀ ୧୩ତମ ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ଏକାଡ଼େମୀର ଅଧକ୍ଷା ଶ୍ରୀମତୀ ମୀରା ରାଣୀ ଦାସ ପତାକା ଉତ୍ତୋଳନ କରିଥିବା ବେଳେ ଏକାଡେମୀ ସମସ୍ତ ପିଲାମାନେ, ଅଭିଭାବକ ଓ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ବନ୍ଦେ ମାତରଂ ସହିତ ଜାତୀୟ ସଙ୍ଗୀତ ଗାନ କରିଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ପିଲାମାନଙ୍କ ମଧ୍ୟରେ ନାଚ,ଗୀତ, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହିତ ସମସ୍ତ ପିଲାମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଏହା ସହିତ କେକ କଟାଯିବା ସହିତ ସମସ୍ତଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ପିଲାମାନେ କିପରି ଜଣେ ଜଣେ ଉତ୍ତମ ନାଗରିକ ହୋଇ ଦେଶ ତଥା ନିଜର ସୁରକ୍ଷା କରି ପାରିବେ ସେ ବିଷୟରେ ଏକାଡେମୀର ସଂପାଦକ ଯଶୋବନ୍ତ ଦାସ ଆଲୋଚନା କରିଥିଲେ। ଏକାଡେମୀର ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ କର୍ମକର୍ତ୍ତା ଏବଂ ଅଭିଭାବକ ମାନେ ସହଯୋଗ କରିଥିଲେ।

## ଜୟନ୍ତ ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଲୋୟଲାକୁ ହରାଇଲା ସାଇ ଇଣ୍ଟରନ୍ୟାସନାଲ




ଭୁବନେଶ୍ୱର, ୧୬।୮ (ସବ୍ୟୁ) : ୟୁନିଟ୍ ୧ ସ୍ଥିତ ଫୁଟବଲ ଗ୍ରାଉଣ୍ଡରେ ଭୁବନେଶ୍ୱରର ଜଣାଶୁଣା କ୍ଲବ ୟୁନିଟ୍ ୬ ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୩୫ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ୮-୦ ଗୋଲରେ ଲୋୟଲା ଓଡିଆ ସ୍କୁଲକୁ ପରାଜିତ କରିଛି। ଏହି ମ୍ୟାଚରେ ବିଜୟୀ ସାଇ ଇଣ୍ଟରନ୍ୟାସନାଲ ପକ୍ଷରୁ ଶୁଭମ୍ ମହାପାତ୍ର ୨ ଟି, ଟି ସେନାପତି ୧ଟି, ରାୟନ ୟାଜଦାନି ୨ ଟି, ଆର୍ଯ୍ୟନ ପଣ୍ଡା ୨ଟି ଏବଂ ସାଙ୍ଖଶ ସାହୁ ଗୋଟିଏ ଗୋଲ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ରାୟନ ୟାଜଦାନିଙ୍କୁ ପୂର୍ବତନ କ୍ରୀଡାବିତ୍ ସାନ୍ତନୁ କୁମାର ରାଉତରାୟ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ଶେଖାୱତ ଅଲ୍ଲିଖାନ, ସାଫିକ୍‌ଉଲ୍ଲ ଖାନ, ସାଇଗ୍ରାମ କିସ୍କୁ, ସୁରଜିତ ପାଇକରାୟ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

# ଉପେନ୍ଦ୍ର ନାୟକ ସ୍ମାରକୀ ସ୍କୁଲ ଓପନ ଚେସ୍

## ଧ୍ରୀତିମାନ ବିଜେତା

ଭୁବନେଶ୍ୱର, ୧୬।୮ (ସବ୍ୟୁ) : ଓଡିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଷଷ୍ଠ ଉପେନ୍ଦ୍ର ନାୟକ ସ୍ମାରକୀ ରାଜ୍ୟସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଧ୍ରୀତିମାନ ଦେ ଚାମ୍ପିଅନ ହୋଇଛନ୍ତି। ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଧ୍ରୀତିମାନ ମୋଟ ୪ ପଏଣ୍ଟ ଅର୍ଜନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚନ୍ଦ୍ରତ ପୁହାଣ ଦ୍ୱିତୀୟ, ସାଇ କ୍ରୀଷ୍ଣା ସାମଲ ତୃତୀୟ, ଶୁଭମ୍ କୁମାର ଷଡଙ୍ଗୀ ଚତୁର୍ଥ, ଓମ୍ ଶତପଥି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ୭,୯,୧୧, ୧୩ ଏବଂ ବାଳିକା ବର୍ଗରେ ୨ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୬ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଦ୍ୱାରକାମୟୀ



ଆସୋସିଏଟ୍‌ର ପରିଚାଳନା ନିର୍ଦ୍ଦେଶକ ରମାକାନ୍ତ ଆଚାର୍ଯ୍ୟ, ରୟାଲ ପବ୍ଲିକ ସ୍କୁଲର ପ୍ରିନସିପାଲ ସର୍ବେଶ୍ୱର ସାମଲ, ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ଡିଏସ୍‌ପି ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଫାଓ ଲିଗ୍

# ଓଡିଶା ପୋଲିସ ଚାମ୍ପିଅନ

ଭୁବନେଶ୍ୱର, ୧୬।୮ (ସବ୍ୟୁ) : ଏମ୍‌ଜିଏମ୍ ଫାଓ ଲିଗରେ ଓଡିଶା ପୋଲିସ ଚାମ୍ପିଅନ ହୋଇଛି। ରବିବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ଓଡିଶା ପୋଲିସ ୫-୧ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ଧରାଶାୟୀ କରିଥିଲା। ପରାଜିତ ୟଙ୍ଗ୍ ଉତ୍କଳ କ୍ଲବ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଚାମ୍ପିଅନ ଓଡିଶା ପୋଲିସକୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ଏବଂ ରନର୍ସ ଅପ୍ ୟଙ୍ଗ ଉତ୍କଳ କ୍ଲବକୁ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ଫାଓ ଡାଇମନଲିଗ୍ ବିଜେତା ସନରାଇଜ କ୍ଲବ ୧ ଲକ୍ଷ




ଟଙ୍କା, ଫାଓ ଗୋଲ୍ଡଲିଗ୍ ବିଜେତା ମଙ୍ଗଳା କ୍ଲବକୁ ୭୫ ହଜାର ଟଙ୍କା ଏବଂ ଫାଓ ସିଲଭର ଲିଗ୍ ଚାମ୍ପିଅନ ଇଲେଭେନ୍ ଗନ୍ କ୍ଲବକୁ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଓଡିଶା କ୍ରିକେଟ୍ ଆସୋସିଏସନ୍ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏଏସ୍ ସୋନାଲି ଚାନ୍ଦ, ଫାଓ ଉପସଭାପତି ବିଜୟ ଦାସ, ଦିଲ୍ଲୀପ ସାହୁ, ସହଦେବ ରାଉତ, ସମ୍ପାଦକ ଆର୍ଶୀବାଦ ବେହେରା, କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଶ୍ୱ ରଞ୍ଜନ ଘଡେଇଙ୍କ ସହ ଫାଓର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ସ୍ୱାଧୀନତା ଦିବସରେ ମାଉଣ୍ଟ ୟୁନମରେ ଉଡ଼ିଲା ତ୍ରିରଙ୍ଗା

ଭୁବନେଶ୍ୱର, ୧୬।୮ (ସବ୍ୟୁ) : ଓଡ଼ିଶାର ପର୍ବତାରୋହଣ ଓ ଦୁଃସାହସିକ କ୍ରୀଡ଼ା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଓଡ଼ିଶାର ୧୧ ଜଣିଆ ପର୍ବତାରୋହୀ ଦଳର ୫ ଜଣ ମହିଳା ସଦସ୍ୟ ହିମାଚଳ ପ୍ରଦେଶର ୨୦,୧୦୦ ଫୁଟ ଉଚ୍ଚ ମାଉଣ୍ଟ ୟୁନମ ଶିଖର ସଫଳତାର ସହ ଆରୋହଣ କରି ୧୫ ଅଗଷ୍ଟରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ମାଉଣ୍ଟ ୟୁନମ ଶିଖରରେ ୮୦ ମିଟର ଲମ୍ବ ତ୍ରିରଙ୍ଗା ଉତ୍ତୋଳନ କରି ଦଳ ଦେଶପ୍ରେମ ଓ ଜାତୀୟ ଗୌରବର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ତିରଙ୍ଗାକୁ ଶିଖରରେ ଉତ୍ତୋଳନ କରିବାର ଏହି ମୁହୂର୍ତ୍ତ ସମଗ୍ର ଦଳ ପାଇଁ ଅତ୍ୟନ୍ତ ଗୌରବ ଓ ଭାବବିହ୍ୱଳତାର ମୁହୂର୍ତ୍ତ ଥିଲା। ଏଭେରେଷ୍ଟ ଆରୋହୀ ଗଣେଶ ଜେନାଙ୍କ ତତ୍ତ୍ୱାବଧାନରେ ଏବଂ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ଗତ ୭ ତାରିଖରେ ଓଡ଼ିଶାରୁ ୧୧ ଜଣିଆ ମହିଳା ଦଳ ମାଉଣ୍ଟ ୟୁନାମ ଆରୋହଣ ଲକ୍ଷ୍ୟରେ ଯାତ୍ରା ଆରମ୍ଭ କରିଥିଲେ। ଦୁର୍ଗମ ହିମାଳୟ ପରିବେଶ, ଅତ୍ୟଧିକ ଉଚ୍ଚତା ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦଳର ସଦସ୍ୟମାନେ ଦୃଢ଼ ମନୋବଳ, ଶୃଙ୍ଖଳା ଓ ଦଳଗତ ସହଯୋଗର ପରିଚୟ ଦେଇଥିଲେ। ଦଳର ଅନ୍ୟ ୩ ଜଣ ସଦସ୍ୟ ମଧ୍ୟ ଶିଖରର ଅତି ନିକଟରେ ପହଞ୍ଚିଥିଲେ; କିନ୍ତୁ




ଅସୁସ୍ଥତା କାରଣରୁ ସେମାନେ ଶେଷ ପର୍ଯ୍ୟାୟରେ ଶିଖରରେ ପହଞ୍ଚି ପାରିନଥିଲେ। ଦଳନେତ୍ରୀ ଅନିତା ସ୍ୱାଇଁ କହିଛନ୍ତି, "ମାଉଣ୍ଟ ୟୁନମ ଆମ ପାଇଁ କେବଳ ଏକ ପର୍ବତ ଶିଖର ନୁହେଁ; ଏହା ଓଡ଼ିଶାର ମହିଳାଙ୍କ ସାହସ, ଆତ୍ମବିଶ୍ୱାସ ଓ ଦୃଢ଼ ସଙ୍କଳ୍ପର ପ୍ରତୀକ। ଶୂନ୍ୟ ଦୁର୍ଘଟଣାରେ ଅଭିଯାନ ସଫଳ ହେବା ଆମ ପାଇଁ ଗର୍ବର ବିଷୟ।" 'ଆଶା'ର ସମ୍ପାଦକ ତଥା ଏଭେରେଷ୍ଟ ଆରୋହୀ ଗଣେଶ ଜେନା କହିଛନ୍ତି ଯେ ଦୀର୍ଘ ପ୍ରଶିକ୍ଷଣ, ଫିଟ୍ନେସ୍, ସହନଶୀଳତା ଓ ଉଚ୍ଚତା ଅନୁକୂଳନ ଏହି ସଫଳତାର ମୁଖ୍ୟ ଆଧାର। ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ କହିଛନ୍ତି, "ଏହି ସଫଳତା ନାରୀଶକ୍ତି, ସାହସ, ଦେଶପ୍ରେମ ଓ ଦୃଢ଼ ସଙ୍କଳ୍ପର ଏକ ପ୍ରେରଣାଦାୟୀ ଉଦାହରଣ। ଏହି ମହିଳାମାନେ ଓଡ଼ିଶାର ଗୌରବକୁ ହିମାଳୟର ଉଚ୍ଚତାକୁ ନେଇଛନ୍ତି।" 'ଆଶା'ର ଉପ-ସଭାପତି ହରେଶ କୁମାର ମିଶ୍ର କହିଛନ୍ତି "ମାଉଣ୍ଟ ୟୁନମ ଅଭିଯାନର ଏହି ସଫଳତା ଓଡ଼ିଶାର ଦୁଃସାହସିକ କ୍ରୀଡ଼ା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟର ଆରମ୍ଭ। ବିଶେଷକରି ମହିଳା ଓ ଯୁବପିଢ଼ିଙ୍କୁ ଏହା ନିଜ ସୀମାକୁ ଅତିକ୍ରମ କରି ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେବ। ମାଉଣ୍ଟ ୟୁନମ ଶିଖରରେ ୫ ଜଣ ମହିଳାଙ୍କ ସଫଳ ଆରୋହଣ, ବିଶାଳ ତ୍ରିରଙ୍ଗା ଉତ୍ତୋଳନ ଏବଂ ଶୂନ୍ୟ ଦୁର୍ଘଟଣାରେ ଅଭିଯାନ ସମାପ୍ତି ଓଡ଼ିଶାର ମହିଳା ପର୍ବତାରୋହଣ କ୍ଷେତ୍ରରେ ଏକ ଗୌରବମୟ ମାଇଲଖୁଣ୍ଟ ସୃଷ୍ଟି କରିଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି